

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 SEPTEMBER 2021

Vol.No. 32 ■ No. 230 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତାଲିବାନ ବିରୋଧରେ ସରିନି ବିଦ୍ରୋହୀ ସେନାଙ୍କ ଲଢେଇ



ନୂଆଦିଲ୍ଲୀ,୦୭/୦୯: ପଂଜଶୀରରେ ଶେଷ ହୋଇନି ଯୁଦ୍ଧ । ତାଲିବାନ ବିରୋଧରେ ସରିନି ବିଦ୍ରୋହୀ ସେନାଙ୍କ ଲଢେଇ । ସୋମବାର ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ ଘୋଷଣା କରି କହିଥିଲେ ଯେ, ପଂଜଶୀର ଉପରେ ତାଲିବାନ ଦଖଲ କରିଛି । ଏବେ ସମ୍ପୂର୍ଣ୍ଣ ତାଲିବାନ ପଂଜଶୀର ଅଧିନରେ । ତାଙ୍କର ଏହି ବୟାନର ୨୪ ଘଂଟା ନ ପୂରୁଣୁ ତାଲିବାନୀଙ୍କୁ ମିଳିଛି ଜବରଦସ୍ତ ଉତର । ପଂଜଶୀରରେ ଥିବା ତାଲିବାନୀଙ୍କ ଅଡ୍ଡା ଉପରେ ହୋଇଛି ଏୟାରଷ୍ଟ୍ରାଇକ୍ । ତାଲିବାନ ବିରୋଧରେ ପଂଜଶୀରରେ ଶେଷ ହୋଇନି ଯୁଦ୍ଧ । ପଂଜଶୀର ଉପରେ ଦଖଲର ତାଲିବାନ ଦାବି କରୁଥିବାବେଳେ, ତାର ଅଡ୍ଡା ଉପରେ ହୋଇଛି ଏୟାରଷ୍ଟ୍ରାଇକ୍ । କାବୁଲ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମଙ୍ଗଳବାର ଭୋରରୁ ପଂଜଶୀରରେ ଥିବା ତାଲିବାନର ଠିକଣାଗୁଡିକୁ ଟାର୍ଗେଟ କରି କରାଯାଇଛି ଏୟାରଷ୍ଟ୍ରାଇକ୍ । କିଛି ଅଜ୍ଞାତ ସାମରିକ ବିମାନ ଏହି ଏୟାରଷ୍ଟ୍ରାଇକ୍ କରିଥିବା ସୂଚନା ମିଳିଛି । ତେବେ ଏହି ଆକ୍ରମଣରେ ମୃତାହତଙ୍କ କୌଣସି ସୂଚନା ମିଳିନାହିଁ । ସେପଟେ ପଂଜଶୀରରେ ଉଭୟ ପକ୍ଷରୁ ଜାରି ରହିଛି ଗୁଳିଚାଳନା । ରାତି ଅନ୍ଧକାରରେ ବିଦ୍ରୋହୀ ସେନା ଓ ତାଲିବାନିଙ୍କ ମଧ୍ୟରେ ଜବରଦସ୍ତ ଫାୟାରିଂ ହେଉଥିବା ଦେଖିବାକୁ ମିଳିଛି । ସୋମବାର ପଂଜଶୀର କବ୍ଜା କରିଥିବା ନେଇ ତାଲିବାନ ଦାବି କରିଥିଲା । ପଂଜଶୀର ଗଭର୍ଣ୍ଣର ହାଉସ ଆଗରେ ଛିଡା ହୋଇ ତାଲିବାନି ନେତା ଉଡାଇଥିଲେ ପତାକା । ହେଲେ ଏହାର ୨୪ ଘଂଟା ଭିତରେ ତାଲିବାନକୁ ନର୍ଦନ ଆଲିଆନ୍ସ ଦେଇଛି କଡ୍ଡା ଜବାବ । ପଂଜଶୀର ସ୍ଥିତ ନର୍ଦନ ଆଲିଆନ୍ସ ତାଲିବାନକୁ କଡ୍ଡା ଟକ୍କର ଦେଇ ଆସୁଛି । ଆଉ ନର୍ଦନ ଆଲିଆନ୍ସ ବା ବିଦ୍ରୋହୀ ସେନା ବର୍ତମାନ ସୁଦ୍ଧା ହାର ମାନି ନାହାଁନ୍ତି । ଅହମ୍ମଦ ମାସୁଦ ଓ ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ଅମରୁଲ୍ଲାହ ସଲେହ ବିଦ୍ରୋହୀ ସେନାର ନେତୃତ୍ୱ ନେଉଛନ୍ତି । ସୋମବାର ପଂଜଶୀର ଦଖଲ କରିଥିବା ତାଲିବାନର ଦାବିକୁ ଏମାନେ ଖଣ୍ଡନ କରିଛନ୍ତି ମାସୁଦ କହିଛନ୍ତି, ମୃତ୍ୟୁ ପର୍ଯ୍ୟନ୍ତ ତାଲିବାନ ବିରୋଧି ତାଙ୍କ ଲଢେଇ ଜାରି ରହିବ । ପଂଜଶୀରକୁ ଦଖଲ କରିବା ପାଇଁ ଗତ ୨୫ ଦିନ ହେବ ତାଲିବାନିମାନେ ବିଦ୍ରୋହୀ ସେନାଙ୍କ ଉପରେ ଆକ୍ରମଣ କରି ଆସୁଛି । ଆଉ ପଂଜଶୀରକୁ ଦଖଲ କରିବା ପାଇଁ ତାଲିବାନକୁ ସାହାଯ୍ୟ କରିଛି ପାକିସ୍ତାନ । ସୋମବାର ପାକିସ୍ତାନ ସେନା ଡ୍ରୋନ୍ ଜରିଆରେ ପଂଜଶୀର ବିଦ୍ରୋହୀ ସେନା ଉପରେ ଆକ୍ରମଣ କରିଥିବା ନେଇ ସୂଚନା ମିଳିଛି । ସୋମବାର ତାଲିବାନ

▶▶ପୃଷ୍ଠା ୭

## ମିନି ସେକ୍ରେଟେରିଏଟ ଘେରାଉ ପାଇଁ ଯାଉଥିବା ଚାଷୀ ନେତାଙ୍କୁ ଅଟକ ରଖିଲା ପୁଲିସ୍




ନୂଆଦିଲ୍ଲୀ,୦୭/୦୯: ଦିନକୁ ଦିନ ଚାଷୀଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଆଜି ଶତାଧିକ ଚାଷୀ ହରିଆଣାର କର୍ଣ୍ଣାଲ ଠାରେ ଏକାଠି ହୋଇ ଜିଲ୍ଲାର ଅଫିସଗୁଡ଼ିକ ଘେରାଉ କରିବାକୁ ବାହାରିଛନ୍ତି । ଏଥିସହ ସେମାନେ ଅଗଷ୍ଟ ୨୮ରେ ଚାଷୀଙ୍କ ଉପରେ ପୁଲିସ୍ କରିଥିବା ଲାଠି ଚାର୍ଜର ବିରୋଧ କରିଛନ୍ତି । ଆଜି ଚାଷୀମାନେ ଏକାଠି ମହାପଞ୍ଚାୟତ କରିବା ପରେ ଏପରି ଘେରାଉ ପାଇଁ ଶୋଭାଯାତ୍ରାରେ ବାହାରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ପୁଲିସ୍ ଚାଷୀନେତାମାନଙ୍କୁ ଅଟକ ରଖିଛି । ଫଳରେ ବିଭିନ୍ନ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇବାର ଆଶଙ୍କା ପ୍ରକାଶ ପାଇଛି । ଚାଷୀ ନେତାଙ୍କୁ ପୁଲିସ୍ ଅଟକ ରଖିଥିବା ସମ୍ପର୍କରେ ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର

▶▶ପୃଷ୍ଠା ୭

## ଦେଶର ବିକାଶ ପାଇଁ ଶିକ୍ଷା ସର୍ବସ୍ପର୍ଶୀ ଏବଂ ସର୍ବବ୍ୟାପୀ ହେବା ଉଚିତ୍ : ପ୍ରଧାନମନ୍ତ୍ରୀ

### ଶିକ୍ଷାର ସାମଗ୍ରିକ ବିକାଶ ପାଇଁ 'ଶିକ୍ଷକ ପର୍ବ'ର କଳ୍ପନା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱବୋଧକୁ ଦର୍ଶାଉଛି : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୦୭/୦୯ (ନି.ପ୍ର): କୌଣସି ଦେଶର ବିକାଶ ପାଇଁ ଶିକ୍ଷା ସର୍ବସ୍ପର୍ଶୀ ଏବଂ ସର୍ବବ୍ୟାପୀ ହେବା ଉଚିତ୍ । ତେଣୁ ଆଜି ଦେଶ ଟକିଂ ବୁକ୍ସ ଏବଂ ଅଡ଼ିଓ ବୁକ୍ସ ଭଳି ଟେକ୍ନୋଲୋଜି ଶିକ୍ଷାକୁ ଏକ ଅଙ୍ଗ ଭାବରେ ଗ୍ରହଣ କରୁଅଛି ବୋଲି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ 'ଶିକ୍ଷକ ପର୍ବ'ର ଉଦ୍‌ଘାଟନୀ ଆଲୋଚନାଚକ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଇଛନ୍ତି । ସେହିପରି ଚଳିତ ମାସ ଗୁରୁ ଦିବସରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା 'ଶିକ୍ଷକ ପର୍ବ'ର କଳ୍ପନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାର ସାମଗ୍ରିକ ବିକାଶ ଥିବା ଦାୟିତ୍ୱବୋଧକୁ ଦର୍ଶାଉଛି ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ସାଙ୍କେତିକ ଭାଷାର ୧୦ ହଜାର ଶବ୍ଦର ଶବ୍ଦକୋଷ, ଦୃଷ୍ଟିହୀନ ମାନଙ୍କ ପାଇଁ କଥା କହୁଥିବା ପୁସ୍ତକ (ଟକିଂ ବୁକ୍ସ), ସିବିଏସଇର ସ୍କୁଲ ଗୁଣାତ୍ମକ ମୂଲ୍ୟାଙ୍କନ ସୁବିଧା ଢ଼ାଂଚା (ଏସକ୍ୟୁଏଏଫ), ବିଦ୍ୟାଞ୍ଜଳି ପୋର୍ଟାଲ, ନିପୁଣ ଭାରତ ପାଇଁ ନିଷ୍ଠା ୩.୦ରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ଶିକ୍ଷକ ପର୍ବ ଅବସରରେ ବହୁମୁଖୀ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନା ଏଥିପାଇଁ ମହତ୍ୱପୂର୍ଣ୍ଣ କାରଣ ଦେଶ ଏବେ ଦେଶ ଆଜାଦୀର ଅମୃତ ଉତ୍ସବ ପାଳନ କରୁଛି । ଆଜାଦୀର ୧୦୦ ବର୍ଷ ପୂରଣ ହେବା ଅବସରରେ ଭାରତ କିଭଳି ହେବ ତାହାର ସଂକଳ୍ପ ନେଉଛି । ଏ ଦିଗରେ ନୂଆ ଶିକ୍ଷାନୀତି ଶିକ୍ଷା ବ୍ୟବସ୍ଥାକୁ ନୂଆ ରୂପ ଦେବାରେ ସହାୟକ ହେବ ଏବଂ ଶିକ୍ଷାକୁ ପ୍ରତିଯୋଗିତାମୂଳକ କରିବା ସହ

▶▶ପୃଷ୍ଠା ୭

## କରୋନାର ଲକ୍ଷଣ ଥିଲେ ସ୍କୁଲ ନ ଆସିବାକୁ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ସ୍କୁଲରେ କରୋନା ସଂକ୍ରମଣ ବଢିବା ସମ୍ପର୍କରେ ସୂଚନା ମିଳିବା ପରେ ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପ୍ରତିକ୍ରିୟା ଦେଇଛନ୍ତି । କରୋନାର ଲକ୍ଷଣ ଥିଲେ ପିଲା ମାନଙ୍କୁ ସ୍କୁଲ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଆଗରୁ ଏପରି ଆଶଙ୍କା କରା ଯାଉଥିଲା । ଏବେ ବଢୁଛି ସେଥିରୁ ଦେଖିବାକୁ ପଡ଼ିବ କେତେ ଜଣଙ୍କ ପାଖରେ ଲକ୍ଷଣ

▶▶ପୃଷ୍ଠା ୭

## ୨ ସ୍କୁଲର ୩୪ ପିଲା ସଂକ୍ରମିତ



ଭୁବନେଶ୍ୱର,୦୭/୦୯(ନି.ପ୍ର): ଛୋଟ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ବିଶେଷଜ୍ଞ ମାନେ ମତ ଦେଉଥିବା ବେଳେ ଏପଟେ ଓଡ଼ିଶାର ୨ଟି ସ୍କୁଲରୁ ୩୪ ଜଣ ପିଲା କରୋନାରେ ସଂକ୍ରମିତ ହେବାର ଖବର ଚର୍ଚ୍ଚାର ବିଷୟ ପାଲଟିଥିଲା । ବରଗଡର ଏକ ଘରୋଇ ସ୍କୁଲ ଓ କାମାକ୍ଷାନଗରର ଏକ ସରକାରୀ ସ୍କୁଲରେ ଏହି ସଂକ୍ରମଣ ହୋଇଛି । କିନ୍ତୁ ଆଶ୍ୱସ୍ତିକର କଥା ହେଉଛି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନିକଟରେ କୌଣସି ଲକ୍ଷଣ ନାହିଁ ଏବଂ ସମସ୍ତ ଛାତ୍ରଛାତ୍ରୀ ସୁସ୍ଥ ଅଛନ୍ତି । ସେପଟେ ମନ୍ତ୍ରୀ କହିଛନ୍ତି ସ୍ଥିତି ଉପରେ ନଜର ରଖାଯାଇଛି ଏବଂ ଡିଏମଇଟି କହିଛନ୍ତି କୌଣସି ସ୍କୁଲରେ ସଂକ୍ରମଣ ଦେଖାଦେଲେ ସେହି ସ୍କୁଲକୁ ବନ୍ଦ କରିଦିଆଯିବ । ସ୍କୁଲରୁ ଆସିଲା ସଂକ୍ରମଣର ଖବର । ୨ଟି ସ୍କୁଲରୁ ୩୪ ଜଣ ଆକ୍ରାନ୍ତ । ସମସ୍ତେ ସୁସ୍ଥ, କେହି ହୋଇନାହାନ୍ତି ଗୁରୁତର । ବରଗଡର ଏକ ଘରୋଇ ସ୍କୁଲ ବିକାଶ ରେସିଡେନସିଆଲ ସ୍କୁଲରେ ୨୦ ଜଣ ପିଲା ଓ ଢ଼େଙ୍କାନାଳର ସରକାରୀ ସ୍କୁଲରୁ ୧୪ ଜଣ ପିଲା କରୋନା ଆକ୍ରାନ୍ତ ହୋଇଛନ୍ତି । ଛୋଟ ପିଲାମାନଙ୍କ ପାଇଁ ସ୍କୁଲ ଖୋଲିବାକୁ ମତ ପ୍ରକାଶ ପାଉଥିବାବେଳେ

▶▶ପୃଷ୍ଠା ୭

## ପୌର ନିର୍ବାଚନ ବାଟ ଫିଟିଲା : ପୌର ସଂଶୋଧନ ବିଲ୍ ପାରିତ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ବିଧାନସଭାରେ ମଙ୍ଗଳବାର ମ୍ୟୁନିସିପାଲ ଆଇନ ସଂଶୋଧନ ବିଲ୍ ୨୦୨୧ ପାରିତ ହୋଇଛି । ବିଲ ଅନୁଯାୟୀ ଓଡ଼ିଶା ପୌର ବିଧି ସଂଶୋଧନ ବିଧେୟକରେ ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ୫୦ ପ୍ରତିଶତ ଭିତରେ ରହିବ । ଅର୍ଥାତ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ । ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ । ଏହି ସଂଶୋଧିତ ଆଇନ ଅନୁସାରେ ପ୍ରଥମେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଆବଶ୍ୟକ ସଂଖ୍ୟକ ଆସନ ସଂରକ୍ଷଣ ଦେବା ପରେ ଅବଶିଷ୍ଟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ରଖାଯିବ, ଯାହାକି ୨୭ ପ୍ରତିଶତରୁ ଅଧିକ ହେବନାହିଁ । ଏହି ବିଲ୍ ପାରିତ ହେବା ପରେ ରାଜ୍ୟରେ ପୌର ନିର୍ବାଚନ ନେଇ ବାଟ ଫିଟିଛି ।

## ମୂର୍ତ୍ତି ଉଚ୍ଚତା ବିବାଦକୁ ନେଇ ବୈଠକ ଡାକିଲେ ସରକାର

ଭୁବନେଶ୍ୱର,୦୭/୦୯ (ନି.ପ୍ର): ପୂଜାରେ ମୂର୍ତି ଉଚ୍ଚତା ପ୍ରସଙ୍ଗ ନେଇ ଆସନ୍ତାକାଲି (ବୁଧବାର) ବୈଠକ ଡାକିଛନ୍ତି ରାଜ୍ୟ ସରକାର । ବୈଠକରେ କଟକ ଶାନ୍ତି କମିଟି ଓ ପୂଜା କମିଟି ସଦସ୍ୟଙ୍କୁ ଆମନ୍ତ୍ରଣ କରାଯାଇଛି । ମୁଖ୍ୟ ଶାସନ ସଚିବ ଓ ଏସଆରସିଙ୍କ ସହ ବୈଠକ ପାଇଁ ଡାକରା । ଉଲ୍ଲେଖ୍ୟଯୋଗ୍ୟ ଯେ ମଙ୍ଗଳବାର ଦିନ ବିଧାନସଭାରେ ମୂର୍ତି ପ୍ରସଙ୍ଗ ଉଠିଥିଲା । ପ୍ରଶ୍ନକାଳ ସରିବା ପରେ ପୂଜା କଟକଣା ନେଇ ଦାବି ଉଠାଇ କଂଗ୍ରେସ ବିଧାୟକଙ୍କ ଗୃହରେ ହୋହାଲ୍ଲା କରିଛନ୍ତି । କରୋନା କଟକଣାକୁ କୋହଳ କରାଯାଇଥିବା ବେଳେ କାହିଁକି ପୂଜା ବେଳେ ଏମିତି କଟକଣା ରଖାଯାଇଛି ବୋଲି ସମସ୍ତେ ଏହାକୁ ପ୍ରତିବାଦ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସମୀକ୍ଷା



ଭୁବନେଶ୍ୱର,୦୭/୦୯ (ନି.ପ୍ର): ଆମେରିକା ଠାରୁ ଆରମ୍ଭ କରି କେରଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ବଢିବା ଚିନ୍ତାଜନକ ହୋଇଛି । ତେଣୁ ଏ ପରିସ୍ଥିତିରେ ଆମକୁ ସମ୍ଭାବ୍ୟ ତୃତୀୟ ଲହର ଠାରୁ ନିରାପଦ ରହିବାକୁ ହେଲେ, କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ହେବ । ଏଥିରେ ସାମାନ୍ୟ ଅବହେଳା ସମସ୍ତଙ୍କ ପାଇଁ ବିପଦର କାରଣ ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୋଭିଡ ପରିସ୍ଥିତି ସମୀକ୍ଷା କରି ଏହା କହିଛନ୍ତି । କୋଭିଡ ବିରୁଦ୍ଧରେ ଲଢିବା ପାଇଁ କୋଭିଡ୍ ଆଚରଣ ବିଧି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର । ପିଲାମାନେ ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି । ତେଣୁ ସେମାନଙ୍କ ପାଇଁ ଆମକୁ ଅଧିକ ସତର୍କ ରହିବାକୁ ହେବ । କୋଭିଡ ନିୟମ ପାଳନରେ ଅବହେଳା ଯଦି ଦୃଷ୍ଟିକୁ ଆସେ, ତେବେ ଅନୁଷ୍ଠାନର ମୁଖ୍ୟ ଦାୟୀ ରହିବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଥିଲେ । ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ଶିକ୍ଷାନୁଷ୍ଠାନ ଗୁଡିକ ନିୟମିତ ଭାବରେ ଅଚାନକ ଯାଂଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ହାଟ ବଜାର, ଧର୍ମାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଆଦି ଗୁଡିକ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ସେଠାରେ କୋଭିଡ ନିୟମ କଡାକଡି ପାଳନ ଉପରେ ପ୍ରଶାସନ ଦୃଷ୍ଟି ରଖିବା ଉପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟକର୍ମୀ, ସ୍କୁଲ ଯାଉଥିବା ପିଲା, ଗର୍ଭବତୀ ମହିଳା, ସରକାରୀ କର୍ମଚାରୀ ଏବଂ ପୋଲିସ

▶▶ପୃଷ୍ଠା ୭

## ବିଧାନସଭାରେ ଓଡ଼ିଶା ପଂଚାୟତ ଆଇନ ସଂଶୋଧନ ବିଲ୍ ଆଗତ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟ ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ଦିନ ବିଧାନସଭାରେ ଓଡ଼ିଶା ପଂଚାୟତ ଆଇନ ସଂଶୋଧନ ବିଲ୍ ୨୦୨୧ ଆଗତ କରିଛନ୍ତି । ଓଡିଶା ଗ୍ରାମ ପଂଚାୟତ ବିଧେୟକ ଅନୁସାରେ ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ୫୦% ଭିତରେ ରହିବ । ଅର୍ଥାତ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ । ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ । ପଛୁଆ ବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥାରେ ଯାହା ଲାଗୁ ହେବ ତାହା ପ୍ରାଧିକୃତ ଅଧିକାରୀ ତାହାକୁ କାର୍ଯ୍ୟକାରୀ କରିବେ । ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଆସନ ସଂରକ୍ଷଣ ହେବା ପରେ ଅବଶିଷ୍ଟ ଆସନଗୁଡିକ ପଛୁଆ ବର୍ଗଙ୍କ ଲାଗି ସଂରକ୍ଷଣ କରାଯିବ । କିନ୍ତୁ ତାହା ୨୭ ଭିତରେ ରହିବା ଉଚିତ । ଯେଉଁଠି ପେଶା ଆଇନ କାର୍ଯ୍ୟକାରୀ ହେଉଛି ଅଥବା ସିଡ୍ୟୁଲ ଏରିଆରେ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ ନାହିଁ । ଏହି ବିଲ୍ ବିଧାନସଭାରେ ପାରିତ ହେଲେ ପଂଚାୟତ ନିର୍ବାଚନ ପାଇଁ ବାଟ ଫିଟିବ ।

## ଛାତ୍ର କଂଗ୍ରେସର ବିଧାନସଭା ଘେରାଉ : ମାଷ୍ଟରକ୍ୟାଂଟିନ ଛକରେ ବିକ୍ଷୋଭ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଷ୍ଟାଫ ସିଲେକସନ କମିଶନ ନିଯୁକ୍ତି ଦୁର୍ନୀତି ପ୍ରସଙ୍ଗ ଓ ହତ୍ୟାକାରୀ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଓ ଗିରଫ ଦାବିରେ ବିଧାନସଭା ଘେରାଉ କରିଛି ପ୍ରଦେଶ ଛାତ୍ର କଂଗ୍ରେସ । ଏଥି ସହ ଯୁକ୍ତ ଦୁଇ ଡ୍ରପଆଉଟ ଓ ଏକ୍ସ ରେଗୁଲାର ଛାତ୍ରଙ୍କ ମୂଲ୍ୟାୟନରେ ହୋଇଥିବା ପକ୍ଷପାତିତାକୁ ପ୍ରଦେଶ ଛାତ୍ର କଂଗ୍ରେସ ବିରୋଧ କରିଥିଲା । ମଙ୍ଗଳବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ପରେ ପ୍ରଭାରୀ ଅନୁଲେଖା ବୋଷାଙ୍କ ନେତୃତ୍ୱରେ ବିଧାନସଭା ଆଡ଼କୁ ଛାତ୍ରକଂଗ୍ରେସ କର୍ମୀମାନେ ଘେରାଉ ପାଇଁ ଯିବା ବେଳେ ପିଏମଜି ଠାରେ ପୋଲିସ ଏବଂ ଛାତ୍ର କଂଗ୍ରେସ କର୍ମକର୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହେଇଥିଲା । ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପୋଲିସ ଗିରଫ କରିଥିଲା । ରାଜ୍ୟର ୭ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଛାତ୍ର କଂଗ୍ରେସ କର୍ମୀ ଓ ନେତା ଅଂଶଗ୍ରହଣ କରିଥିଲେ । ଶ୍ରୀ ନୱାଜ କହିଥିଲେ ଯେ ନବୀନ ସରକାର ଦୀର୍ଘ ୨୧ ବର୍ଷ ଧରି ସରକାରୀ ଚାକିରୀକୁ ବିକ୍ରି କରି ଚାଲିଛନ୍ତି । ନିର୍ବାଚନୀ ଇସ୍ତାହାରରେ ଲେଖିଥିଲେ ବର୍ଷକୁ ୨ଲକ୍ଷ ଚାକିରୀ ଦେବେ । କିନ୍ତୁ ଓଡ଼ିଶାବାସୀ ଜାଣିବାକୁ ପାଇଲେ - "ନବୀନ ହାଟରେ ଚାକିରୀ ବିକିରି" । ବିଧାନସଭା ଭଳି ପବିତ୍ର ଗୃହର ମର୍ଯ୍ୟାଦାକୁ ହାନି କରି ଜଣେ ମନ୍ତ୍ରୀ କହୁଛନ୍ତି ଷ୍ଟାଫ ସିଲେକସନ କମିଶନରେ ଦୁର୍ନୀତି ହୋଇନାହିଁ । ଷ୍ଟାଫସିଲେକସନ ଦୁର୍ନୀତିର ସମସ୍ତ ପାପକୁ ଜଣେ କିରାଣୀ ମୁଣ୍ଡରେ ଲଦିଦେଇ ନବୀନ ସରକାର ନିଜକୁ ସ୍ୱଚ୍ଛବୋଲି କହୁଛନ୍ତି । ଷ୍ଟାଫସିଲେକସନ କମିଶନ ନିବୀନ ପଟ୍ଟନାୟକଙ୍କର ନିଜସ୍ୱ ବିଭାଗର ଅଧିନ । ଏଣୁ ଏ ସମସ୍ତ ପାପକୁ ଲୁଚେଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଚକ୍ରାନ୍ତ କରୁଛନ୍ତି ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି । ଷ୍ଟାଫସିଲେକସନ କମିଶନର ଅଧକ୍ଷ ଓ ସମସ୍ତ ସଭ୍ୟ ଏବଂ ୨୧ ବର୍ଷଧରି ଯେଉଁମାନେ ଅଧକ୍ଷ ଥିଲେ ଏବଂ ଯେଉଁମାନେ ସଭ୍ୟଥିଲେ ସେ ସମସ୍ତଙ୍କୁ ତଦନ୍ତ ପରିସରକୁ ଅଣାଯାଇ

▶▶ପୃଷ୍ଠା ୭

## ୧୧ ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଆସନ୍ତା ୧୧ ତାରିଖ ସୁଦ୍ଧା ଉତର ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ଏବଂ ଉତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ପ୍ରବଳ ବର୍ଷା ହୋଇପାରେ । ଅପରପକ୍ଷରେ ବଙ୍ଗୋପସାଗରର ଉତ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବର୍ତମାନ ସ୍ପଷ୍ଟ ଚିହ୍ନିତ ହେବା ସହ ଦକ୍ଷିଣ ଓଡ଼ିଶା ଏବଂ ପଡ଼ୋଶୀ ଦକ୍ଷିଣ ଛତିଶଗଡ଼ ଉପରେ ବିସ୍ତାରିତ ହୋଇ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଓ ଉତର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ହାଲୁକା ଏବଂ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି ବୋଲି ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜଗତସିଂହପୁର, ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର ଜିଲ୍ଲାର ଗୋଟିଏ ଏକ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଲଘୁଚାପ ପ୍ରଭାବରେ, ବଙ୍ଗୋପସାଗରର ଉତର ଉପକୂଳରେ ଘଂଟାପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିବା ସହ ସମୁଦ୍ର ଅଶାନ୍ତ ରହିବ ।

# ବିଭିନ୍ନ ଦାବି ନେଇ ରାସ୍ତା ଅବରୋଧ କଲେ ଚାଷୀ

ନୂଆପଡ଼ା,୭/୯ (ନି.ପ୍ର): ଗତବର୍ଷର ଫସଲ ବୀମା ରାଶି ମିଳି ଥିବାରୁ ଆଜି ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇଥିଲେ । ଏହା ବ୍ୟତୀତ ଚଳିତ ବର୍ଷ ବର୍ଷାଭାବ ହେତୁ ମରୁଡ଼ି ପରିସ୍ଥିତି ଦେଖାଦେଇଥିବାରୁ ମରୁଡି ଘୋଷଣା ଆଦି ଦାବି ନେଇ ରାଜ୍ୟ ରାଜପଥ ନଂ ୧୬କୁ ଅବରୋଧ କରିଥିଲେ ।୨୦୨୦ ଖରିଫ ଋତୁର ବୀମାରାଶି ପ୍ରଦାନ, ଚଳିତ ବର୍ଷ ବର୍ଷାଭାବରୁ ମରୁଡି ସ୍ଥିତି ସଙ୍ଗୀନ, ଏଣୁ ମରୁଡି ଘୋଷଣା ସହ ଇନପୁଟ ସବସିଡି ପ୍ରଦାନ, ଲୋୟରଇନ୍ଦ୍ର ପ୍ରକଳ୍ପ ତିଖାଲିରୁ ଜଳସେଚନ ବ୍ୟବସ୍ଥା ଓ ଆରଆଇ ସର୍କଲ ସରଧାପୁର ବଦଳରେ ପୂର୍ବପରି ତୁକଲା ଆରଆଇ ସର୍କଲରେ ରଖିବା ଦାବିରେ ଖଡ଼ିଆଳ ବ୍ଲକର ଖାସବାହାଲ ଓ ଦୋହେଲପଡା ପଞ୍ଚାୟତର ଚାଷୀ ମାନେ ଖଡ଼ିଆଳ ଭବାନୀପାଟଣା ରାଜ୍ୟ ରାଜପଥ ନଂ ୧୬ର ବଙ୍କାପୁର ଛକ ଠାରେ ରାସ୍ତା ଅବରୋଧ କରିଥିଲେ । ଆଜି ସକାଳ ୬ଟା ୩୦ମି.ରୁ ଚାଷୀ ମାନେ ଟେଣ୍ଟ ପକାଇ ରାସ୍ତା ରୋକ କରିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ସବୁ ଅଟକି ରହିଥିଲା । ଜୟ କିସାନ ମଜଦୁର ସଂଗ୍ରାମ ପରିଷଦ ନୂଆପଡାର ଆବାହକ ଯଦୁମଣି ପାଣିଗ୍ରାହୀ ଓ ଉନ୍ଦେର ନଦୀ ଉପାନ୍ତ ଅଞ୍ଚଳ ଚାଷୀ କ୍ରିୟାନୁଷ୍ଠାନ କମିଟି ଚାନ୍ଦୋତରା ପକ୍ଷରୁ ସଭାପତି ଉମାକାନ୍ତ ସାହୁ ଓ ସମ୍ପାଦକ ରୂପେଶ ବେହେରା ଚାଷୀ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଖବର ପାଇ ଖଡ଼ିଆଳ ଅତିରିକ୍ତ ତହସିଲଦାର ଭୁପିନ୍ଦର ସିଂ ଆସି ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ, କିନ୍ତୁ ଜିଲ୍ଲାପାଳ ନ ଆସିବା ଯାଏ ରାସ୍ତାରୋକ ଜାରୀ ରହିବ ବୋଲି ଚାଷୀ ମାନେ କହିଥିଲେ । ପରେ ଅତିରିକ୍ତ ତହସିଲଦାର ଜିଲ୍ଲା ପ୍ରଶାସନ ସହ କଥା ହୋଇଥିଲେ । ଗତ ତାରିଖ ୨୮/୦୮/୨୧ ଏନେଇ ଜିଲ୍ଲାପାଳ ବୀମା କମ୍ପାନୀ ଓ କୃଷି ବିଭାଗକୁ ଚିଠି କରିଥିବା ଜିଲ୍ଲାପାଳ ଅଫିସରୁ ଜଣାଇବା ସହ ଅତି ଶୀଘ୍ର ଚାଷୀଙ୍କ ସମସ୍ୟା ସମାଧାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା । ଅନ୍ୟ ଦାବି ନେଇ ମଧ ବିଚାର କରାଯିବ ବୋଲି ଅତିରିକ୍ତ ତହସିଲଦାର କହିଥିଲେ । ଖଡ଼ିଆଳ ଆଇଆଇସି କୈଳାସ ସେଠୀଙ୍କ ନେତୃତ୍ୱରେ ପୁଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା । ମନୋଜ ବେହେରା, ପ୍ରେମଲାଲ ବାଗ, ମନଧର ମାଝୀ, ଭୀମରାଜ ବେହେରା, କୁନୁ ଚରଣ ବେହେରା, ବାଞ୍ଛାନିଧି ବେହେରା, ଚନ୍ଦ୍ର ଶେଖର ବେହେରା, ଅରବିନ୍ଦ ବେହେରା, ହରି ଟାହାଣି, ଠାକୁର ଭୋଇ, ସଞ୍ଜୟବେହେରା, ବୈଲୋଚନ ବେହେରା, ଟୁନା ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ପିପିଲି ନିର୍ବାଚନ ସଂପର୍କିତ ବୈଠକ ଅନୁଷ୍ଠିତ

ପୁରୀ,୭/୯ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଗତ ୪ ତାରିଖରୁ ପିପିଲି ଉପ ନିର୍ବାଚନ ନେଇ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତୁରନ୍ତ ଆଦର୍ଶ ଆଚରଣ ବିଧି ଜାରି ହୋଇଛି କ୍ଷ ଆସନ୍ତା ୩୦ ତାରିଖରେ ମତଦାନ ହୋଇ ଅକ୍ଟୋବର ୩ ତାରିଖରେ ଭୋଟ ଗଣତି ହେବ କ୍ଷ ୫ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୦ ତାରିଖରୁ ୨୮ ତାରିଖ ସନ୍ଧ୍ୟା ୬ ଘଟିକା ସୁଦ୍ଧା ଶେଷ ହେବ । ଆଗାମୀ ନିର୍ବାଚନ ପ୍ରଚାରରେ କୌଣସି ବାଇକ୍ କିମ୍ବା ସାଇକେଲ ଶୋଭାଯାତ୍ରା ହୋଇପାରିବ ନାହିଁ । ଦଳୀୟ ପ୍ରଚାର ବୈଠକରେ ସର୍ବାଧିକ ୨୦୦ଲୋକ କିମ୍ବା ବସିବା କ୍ଷମତାର ୩୦ପ୍ରତିଶତ ସାମିଲ ହୋଇପାରିବେ । ଷ୍ଟାର ପ୍ରଚାରକଙ୍କ ସହ ଏକ ହଜାର ଲୋକ କିମ୍ବା ବସିବା କ୍ଷମତାର ସର୍ବାଧିକ ପଚାଶ ପ୍ରତିଶତ ଲୋକ ଯୋଗ ଦେଇପାରିବେ । ଜାତୀୟ ଓ ଆ ଂଚଳିକ ଦଳ ପାଇଁ ତାରକା ପ୍ରଚାରକ ୨୦ଜଣ ଓ ଅଣ ପଞ୍ଜିକୃତ ଦଳ ପାଇଁ ୧୦ ଜଣ ରହି ପାରିବେ । ଘରକୁ ଘର ବୁଲି ପ୍ରଚାର ବେଳେ ସର୍ବାଧିକ ୫ ଜଣ ସାମିଲ ହୋଇପାରିବେ । ଆଦର୍ଶ ଆଚରଣ ବିଧି ଉଲଂଘନ ପାଇଁ ଜାରି ହୋଇଛି ଏକ ଟୋଲଫ୍ରୀ ନମ୍ବର । ୧୯୫୦କୁ ଫୋନ କରି ଅଭିଯୋଗ କରିପାରିବେ । ସେପଟେ ଉପନିର୍ବାଚନ ପାଇଁ ଦଶଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି କ୍ଷ ୨ଲକ୍ଷ ୨୯ ହଜାର ୯୯୮ ଭୋଟର ମତଦାନ କରିବେ । ୩୨୧ ଜଣ ସର୍ଭିସ ଭୋଟର ମଧ ମତଦାନ ସାବ୍ୟସ୍ତ କରିବେ । ମୋଟ ୩୪୮ଟି ବୁଥ ଥିବା ବେଳେ ୧୫ଟି ମଡେଲ ବୁଥ କରାଯାଇଛି । ପିପିଲି ନିର୍ବାଚନ ମଣ୍ଡଳିରେ ମୋଟ ୧୦୨ଟି ଅତି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ୭୩ଟି ସମ୍ବେଦନଶୀଳ ବୁଥ ରହିଥିବା ଜିଲ୍ଲାପାଳ ଗଣମାଧମକୁ ସୂଚନା ଦେଇଛନ୍ତି । ପ୍ରତି ବୁଥରେ ଦିବ୍ୟାଙ୍ଗ ମାନଙ୍କ ପାଇଃ ବ୍ୟବସ୍ଥା କରାଯାଇଛି । କୋଭିଡ ନୀୟମକୁ କଡାକଡି କରାଯିବା ସହ ପ୍ରତି ବୁଥରେ ସାନିଟାଇଜର ଏବଂ ହ୍ୟାଣ୍ଡ ଗ୍ଲୋଭ୍ସ ରହିବ । ପ୍ରତି ବୁଥ ପାଇଁ କୋଭିଡ ନୋଡାଲ ଅଧିକାରୀ ନିଯୁକ୍ତ ହେବେ । ଏହି ଅବସରରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଉପ ଜିଲ୍ଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ସୁମନ୍ତ କର, ଜିତେନ୍ଦ୍ର କୁମାର ପାତ୍ର, ପ ଂଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଲଘୁଚାପଜନିତ ଲଗାଣ ବର୍ଷାରେ ବ୍ରହ୍ମପୁର ସହର ବେହାଲ୍

ଗଞ୍ଜାମ,୭/୯ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ଗତକାଲି ଅପରାହ୍ନ ଠାରୁ ତୁହାକୁ ତୁହା ବର୍ଷା ଲାଗି ରହିଛି । ଫଳରେ ବେହାଲ୍ ହୋଇପଡିଛି ବ୍ରହ୍ମପୁର ସହରର । ନାଳ ନର୍ଦ୍ଦମା ଗୁଡିକୁ ନିୟମିତ ସଫେଇ କରାଯାଉନଥିବାରୁ ବର୍ଷା ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି । ଯଦ୍ୱାରା ବିଭିନ୍ନ ଅଂଚଳରେ ବର୍ଷା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି । ତେବେ ଏହି ଲଗାଣ ବର୍ଷା ଜିଲ୍ଲାର ଚାଷୀଙ୍କୁ ଆଶ୍ୱସ୍ତି କରିଛି । ଜିଲ୍ଲାରେ ୯୦ ଭାଗ ଜମିରେ ଧାନ ରୁଆ କାର୍ଯ୍ୟ ସରିଥିବା ବେଳେ ଜଳାଭାବରୁ ୧୦ ଭାଗ ଜମି ରୁଆ ହୋଇପାରିନଥିଲା, ହେଲେ ଏହି ବର୍ଷା ଫଳରେ ସମସ୍ତ ଜମି ରୂଆ ହୋଇପାରିବ ବୋଲି ଚାଷୀ ମାନେ ଆଶାବ୍ୟକ୍ତ କରିଛନ୍ତି ।

## କାର୍ଯ୍ୟରେ ଯୋଗ ଦେଲେ ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ

କେନ୍ଦ୍ରାପଡ଼ା,୭/୯ (ନି.ପ୍ର): କେନ୍ଦ୍ରାପଡା ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ ଭାବେ ପୂର୍ବରୁ କାର୍ଯ୍ୟରତ ଗ୍ରନ୍ଥାଗାରିକ ଅଶୋକ କୁମାର ବଳିଆର ସିଂହଙ୍କୁ ପ୍ରଦୋନ୍ନତି ଦିଆଯାଇ କେନ୍ଦ୍ରାପଡା କାର୍ଯ୍ୟାଳୟରେ ଉପଖଣ୍ଡ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ସେହିଭଳି ପୂର୍ବରୁ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କର୍ମଚାରୀ ଅଲେଖ ଚନ୍ଦ୍ର ଦାଶଙ୍କୁ ପଦୋନ୍ନତି ଦିଆଯାଇ କଟକ ଜିଲ୍ଲା ଆଠଗଡ ଉପଖଣ୍ଡର ଲୋକ ସଂପର୍କ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରା ଯାଇଥିବା ସୂଚନା ମିଳିଛି ।

# ଦୃଷ୍ଟି ଆଢୁଆଳରେ ଧର୍ମପୀଠ ବେଦୀହୁଡା : ପୂର୍ବ ଗୌରବ ଫେରାଇ ଆଣିବାକୁ ଗ୍ରାମବାସୀଙ୍କ ଉଦ୍ୟମ

ଧର୍ମଶାଳା,୭/୯ (ନି.ପ୍ର): ପୁରାଣ ପ୍ରସିଦ୍ଧ ମାଳିକା ବର୍ଣ୍ଣିତ ଧର୍ମପୀଠ ବେଦୀହୁଡା । ଏହାର କିମ୍ବଦନ୍ତି ମହାନ । ସମୟ ଚକ୍ରରେ ଏହି ପୀଠ ଲୀନହେବାକୁ ବସିଥିବା ବେଳେ ଏହାର ସୁରକ୍ଷା ଓ ପୂର୍ବଗୌରବ ଫେରାଇ ଆଣିବାକୁ ଆଗେଇ ଆସିଛନ୍ତି ଗ୍ରାମବାସୀ । ଯାଜପୁର ଜିଲା ବଡଚଣା ବ୍ଲକ ବଡଚଣା ପଂଚାୟତ ଦେଉଳକୁର ଗ୍ରାମରେ ଅବସ୍ଥାପିତ ବେଦୀହୁଡା ପୀଠ । ଲୋକମତ ଅନୁସାରେ ଏହା ମାଳିକାବର୍ଣ୍ଣିତ ଓ ପୁରାଣ ପ୍ରସିଦ୍ଧ ବୋଲି ସମଗ୍ର ଅଂଚଳରେ ବେଶ ପରିଚିତ । ରକ୍ଷଣାବେକ୍ଷଣ ଓ ଇଚ୍ଛାଶକ୍ତିର ଅଭାବ ହେତୁ ଏହିପୀଠ ଅବହେଳିତ ଅବସ୍ଥାରେ କେଉଁ ଆବାହମାନ କାଳରୁ ପଡିରହିଥିଲା । ଏବେ ଦେଉଳକୁର ଗ୍ରାମବାସୀ ଓ ସ୍ଥାନୀୟ ଅଂଚଳର କିଛି ଧାର୍ମିକ ବ୍ୟକ୍ତି ବିଶେଷ ପୀଠର ମହିମା ସମ୍ପର୍କରେ ଜାଣିବା ପରେ ଏହାର ପୂର୍ବ ଗୌରବ ଫେରାଇ ଆଣିବାକୁ ଉଦ୍ୟମ କରିଛନ୍ତି । ଯାହାକି ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ସ୍ଥଳପାଇଁ ଏହା ଶୁଭସଂକେତ ବୋଲି ବହୁ ଧର୍ମାବଲମ୍ବି ମତ ଦେଇଛନ୍ତି । ଲୋକମତ ଅନୁସାରେ ଦ୍ୱାପର ଯୁଗରେ ପଂଚୁପାଣ୍ଡବଙ୍କ ସ୍ୱର୍ଗାରୋହଣ ସମୟରେ ନିକଟସ୍ଥ ଖଇରା ଗ୍ରାମର ହରି ସାହୁ ନାମକ ଜଣେ ବଣିଆ ପରିବାରର କନ୍ୟା ନାୟକାଣୀ ଉଆଁସି କନ୍ୟାଭାବେ ପରିଚିତ ଥିଲେ । ତାଙ୍କୁ ଯିଏ ବିବାହ କରୁଥିଲା ତାଙ୍କର ମୃତ୍ୟୁ ଘଟୁଥିଲା । ଏହି କଥାଟି ପ୍ରଘଟ ହେବାପରେ ସମଗ୍ର ଅଂଚଳରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା । ପାଣ୍ଡବମାନେ ବାରୁଣାବନ୍ତକୁ ଆସିଥିବା ବେଳେ ହରି ସାହୁ ଧର୍ମରାଜ ଯୁଧିଷ୍ଠିରଙ୍କ ପାଦତଳେ ଶରଣ ପଶି ଝିଅକୁ କଳଙ୍କ ମୁକ୍ତ କରିବା ପାଇଁ ବିନତି କରିଥିଲେ । ଧର୍ମରାଜ କନ୍ୟା ପିତାମାତାର ଦୁଃଖ ସହି ନପାରି ଉଆଁସି କନ୍ୟାକୁ ବିବାହ ପାଇଁ ସମ୍ମତି ପ୍ରଦାନ କରିଥିଲେ । ବିବାହ ପାଇଁ ବେଦୀର ଆବଶ୍ୟକ ଥିବାରୁ ଧର୍ମରାଜଙ୍କ ସାନଭାଇ ଭିମସେନକୁ ବେଦୀ ନିର୍ମାଣ ପାଇଁ ଆଜ୍ଞା ଦେଇଥିଲେ । ବଡଭାଇଙ୍କ ଆଜ୍ଞା ପାଇ ଭିମ ଦୁଇପଟରୁ ଦୁଇଚୋଟ ମାଟି ଉଠାଇ ବେଦୀ ନିର୍ମାଣ କରିଥିଲେ । ମାଟି ଉଠାଇଥିବା ଏହି ଦୁଇଟି ସ୍ଥାନ ହାଟୁଆ ଓ ମାଳିଆ ପୋଖରୀ ନାମରେ ପରିଚିତ । ବେଦୀହୁଡା ପୀଠର ଉପରେ ଏକ ଛୋଟ ଗାଡିଆ ସଦୃଶ୍ୟ ସ୍ଥାନଟି ଯାହାକି ହୋମକୁଣ୍ଡ ନାମରେ ପରିଚିତ ଅଛି । ଏହି ପୀଠରେ ବିବାହ କାର୍ଯ୍ୟ ଚାଲିଥିବା ବେଳେ ସ୍ୱର୍ଗରୁ ଦେବତାମାନେ ସ୍ୱର୍ଣ୍ଣପୁଷ୍ପ ବୃଷ୍ଟି କରିଥିଲେ । ଯାହାର ପ୍ରମାଣ ଏବେ ବି ଅସଢ଼ାଏ ବର୍ଷା ପରେ ଛୋଟଛୋଟ କ୍ଷୁଦ୍ରକଣିକା ଭାବେ ଫୁଲ ସଦୃଶ୍ୟ ସୁନାଖଣ୍ଡ ଲୋକମାନେ ପାଉଥିବାର ଦେଖିବାକୁ ମିଳୁଛି । ସ୍ୱର୍ଗାରୋହଣ ସମୟରେ ଯେତେବେଳେ ସେମାନେ ଏଠାରୁ ପ୍ରତ୍ୟବର୍ତ୍ତନ କଲେ ନିକଟସ୍ଥ ଦର୍ପଣ ରାଜାଙ୍କ ଜିମାରେ ମା' ନାୟକାଣୀକୁ ଛାଡି ତପସ୍ୟା ପାଇଁ ଯାତ୍ରା କରିଥିଲେ । ଏହି ନାୟକାଣୀ ଖଇରା ହାଟ ନିକଟରେ ମା' ନାୟକାଣୀ ରୂପରେ ପୂଜା ପାଉଛନ୍ତି । ଏହି ପୀଠର ଉନ୍ନତିକରଣ ପାଇଁ ପର୍ଯ୍ୟଟନ ଓ ଦେବୋତ୍ତର ବିଭାଗ ଦୃଷ୍ଟି ଦେଲେ ଏହି ପୀଠର ବିକାଶ ହୋଇପାରିବା ସହ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳି ଭାବେ ପରିଚିତ ହୋଇପାରିବ ବୋଲି ଆଶା କରାଯାଉଛି ।

# କିନ୍ନରଙ୍କୁ ସୁରକ୍ଷା, ସମ୍ମାନ ଓ ଅଧିକାର ଦାବିରେ ବିଧାନସଭା ଘେରିବ ସଂଘ

କେନ୍ଦ୍ରାପଡ଼ା,୭/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବଳଦେବଜୀୟୁ କିନ୍ନର ମହାସଂଘ ପକ୍ଷରୁ ବିଧାନ ସଭା ଘେରାଉ କରିବାକୁ ନିଷ୍ପତି ନିଆଯାଇଛି । କିନ୍ନର ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ମାନବିକ ଅଧିକାର ପ୍ରଦାନ ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଳନ କରିବାରେ ଅବହେଳା କରୁଛନ୍ତି ବୋଲି କିନ୍ନର ସଂଘ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ରାଜ୍ୟର ୧୪ ହଜାର କିନ୍ନରଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରିବା ପାଇଁ ୨୦୧୫ରେ ଘୋଷଣା କରିଥିଲେ । ବର୍ତମାନ ସୁଦ୍ଧା ଏହା କରାଯାଇ ନାହିଁ । ଏହା ସହ ପେନଶନ ଯୋଗାଇବା, ଜାଗା ମିଶନରେ ଜମି ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ସ୍ୱାସ୍ଥ୍ୟବୀମା ଓ ରାଜ୍ୟରେ କିନ୍ନର କଲ୍ୟାଣ ବୋର୍ଡ ଗଠନ ସହ ଚାକିରୀ, ଜନ ପ୍ରତିନିଧିତ୍ୱ, ଶିକ୍ଷା ଆଦିରେ ୫% ସଂରକ୍ଷଣ କରିବା ଦାବି ଉପସ୍ଥାପନ କରାଯାଇଛି । ଏହି ସବୁ ଦାବି ପୁରଣ ପାଇଁ ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି କେନ୍ଦ୍ରାପଡା କିନ୍ନର ସଂଘର ସଭାପତି ଏଲିନା ଦାସ, ସଂପାଦକ କୁମକୁମ ବାରିକ, ବନ୍ଦନା ପତି, ଜାଗୃତି ଭୁଇ, ସାଧନା ମହାନ୍ତି, କେଟି କିନ୍ନର, ରଚନା କିନ୍ନର ଓ ସ୍ନେହ କିନ୍ନର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ।

# ଟ୍ରକ୍‌ରୁ ୫୭୩.୪୫୯ କେଜି ଗଞ୍ଜେଇ ଜବତ : ଦୁଇ ଗିରଫ

ଭବାନୀପାଟଣା,୭/୯ (ନି.ପ୍ର): ଆଜି କଳାହାଣ୍ଡି କେସିଙ୍ଗା ପୋଲିସ ଦ୍ ?ାରା ଏକ ଟ୍ରକ୍ ରୁ ୫୭୩.୪୫୯ କେ.ଜି. ଗଞ୍ଜେଇ ଜବତ କରାଯିବା ସହିତ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ଉତ୍ତରପ୍ରଦେଶର । ଜଣେ ହେଲେ ସୁବାସ ଚୌଧୁରୀ (୪୨) ଗ୍ରାମ, ଗେହେନା ଗୋବର୍ଦ୍ଧନପୁର ଥାନା, ଯାହାଙ୍ଗିର୍ବାଦ, ଜିଲ୍ଲା, ଭୁଲଣଶାହର, (ୟୁ. ପି.) ଓ ଅନ୍ୟ ଜଣେ ନିତିନ ଚୌଧୁରୀ (୨୨), ଗ୍ରାମ -ବେଙ୍ଗମାବାଦ, ଥାନା -ମାଡିନାଗାର, ଜିଲ୍ଲା - ଗାଜିଆ ।ବାଦ (ୟୁ. ପି.) । ଏମାନେ ରାୟଗଡ଼ା ଜିଲା ପଦ୍ମପୁରରୁ ସ୍ୱରାଜ ମାଜ୍ଡା ସୁପେର, ମିନି ଟ୍ରକ୍ ନମ୍ବର -ଙ୍କ୍ଟ୍ର ୧୨-ଗ୍ଵ-୫୮୭୯. ରେ ମାଖନ ଲୋଡିଂ ସହ ୨୮୦ ପକେଟ ଗଞ୍ଜେଇ ପ୍ରାୟ ୫୭୩.୪୫୯ କେ.ଜି. କୁ ଧରି ପଲିଥିନ ଘୋଡ଼ାଇ ସେଲୋ ଟେପ ଲଗାଇ ଟ୍ରକ ରେ ଉତ୍ତର ପ୍ରଦେଶ ଅଭିମୁଖେ ନେଇ ଯାଉଥିଲେ । କୌଣସି ବିଶେଷ ସୂତ୍ରରୁ ଖବର ପାଇ କେସିଙ୍ଗା ପୋଲିସ ଟିମ୍ ଗାଡିକୁ ଜବତ କରି ତଦନ୍ତ କରିଥିଲେ । ଗାଡ଼ିରୁ ଗଞ୍ଜେଇ ଜବତ ପରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଟ୍ରକକୁ ଜବତ କରିଛି ପୋଲିସ । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ଚାଇଲଡ୍ସ ଲାଇନ ତରଫରୁ ଜୀବନ କିଶୋରୀ ମାନଙ୍କୁ ଜୀବନ କୌଶଳ ତାଲିମ ପ୍ରଦାନ

ନୂଆପଡ଼ା,୭/୯ (ନି.ପ୍ର): ଚାଇଲଡ୍ସ ଲାଇନ ନୂଆପଡାର ଉଦ୍ୟମ ଓ ସମ୍ମନିତ ଶିଶୁ ବିକାଶ ପ୍ରକଳ୍ପର ସୁପର ଭାଇଜର ଅଙ୍ଗନବାଡି କର୍ମି ଙ୍କ ସହସ୍ୟତା ରେ ନୂଆପଡ଼ା ବ୍ଲକ ର ଧରମବନ୍ଧା ଓ ଖୁଟ ବନଭେରା ପଂଚାୟତ ର କୋଦୋପାଳି , ପତରା , ଖୁଟବନଭେରା ଗ୍ରାମର ଜନ୍ମ ରୁ ୧୮ ବର୍ଷ ଓ କିଶୋରୀ ଝିଅ ଓ କିଶୋରୀ ପୁଅ ଏବଂ ସ୍ୱୟଂ ସହାୟକ ଦଳ ର ସଭ୍ୟ ମାନଙ୍କୁ ନେଇ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଶିଶୁ ଅଧିକାର , ବାଲ୍ୟ ବିବାହ ର କୁପରିମାଣ , ଶିଶୁ ଶ୍ରମିକ, ଶିଶୁ ଚାଲାଣ , ବାଲ୍ୟବିବାହ ଅଧିନିୟମ ,ଶିଶୁ ଶ୍ରମିକ ନିୟମ , ପୋସ୍କୋ ଆକ୍ଟ , କୋଭିଡ ଏବଂ ଶିଶୁ ସହାୟତା ନମ୍ବର ୧୦୯୮ ଉପରେ ସଚେତନତା ସୃଷ୍ଟି କରିବା ସହିତ କିଶୋରୀ ଓ କିଶୋର ମାନଙ୍କୁ ନେଇ କୈଶୋର ଆବସ୍ଥା ରେ ଭାବନା ର ପରିବର୍ତ୍ତନ, କୈଶୋର ଅବସ୍ଥାରେ ମାନସିକ ସାମାଜିକ ଓ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ , କୈଶୋର ଅବସ୍ଥାରେ ସ୍ୱାସ୍ଥ୍ୟ ର ଯତ୍ନ , ବାଲ୍ୟ ବିବାହ ର କୁପରିନାମ , ଲିଙ୍ଗଗତ ଭେଦଭାବ, ଋତୁ ଶ୍ରବା ସ୍ୱାସ୍ଥ୍ୟ ସ୍ୱଛତା ଓ ପ୍ରେମ ଉପରେ ଜୀବନ କୌଶଳ ଶିକ୍ଷା ଦିଆଯାଇଥିଲା । ଚାଇଲଡ୍ସ ଲାଇନ ର କାଉନସିଲର ହୋସନା ଅକ୍ତରୀ , ସଦସ୍ୟ ମହାସ୍ୱନୀ ସାହୁ ତାଲିମ ପ୍ରଦାନ କରିଥିଲେ । ଶିଶୁ ମାନଙ୍କ ମାଁ ମାନଙ୍କୁ କୈଶୋର ଅବସ୍ଥା ରେ ମାନସିକ ,ଶାରୀରିକ ଓ ସାମାଜିକ ପରିବର୍ତ୍ତନ ଉପରେ ଧ୍ୟାନ ଦେବା ପାଇଁ ସଚେତନ କରାଯାଇଥିଲା । ଉକ୍ତ ଅ ଂଚଳ ମାନଙ୍କର କୌଣସି ଶିଶୁକୁ ଯଦି ଜତ୍ନ ଓ ସୁରକ୍ଷା ର ଅଭାବ ପାଆନ୍ତି ତୁରନ୍ତ ଶିଶୁସହାୟତା ନମ୍ବର ୧୦୯୮ ରେ କଲ କରି ଚାଇଲଡ୍ସ ଲାଇନ ଜଣାଇବା ପାଇଁ କୁହାଯାଇଥିଲା । ୩ ଗୋଟି ଗ୍ରାମରୁ ଅଙ୍ଗନବାଡି କର୍ମି ଏବଂ ୧୪୮ ରୁ ଅଧିକ କିଶୋର କିଶୋରୀ ମହିଳା ଏବଂ ଶିଶୁ ମାନେ ଅଂଶ ଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ମୁକେଶ କୁମାର ଯୋଶୀ ଓ ଆଇସିଡିଏସ ସୁପ୍ରଭାଇଜର ମାନେ କାର୍ଯ୍ୟ ସମ୍ପାଦନା ରେ ସାହଯ୍ୟ କରିଥିଲେ । ସମ୍ପୃକ୍ତ ଗ୍ରାମର ରେବତୀ ବରିହା, ଗଙ୍ଗା ମାଝୀ , ଅଞ୍ଜଳି ବାରିକ, ପୁଷ୍ପାଞ୍ଜଳି ପ୍ରଧାନ , ପଦ୍ମିନୀ ଶବର , ଭୁବନେଶ୍ୱରୀ ମାଝୀ , ଲୁକେଶ ପଟେଲ , କମଲେଶ୍ୱରୀ କେଉଁଟ ସହଯୋଗ କରିଥିଲେ ।

# ଗୋଷ୍ଠୀ ଗୃହ ଉଦ୍‌ଘାଟନ ଉତ୍ସବ

ନୂଆପଡ଼ା,୭/୯ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ସଦର ପଂଚାୟତ କାପସି ଗ୍ରାମ ଡୋଙ୍ଗରିପଡା ଠାରେ ନବନିର୍ମିତ ହୋଇଥିବା ଗୋଷ୍ଠୀ ଗୃହ ଉଦଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନୂଆପଡା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଧର ନିଆଲ ଯୋଗ ଦେଇ ଶୁଭ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିନାପାଲି ସରପ ଂଚ ସୀତାରାମ ମେହେର, ମନ୍ଦାକିନୀ ବଘେଲ୍, ଦୈତାରୀ ମେହେର, କେଶବ ତାଣ୍ଡି, ଜ୍ୟୋତିପ୍ରିୟା ଜଗତ ମ ଂଚାସୀନ ଥିଲେ । ଏହି ଉଦଘାଟନୀ ସଭା ଟିକୁ ମୋହନଚରଣ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିବା ବେଳେ ଗୋଷ୍ଠୀ ଗୃହ ର ସଂକ୍ଷିପ୍ତ ବିବରଣୀ ପ୍ରକାଶ ଚନ୍ଦ୍ର ପାତ୍ର କରିଥିଲେ । ଶ୍ରୀ ନିଆଲ ଉକ୍ତ ଗୋଷ୍ଠୀ ଗୃହ ର ବିଦ୍ୟୁତକରଣ , ପାନୀୟ ଜଳ, ତଥା ଆବଶ୍ୟକ ଅନ୍ୟାନ୍ୟ ଜିନିଷ ପତ୍ର ର ସୁବ୍ୟବସ୍ଥା କରିବାକୁ ବକ୍ତବ୍ୟ ପ୍ରକାଶ କରିଥିବା ବେଳେ ଡଙ୍ଗରିପଡା ର ଅନେକ ସମସ୍ୟା ର ସମାଧାନ କରିବା ପାଇଁ ପ୍ରତିସ୍ରୁତି ଦେଇଥିଲେ । ଏହି ଅବସରରେ ରଂଜନ ଦାସ, ନବିନ ନିଆଲ, ଲଳିତ ମାଝି, ଗୁପ୍ତେ ମାଝି, ଡୋଲାମଣି ନିଆଲ, ଲୋଚନ ଲୋହାର, ଧ୍ୱଜ ମାଝି, କୁନ୍ତଲା ମହାନନ୍ଦ, ମାଁ ତୁଳସୀ ଏସ୍ ଏଚ୍ ଜି ଗ୍ରୁପ କାପସି ର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମାଁ ଠାକୁରାଣୀ ଆଜାଦ କ୍ଲବ୍ ସଭାପତି ବିହାରୀ ଲାଲ ମଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ନକଲି ଶିକ୍ଷକ ଯା ଂଚ ପ୍ରକ୍ରିୟାକୁ ବର୍ଷେ ପୁରିଲା : ଜଣା ପଡିଲାନି ଅସଲି ନକଲି

## ଶିକ୍ଷା ବିଭାଗର ଛତ୍ରଛାୟା ତଳେ ନକଲି ଶିକ୍ଷକ

ନୂଆପଡ଼ା,୭/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ରେ ନକଲି ଶିକ୍ଷକ ଯାଂଚ ପ୍ରକ୍ରିୟା ର ବର୍ଷେ ପରେ ବି ଅସଲି ନକଲି ଚିହ୍ନଟ ହୋଇପାରିନଥିବା ବେଳେ ସିନାପାଲି ଶିକ୍ଷା ବିଭାଗ ଓ ଜିଲା ଶିକ୍ଷା ବିଭାଗ ର ଛତ୍ରଛାୟା ତଳେ ନକଲି ଶିକ୍ଷକ ମାନେ ରହିଥିବା ସାଧାରଣ ରେ ଅଭିଯୋଗ ହେଉଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ସରକାର ଙ୍କ ନିର୍ଦ୍ଦେଶ ଅନୁସାରେ ସିନାପାଲି ବ୍ଲକ ରେ ୨୦୨୦ମସିହା ଜୁଲାଇ ମାସ ୨୩ରୁ ୨୬ ତାରିଖ ମଧରେ ସିନାପାଲି ବ୍ଲକ୍ ଶିକ୍ଷକ ମାନଙ୍କ ଶିକ୍ଷାଗତ ଓ ବୃତିଗତ ପ୍ରମାଣ ପତ୍ର ଯାଂଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟାରେ ସିନାପାଲି ର ପ୍ରାୟ ୩୦୦ ଜଣ ଶିକ୍ଷକ ଙ୍କ ପ୍ରମାଣ ପତ୍ର ଯା ଂଚ କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ନକଲି ଶିକ୍ଷକ ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବରଂ ଶିକ୍ଷା ବିଭାଗ ସୁରକ୍ଷା ଦେଉଥିବା ଜନସାଧାରଣ ରେ ବେଶ୍ ଚର୍ଚ୍ଚା ହେଉଛି । ଶିକ୍ଷକ ମାନେ ଶିକ୍ଷଗତ ପ୍ରମାଣ ପତ୍ର ର ସମସ୍ତ ତଥ୍ୟ ସତ ନା ମିଛ ଜାଣିବା ପାଇଁ ସଂପୃକ୍ତ ବୋର୍ଡ଼ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ବିଶ୍ୱ ବିଦ୍ୟାଳୟ ରୁ ତଥ୍ୟ ମଗାଯିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ କରଯାଇଥିଲା । ହେଲେ ଏହି ତଥ୍ୟ ମାଗିବା ପରେ ମଧ ଅସଲି ଓ ନକଲି ଚିହ୍ନଟ କରିବାରେ ଏତେ ବିଳମ୍ବ କିପରି ହେଉଛି ତାହା ସଚେତନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ସୂଚନଯୋଗ୍ୟଯେ, ରାଜ୍ୟରେ ନକଲି ଶିକ୍ଷକ ଯା ଂଚ ପ୍ରକ୍ରିୟା ର ସାତ ଦିନ ମଧରେ ଅନ୍ୟ ଜିଲ୍ଲାରେ କାର୍ଯ୍ୟାନୁଷ୍ଠାନ ହୋଇ ନକଲି ଶିକ୍ଷକ ମାନଙ୍କ ପର୍ଦ୍ଦାଫାଶ ହୋଇ କାର୍ଯ୍ୟାନୁଷ୍ଠାନ ହୋଇ ବିଦା ହୋଇ ସାରିଥିବା ବେଳେ ଏଠାରେ ବ୍ୟତିକ୍ରମ ଦେଖାଯାଇଛି । ଫଳରେ ବିଭାଗୀୟ ଅଧିକାରୀ ଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେଉଛି । ସିନାପାଲି ବ୍ଲକ ରେ ବହୁ ନକଲି ଶିକ୍ଷକ ଜାଲ ପ୍ରମାଣ ପତ୍ର ଆଣି ଚାକିରି କରୁଥିବା ବହୁ ଦିନରୁ ଅଭିଯୋଗ ହୋଇ ଆସୁଛି । ଅନେକ ଶିକ୍ଷକ କିଣା ସାର୍ଟିଫିକେଟ ଦେଇ ଚାକିରୀ ହାତେଇଥିବା ବେଳେ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ ସମେତ ବାହାର ରାଜ୍ୟରୁ ପ୍ରମାଣ ପତ୍ର ଆଣି ଶିକ୍ଷା ବିଭାଗ ଛତ୍ର ଛାୟା ତଳେ ସୁରକ୍ଷିତ ରହିଥିବା ଅ ଂଚଳରେ ଚର୍ଚ୍ଚା ଜୋର ଧରିଛି । ବର୍ତମାନ ସରକାର ଶିକ୍ଷା ବିଭାଗ କୁ ଅବାଧ ଓ ସ୍ୱଚ୍ଛ ରଖିବା ପାଇଁ ପୁଣି ଥରେ ଯା ଂଚ ପ୍ରକ୍ରିୟା କୁ କଡ଼ା କଡି କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରକୃତରେ ଶିକ୍ଷା ବିଭାଗ ଉକ୍ତ ବିଷୟକୁ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରୁଛି କି ନାହିଁ ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଠାରେ ସୂଚନଯୋଗ୍ୟଯେ, ଗତ ୨୦୨୦ ମସିହାରେ ଯା ଂଚ ପ୍ରକ୍ରିୟା ଆରମ୍ଭ ବେଳେ ସିନାପାଲି ଅ ଂଚଳ ଖବର ନାମକ ଏକ ସୋସିଆଲ ମିଡିଆ ଗ୍ରୁପ ରେ ନକଲି ଶିକ୍ଷକ ଙ୍କୁ ବ ଂଚାଇବା ପାଇଁ ୪ଲକ୍ଷ ଟଙ୍କା ମୂଳ ଚାଲ ହୋଇଥିବା ଘଟଣା ଗ୍ରୁପ ରେ ଚର୍ଚ୍ଚା ହୋଇଥିବା ଦେଖିବାକୁ ମିଳିଥିଲା । ସେତେବେଳେ ଅନେକ ଖବର କାଗଜରେ ମଧ୍ୟ ପ୍ରକାଶ ପାଇଥିଲା । ନୂଆପଡ଼ା ଉପ ଜିଲ୍ଲାପାଳ ତରଣୀସେନ ନାଏକ ଘଟଣା ର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ କହିଥିଲେ ହେଲେ କୌଣସି ସୁଫଳ ମିଳିନଥିଲା । ବର୍ତମାନ ଏହି ପ୍ରକ୍ରିୟା କ୍ଷେତ୍ର ରେ ପରୀକ୍ଷା ରେଜିଂ କାର୍ଡ, ଆଡମିଟ କାର୍ଡ, କେବେ ନାମ ଲେଖାଇଲେ, ଆଡ଼ମିଶନ ନକଲ କପି, ଆଡ଼ମିଶନ କ୍ରମିକ ସଂଖ୍ୟା କେତେ, କେବେ ଏଂଟ୍ରାନସ ଦେଲେ, ଷ୍ଟଡି ସେଂଟର କେଉଁ ଟା, କେତେ ତାରିଖ ରୁ କେତେ ତାରିଖ ପର୍ଯ୍ୟନ୍ତ ୱାର୍କସପ୍ କଲେ, ପରୀକ୍ଷା କେନ୍ଦ୍ର କେଉଁ ଟା ଥିଲା, ପରୀକ୍ଷା କେବେ ଦେଲେ, ଫଳା ଫଳ କେବେ ଘୋଷଣା ହେଲା ଏ ସବୁର ସବିଶେଷ ତଥ୍ୟ ମଗା ଯାଇ ତଦନ୍ତ ଆରମ୍ଭ କରାଗଲେ ନକଲି ଶିକ୍ଷକ ଧରାପଡ଼ିବା ନିଶ୍ଚିତ ବୋଲି ବୁଦ୍ଧଜୀବୀ ମହଲ ରେ ମତ ପ୍ରକାଶ ପାଇଛି । ସିନାପାଲି ବ୍ଲକ ରେ ଏକ୍ସ କ୍ୟାଡ଼ର ସହକାରୀ ଶିକ୍ଷକ, ଶିକ୍ଷା ସହାୟକ, ଗଣ ଶିକ୍ଷକ, ଜିଲ୍ଲା ପରିଷଦ ଶିକ୍ଷକ ବି ଏ ବି ଇ ଡି ଶିକ୍ଷକ ଙ୍କୁ ମିଶାଇ ୩୭୧ ଜଣ ରହି ଥିବା ବେଳେ ଅନେକ ଓଟିଇଟି ସାର୍ଟି ଫିକେଟ ଜାଲ ଥିବା ମଧ ଅଭିଯୋଗ ହୋଇଛି । ତେବେ ଶିକ୍ଷା ବିଭାଗ ତଦନ୍ତରେ କେତେଦୁର ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ଚାଲାଣ ପାଇଁ ଗଚ୍ଛିତ ଥିବା ୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ଜଣେ ଗିରଫ

କନ୍ଧମାଳ,୭/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ପୋଲିସ ଜିଲ୍ଲା ବାହାରକୁ ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ୩ କ୍ୱିଣ୍ଟାଲ ୨୯ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ସଂକ୍ରାନ୍ତରେ ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା ଜଣେ ମାଫିଆକୁ ମଧ୍ୟ ଗିରଫ କରିଛି ପୋଲିସ । ସୂଚନା ଅନୁସାରେ ଗୋଛାପଡା ଥାନା ଅଂଚଳର ତଳଶ୍ରୀଗୁଣ୍ଡି ଗ୍ରାମ ନିକଟରେ କ୍ଷେଇ ଚାଲାଣ ପାଇଁ ଯୋଜନା ଚାଲିଥିବା ନେଇ କୌଣସି ସୂତ୍ରରୁ ପୋଲିସ ଜାଣିବାକୁ ପାଇଥିଲା । ସେଠାରେ ଚଢାଉ କରିବା ପରେ ସେଠାରେ ବସ୍ତାରେ ବନ୍ଧା ଯାଇଥିବା ଏହି ଗଞ୍ଜେଇକୁ ପାଇଥିଲା ପୋଲିସ । ସେଠାରୁ ଏହି ଗଞ୍ଜେଇ ସମେତ ସେହି ଗ୍ରାମର ପାଟୁ କହଁର ନାମ ଜଣେ ବ୍ୟକ୍ତିକୁ ଗିରଫ କରିଛି ପୋଲିସ । ଏହି ସଂକ୍ରାନ୍ତରେ ପୋଲିସ ଏକ ମାମଲା ୭୪/୨୧ ରୁଜ୍ଜୁ କରି ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କ ସୂତ୍ରରୁ ଜଣାପଡିଛି ।

# ଚାଳ ଘର ସାହିତ୍ୟ ସଂସଦ ପକ୍ଷରୁ ବ୍ରହ୍ମବରଦା ମହାବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ

ଧର୍ମଶାଳା,୬ ସେପ୍ଟେମ୍ବର(ହି.ସ.) - ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ମହାବିଦ୍ୟାଳୟ ପରିସରରେ ବରୀ ଚାଳ ଘର ସାହିତ୍ୟ ସଂସଦ ପକ୍ଷରୁ ପବିତ୍ର ଗୁରୁ ଦିବସ ଅବସରରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ଉତ୍ସବରେ ଚାଳ ଘର ସାହିତ୍ୟ ସଂସଦର ସଭାପତି ବିରଜା ପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଗୁରୁ ଶିଷ୍ୟ ପରମ୍ପରା ସବୁବେଳେ ରହିଛି ଆଉ ରହିବ ମଧ୍ୟ,ଗରୁଜନଙ୍କୁ ସମ୍ମାନୀତ କରିବା ଏହା ହେଉଛି ଉପଯୁକ୍ତ ସମୟ ବୋଲି ମୁଖ୍ୟ ଅତିଥି ଶ୍ରୀମତି ବିଧାୟିକା ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁକ୍ୟବକ୍ତାଭାବେ ବ୍ରହ୍ମବରଦା ଯୁକ୍ତ ତିନି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସୁସାହିତ୍ୟିକ ମହେଶ୍ୱର ପାଢୀ ଯୋଗ ଦେଇ ଚାଳ ଘର ଯେଉଁ ଗୁରୁପୂଜନ ଉତ୍ସବ ପ୍ରୟାସ କରିଛି ତାହା ଆଗମାମୀ ଦିନରେ ଯୁବପୀଢୀମାନଙ୍କ ପାଇଁ ଏକ ଉଦାହରଣ ପାଲଟିବ । ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ପୃଷ୍ଟି ,ରସୁଲପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ଯୋଗ ଦେଇ ମା'ହିଁ ପ୍ରଥମ ଗୁରୁ । ୨ୟରେ ବିଦ୍ୟାଳୟର ଶିକ୍ଷକ ହିଁ ୨ୟ ଗୁରୁ ବୋଲି ମତ ପ୍ରକାଶ କରିଥିଲେ । ଚାଳଘର ସାହିତ୍ୟ ସଂସଦର ସମ୍ପାଦକ ପ୍ରତାପ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ପ୍ରଶାନ କୁମାର ସାହୁ ସ୍ୱାଗତ ଭାଷଣ ଓ ଯୁବନେତା ପ୍ରଦୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । କୁନକୁନି କଳାକାରଙ୍କୁ ନେଇ ସ୍ୱାଗତ ସଂଗୀତ ଗାନ ଓ ନୃତ୍ୟ ପରିଷେଣ କରାଯାଇଥିଲା । ସଂସଦ ପକ୍ଷରୁ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତର ୧୨୦ ଜଣ ପ୍ରାକ୍ତନଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚ ପରିଚାଳନାରେ ଅଧ୍ୟାପକ ରଶ୍ମିକାନ୍ତ ଦାଶ,ସୂର୍ଯ୍ୟକାନ୍ତ ରାଉତ,ସେକ୍ ରୁହୁଲ ଅମିନ,ବାବୁଲା ରଣା,ଶିବ ପ୍ରସାଦ ସାହୁ,ସଂଜୟ ପ୍ରଧାନ,ବିବେକାନନ୍ଦ ଜେନା,ଦେବରାଜ ମିଶ୍ର ପ୍ରମୁଖଙ୍କ ସମେତ ଚାଳଘର ସାହିତ୍ୟ ସଂସଦର ସଭ୍ୟମାନେ ସହଯୋଗ କରିଥିଲେ । ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ଗୋଟି ପଂଚାୟତ ବରିଷ୍ଠମାନଙ୍କୁ ଏକତ୍ର କରି ଯେଉଁ ସମ୍ବର୍ଦ୍ଧନା ଦିଆଯାଇଛି ତାହାକୁ ନେଇ ବ୍ରହ୍ମବରଦା ୨ ମହାବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ବୁଧବାର, ୮ ସେପ୍ଟେମ୍ବର ୨୦୨୧

# ଜ୍ୱର





ପ୍ରତ୍ୟେକ ସୁସ୍ଥ ଲୋକର ଦେହର ତାପମାତ୍ରା ୩୬୮ ଡିଗ୍ରୀ ସେଲସିୟସ ବା ୯୯.୪ଡିଗ୍ରୀ ଫାରେନହିଟ୍ । ଏହା ଦିନ ଭିତରେ ଖୁବ ବେଶୀରେ ୦.୫ ଡିଗ୍ରୀ ସେଲସିୟସ ବଦଳିପାରେ ଏଥିରୁ ଅଧିକ ତାପମାତ୍ରା ରହିଲେ ଜ୍ୱର ବୋଲି କୁହାଯାଏ । ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବାକୁ ମସ୍ତିଷ୍କର ହାଇପୋଥାଲାମସରେ ଏକ 'ଥର୍ମୋଷ୍ଟାଟ' ଅଛି ।

ଜ୍ୱରର କେତେକ ପ୍ରକାର ଏହିପରି । ଦେହରେ ତାତି ଭର୍ତ୍ତି ହୋଇଥିବ, କିନ୍ତୁ ଥର୍ମୋମିଟରରରେ ପରୀକ୍ଷା କଲେ ସବୁ ସମୟରେ ତାପମାତ୍ରା ଜଣାପଡ଼େ ନାହିଁ । ଏହାକୁ 'ହୁଲା' କୁହାଯାଏ । କେତେକ ରୋଗୀଙ୍କ ଦେହରେ ଉତ୍ତାପ ବଢ଼ିବା ପୂର୍ବରୁ କମ୍ପ ହୁଏ । ଏହାକୁ ଡାକ୍ତରୀ ଭାଷାରେ 'ରାଇଗର' କୁହାଯାଏ । ମୁଖ୍ୟତଃ ମ୍ୟାଲେରିଆ, ଭାଇରାଲ ଜ୍ୱର ପାରାସିଟାମଲ ବଟିକା ଖାଇ ଜ୍ୱର କମିଗଲା ପରେ ଦ୍ୱିତୀୟ ପାଳିରେ ଯେଉଁ ଜ୍ୱର ଆସେ ତା ପୂର୍ବରୁ କମ୍ପ ହୁଏ । ଜ୍ୱର ହୋଇ ରାତ୍ରିରେ ଅଧିକ ଝାଳ ବାହାରିଲେ ଫୁସଫୁସରେ ଯକ୍ଷ୍ମା କିମ୍ବା ଶରୀରର ଅନ୍ୟ ଅଙ୍ଗରେ ଯକ୍ଷ୍ମାରୋଗ ହୋଇଛି ବୋଲି ଡାକ୍ତରମାନେ ଅନୁମାନ କରି ପରୀକ୍ଷାନିରୀକ୍ଷା କରନ୍ତି । ଏହା ବ୍ୟତୀତ ମହିଳାଙ୍କର ରଜୋନିବୃତ୍ତି ପରେ, ଅଧିକ ମାନସିକ ଉତ୍କଣ୍ଠା, ମଦପାନ ପରେ, ମଧୁମେହ ଓ ହାଇପରଥାଇରଏଡ ରୋଗରେ ଅଧିକ ଝାଳ ବୋହିଥାଏ । ମୁଣ୍ଡବିନ୍ଧା ଭାଇରାଲ ଫିଭର, ଇନଫ୍ଲୁଏନଜା, ଟାଇଫଏଡ, ମ୍ୟାଲେରିଆ, ବାନ୍ତି, ଝାଡ଼ା, ଡିସେଣ୍ଟ୍ରି, ପରିସ୍ରା ସଂକ୍ରମଣ ଇତ୍ୟାଦି ଜ୍ୱରରେ ଏକ ପ୍ରମୁଖ ଲକ୍ଷଣ । ଆଲୋକକୁ ଚାହିଁ ନପାରିଲେ, ଅଧିକ ମୁଣ୍ଡ ବିନ୍ଧିଲେ ମସ୍ତିଷ୍କ ଜ୍ୱର ହେବାର ସମ୍ଭାବନା ଥାଏ । ଜ୍ୱରା ଯୋଗୁ ବାଉଳିଚାଉଳି ହେଲେ, ମସ୍ତିଷ୍କ ଜ୍ୱର ହୋଇପାରେ । ଶିଶୁ ଓ ବୃଦ୍ଧ ବ୍ୟକ୍ତି ଅଧିକ ଆକ୍ରାନ୍ତ ହୋଇଥାଆନ୍ତି । ଏହାକୁ 'ଡେଲିରିଅମ' କହନ୍ତି । ଜ୍ୱରରେ ମାଂସପେଶୀ ଯନ୍ତ୍ରଣା ବିଶେଷ କରି ଭାଇରାଲ ଜ୍ୱର ଓ ସେପ୍ଟିସେମିଆ ରୋଗରେ ଏହା ଅଧିକ ହୋଇଥାଏ । କେତେକ ଜ୍ୱର ବାରମ୍ବାର ଲେଉଟେ । ପିତ୍ତକୋଷରେ ପୂଜା ହେବା, ବୃକକ୍ ପ୍ରଦାହ ପେଟର ଗୁପ୍ତପୂଜ ଯୋଗୁଁ ବି ଜ୍ୱର ବାରମ୍ବାର ଲେଉଟେ । ୧୦୩ ଡିଗ୍ରୀ ଫାରେନହିଟରୁ ଜ୍ୱର ଅଧିକ ରହିଲେ ଡାକ୍ତରଙ୍କୁ ପରାମର୍ଶ କରି ନିର୍ଦ୍ଦେଶ ଅନୁସାରେ, ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସ-ରେ, ଆବଶ୍ୟକ ସ୍ଥଳେ ପେଟ ଅଲଟ୍ରାସାଉଣ୍ଡ ଇତ୍ୟାଦି କରିବା ଆବଶ୍ୟକ ହୁଏ ।

ସାଧାରଣ ଜ୍ୱର କାରଣ ଗୁଡ଼ିକ ହେଲେ 'ଫ୍ଲୁ' ଭାଇରସ, ପେଟଯନ୍ତ୍ରଣା, ଝାଡ଼ାବାନ୍ତି, ଗ୍ରୀଷ୍ମଋତୁରେ ହିଟ୍ ଷ୍ଟ୍ରୋକ, ତଣ୍ଟି ଦରଜ, ଟନସିଲାଇଟିସ, ଫାରିଞ୍ଜାଇଟିସ, ନିମୋନିଆ ଆଣ୍ଠୁଗଣ୍ଠି ବାତ ସହିତ ଟାଇଫଏଡ, ମ୍ୟାଲେରିଆ, ଡେଙ୍ଗୁ, ଚିକୁନଗୁନିଆ ଯକୃତ ଓ ପିତ୍ତକୋଷରେ ଯକ୍ଷ୍ମା କର୍କଟ ଇତ୍ୟାଦି । ସମସ୍ତଙ୍କ ପାଇଁ ଜ୍ୱରର ସାଧାରଣ ଚିକିତ୍ସା ଜାଣିବା ଗୁରୁତ୍ୱପୂର୍ଣ୍ଣ । ପାଣି ଫୁଟାଇ ଥଣ୍ଡାକରି ୧୦/୧୨ ଗ୍ଲାସ ପିଇବା ଭଲ । ଅଳ୍ପ ଅଳ୍ପ ଉଷୁମପାଣିରେ ଅଦା ଗୋଲମରିଚ ପକାଇ ପିଇଲେ । ଯନ୍ତ୍ରଣା କମିଯାଏ । ମଦ, କଫି, ଚାର ପିଇଲେ ଦେହରୁ ଜଳୀୟ ଅଂଶ କମିଯାଏ । ଦୁର୍ବଳତା ବଢ଼େ । ସାଧାରଣ ଜ୍ୱରରେ କୌଣସି କଷ୍ଟ କିମ୍ବା ଅସୁବିଧା ନଥିଲେ ଔଷଧ ଖାଇବା ଆବଶ୍ୟକ ନାହିଁ । ସାଧାରଣରୁ ଅଧିକ ଜ୍ୱରରେ ଉତ୍ତାପ ଓ ବିନ୍ଧା କମାଇବା ପାଇଁ ପାରାସିଟାମଲ, ଆଇବୁପ୍ରୋଫେନ, ନାପ୍ରୋକ୍ସେନ ଭଳି ଔଷଧ ଖାଇବାକୁ ଦିଆଯାଏ । ଆସ୍ପିରିନ ବଟିକାରେ ଉତ୍ତାପ କମୁଥିଲେ ମଧ୍ୟ ଏହା କେବଳ ବୟସ୍କ ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ଡାକ୍ତରଙ୍କ ବିନା ପରାମର୍ଶରେ ଶିଶୁ କିଶୋରଙ୍କୁ କସ୍ମିନ କାଳେ ଆସ୍ପିରିନ ବଟିକା ଖାଇବାକୁ ଦେବା ଉଚିତ ନୁହେଁ ।

# ମୃତ ସାଗର

ସମସ୍ତେ ସମୁଦ୍ରରେ ପହଁରି ମଜା ନେବାକୁ ପନସନ୍ଦ କରିଥାନ୍ତି । ଯେଉଁମାନେ ପହଁରିବା ଜାଣି ନାହାନ୍ତି ସେମାନେ ମଧ ଲାଇଫ୍ ଜ୍ୟାକେଟର ସାହାଯ୍ୟରେ ଏହାର ମଜା ନେଇଥାନ୍ତି । ଆଜି ଆମେ ଆପଣଙ୍କୁ ଏମିତି ଏକ ସମୁଦ୍ର ବିଷୟରେ କହିବୁ ଯେଉଁଠୀ ବିନା ଲାଇଫ ଜ୍ୟାକେଟରେ ମଧ ଏହାର ମଜା ଉଠାଇ ପାରିବେ । ଜର୍ଡାନ୍ ଓ ଇସ୍ରାଏଲ ମଧରେ ଏକ ପ୍ରସିଦ୍ଧ ସମୁଦ୍ର ରହିଛି, ଯାହାକୁ 'ଡେଡ୍ ସି' ବା 'ସଲ୍ଟ ସି' କୁହାଯାଏ । ଏହି ସମୁଦ୍ରରେ ଲୁଣର ମାତ୍ରା ବହୁତ ଅଧିକ । ଏହାର ପାଣି ଏତେ କ୍ଷାରୀୟ ଯେ, ଏଥିରେ କୌଣସି ଗଛ କିମ୍ବା ଜୀବ ନାହାନ୍ତି । ଏହି କାରଣରୁ ଲୋକେ ମାନେ ସମୁଦ୍ରର ପାଣିରେ ପହଁରିବାକୁ ପସନ୍ଦ କରନ୍ତି । ଏହି ସମୁଦ୍ରକୁ ସବୁଠାରୁ ଗଭୀର କ୍ଷାରୀୟ ପାଣିରେ ହ୍ରଦ ବୋଲି ମଧ କୁହାଯାଏ । ଏହି ପାଣିରେ ମନେରାଲର ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ବହୁତ ଲାଭଦାକ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଡେଡ୍ ସି ରୋ ଗାଧୋଇବା ଦ୍ୱାରା ସବୁ ରୋଗ ଦୂର ହୋଇଯାଏ ଏଥିପାଇଁ ଏହି ସମୁଦ୍ରକୁ ଅନେକ ଲୋକ ବିଶ୍ୱାସ କରନ୍ତି ।



# ନିମ ଫଳର ଉପକାରିତା

ନିମ ଗଛ ସ୍ୱାସ୍ଥ୍ୟ ସହ ସମ୍ବନ୍ଧିତ ଅନେକ ରୋଗର ନିବାରଣ ଦିଗରେ ସହାୟକ । ଭାରତୀୟ ସଂସ୍କୃତିରେ ନିମର ବ୍ୟବହାର ବହୁ ପୁରାତନ କାଳରୁ ହୋଇଆସୁଛି । ଖରାଦିନେ ନିମ ବ୍ୟବହାରର ରହିଛି ଭିନ୍ନ ମହତ୍ତ୍ୱ । ଆୟୁର୍ବେଦରେ ମଧ ଏହାର ସ୍ଥାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରାଯାଇଛି । ନିମ ଅନେକ ରୋଗର ନିରାକରଣ ଦିଗରେ ବ୍ୟବହାର କରାଯାଏ । ଲୋକେ ଅସହ୍ୟ ଗରମରୁ ରକ୍ଷା ପାଇବାକୁ ନିମ ଗଛ ତଳେ ବସି ଶରୀରକୁ ଶୀତଳ କରିଥାନ୍ତି । ଏମିତିରେ ତ ଦେଖିବାକୁ ଗଲେ ନିମର ଅନେକ ଫାଇଦା ରହିଛି; କିନ୍ତୁ ଏହାର ଫଳ ଯେ ଆହୁରି ଲାଭଦାୟକ ଏହା କ୍ୱଚିତ ଲୋକଙ୍କୁ ଜଣାଥିବ । ନିମ ବୀଜରେ ଔଷଧୀୟ ଗୁଣ ଭରପୁର ରହିଛି । ନିମ ବୀଜ ଏବଂ ପତ୍ରରୁ ତିଆରି ଚା ପିଇଲେ ସ୍ୱାସ୍ଥ୍ୟ ଉପରେ ବେଶ ଉତ୍ତମ ପ୍ରଭାବ ପଡ଼ିଥା, । କିଡନୀ ଏବଂ ପୋଷ୍ଟେଟ ସହ ଜଡ଼ିତ ବିଭିନ୍ନ ସମସ୍ୟା ନିମିଷକେ ଦୂର ହୋଇଥା, । ଚାଟା ପିଇବା କଷ୍ଟକର ହୋଇପାରେ; କିନ୍ତୁ ରୋଗ ଦୂର କରିବା ବେଶ ସହଜ । ନିମ ବୀଜ କେଶ ସହ ଜଡ଼ିତ ବିଭିନ୍ନ ସମସ୍ୟାରୁ ମଧ ରକ୍ଷାକରେ । ଯଦି କେଶ ବାରମ୍ବାର ଝଡ଼ୁଥାଏ, ତେବେ ନିମ ଫଳକୁ ବାଟି କେଶ ମୂଳରେ ଲଗାଇଲେ ତୁରନ୍ତ ସମସ୍ୟାର ସମାଧାନ ହେବ ।



ନିମ ଫଳରେ ଆଣ୍ଟି ପରାସିଟିକ, ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗଲ ଭଳି ଗୁଣ ଭରିରହିଛି, ଯାହା କେଶକୁ ବିଭିନ୍ନ ପ୍ରକାର ସଦଦଂକ୍ରମଣରୁ ରକ୍ଷାକରେ । ଏହାଛଡ଼ା ନିମ ଫଳରେ ପ୍ରୋଟିନ, ଭିଟାମିନ ସି ଏବଂ କେରୋଟିନ ଭଳି ତତ୍ତ୍ୱ ସାମିଲ ରହିଛି । ନିମ ଫଳରୁ ତିଆରି ତେଲରେ ଆଣ୍ଟି ଏଜିଙ୍ଗ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଥା. ଯାହା ବୟସ ବୃଦ୍ଧିକୁ ଲଚାଇବା ସହ ତ୍ୱଚାର ଚମକ ବଜାୟ ରଖେ । କେବଳ ସେତିକି ନୁହେଁ, ନିମ ଫଳକୁ ବାଟି ଘର ଚାରିଆଡ଼େ ଛିଞ୍ଚିଲେ ମଶାଙ୍କ ପ୍ରଭାବ ଦୂର ହୋଇଥାଏ ।

# ସ୍ମୃତିଶକ୍ତି ଦୁର୍ବଳ କରାଏ ମେଦବହୁଳତା

ମୋଟାପଣ ବା ମେଦବହୁଳତାର ଶିକାର ହେଲେ ମଧୁମେହ, ହୃଦରୋଗ, ରକ୍ତଚାପ, ଦୁଶ୍ଚିନ୍ତା ବ୍ୟଗ୍ରତା ଭଳି ସମସ୍ୟା ପୁଜିବା ଆମେ ଜାଣୁ । ମାତ୍ର ଏହାଦ୍ୱାରା ସ୍ମୃତିହୀନତା ଭଳି ଜଟିଳ ମାନସିକ ସମସ୍ୟାରେ ପଡ଼ିବାରେ ଆଶଙ୍କା ମଧ ରହିଛି । ମେଦବହୁଳତା ଭୋଗୁଥିବା ଲୋକେ ଥରେ ସ୍ମୃତିହୀନତାର ଶିକାର ହେଲେ, ଅତୀତର ଘଟନା ଦୁର୍ଘଟଣା, ଏପରିକି ଦିନକ ପୂର୍ବରୁ ଖାଇଥିବା ଖାଦ୍ୟ କଥା ମଧ ସହଜରେ ମନେ



ପକାଇପାରନ୍ତି ନାହିଁ । ନିଷ୍ପତ୍ତି ନେବା, ସମସ୍ୟାର ସମାଧାନ କରିବା, ଭୁଲ୍ ଠିକ୍ ବିଚାର କରିବା କଷ୍ଟକର ହୁଏ । 'ଏକ୍ସପେରିମେଣ୍ଟାଲ ସାଇକୋଲୋଜି' ପତ୍ରିକାରେ ଏ ସମ୍ପର୍କରେ ଏକ ଅଧ୍ୟୟନମୂଳକ ରିପୋର୍ଟ ପ୍ରକାଶ ପାଇଛି ।

# ଅପେକ୍ଷା କରିଛି ଖାଦ୍ୟ ଉଦ୍ୟୋଗ

ସ୍ୱାଦିଷ୍ଟ ଖାଦ୍ୟ ଦେଖିଲେ କାହାର ବା ଆଗ୍ରହ ନ ବଢ଼ିବ ! କେବଳ ଖାଇବା ନୁହେଁ, ଏ କ୍ଷେତ୍ରରେ ନିଜର କ୍ୟାରିୟର ମଧ ଗଢ଼ିପାରିବେ । ପାରମ୍ପରିକ ଧାରାରୁ ବାହାରି ଏଥିପ୍ରତି ଦୃଷ୍ଟି ଦିଅନ୍ତୁ । ସ୍ୱାଦିଷ୍ଟ ସ୍ୱାଗତ କରିବ । ଷ୍ଟାଟିଷ୍ଟାଂର ଏକ ରିପୋର୍ଟ ଅନୁସାରେ ଗତବର୍ଷ ଦେଶରେ ଖାଦ୍ୟ ଉଦ୍ୟୋଗର ଆକାର ପ୍ରାୟ ୨୫ .୯୯ ବିଲିଅନ ଡଲାର ପାଖାପାଖି ରିଥିବା ବେଳେ ଆଗାମୀ କିଛିବର୍ଷ ମଧରେ ଏହା ୪୫.୯୭ ବିଲିଅନ ଡଲାରକୁ ଛୁଇଁବ ବୋଲି ଆଶା କରାଯାଉଛି । ତେଣୁ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସୁଯୋଗ ମଧ ସେହିପରି ବ୍ୟାପକ ହୋଇପାରିବ । କୌଣସି ତାରକା ହୋଟେଲରେ ସେଫ ହେବା ବ୍ୟତୀତ ଖାଦ୍ୟ ପ୍ରକ୍ରିୟାକରଣ, ମାନ ପରୀକ୍ଷଣ, ପ୍ୟାକେଜିଂ, ମାର୍କେଟିଂ ପରି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ । ଖାଦ୍ୟ ଉଦ୍ୟେଗରେ ନିଯୁକ୍ତି ସୁଯୋଗ ଦେଇପାରୁଥିବା କେତେକ ଦିଗ ସମ୍ପର୍କରେ ଜାଣନ୍ତୁ । ଫୁଡ୍ କ୍ରିଟିକ: ଖାଦ୍ୟପ୍ରିୟ ବ୍ୟକ୍ତିଙ୍କ ଲାଗି ଏହା କ୍ୟାରିୟର ଗଢ଼ିବାର ଏକ ଭଲ ବିକଳ୍ପ । ଏଥିରେ ଦେଶର ଭିନ୍ନଭିନ୍ନ ସ୍ଥାନକୁ ଯାଇ ସେଠାକାର ସ୍ଥାନୀୟ ଖାଦ୍ୟର ସ୍ୱାଦ, ସୁଗନ୍ଧ, ଗୁଣବତ୍ତା ସମ୍ପର୍କରେ ପରଖିବା ସହିତ ଏହି ଅନୁଭୂତିକୁ ଆଲୋଖ୍ୟ କିମ୍ବା ଭିଡିଓ ମାଧମରେ ସାଧାରଣ ଲୋକଙ୍କ ସହ ସେୟାର କରିବାକୁ ହୋଇଥାଏ ।





**ଶିକ୍ଷାଗତ ଯୋଗ୍ୟତା:-**

ଖାଦ୍ୟପ୍ରିୟ ହେବା ସହିତ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ, ଫ୍ଲେଭର ତଥା ଅନ୍ୟାନ୍ୟ ଉପାଦାନ ସମ୍ପର୍କରେ ଧାରଣା ରହିବା ଜରୁରୀ । ହେଟେଲ ମ୍ୟାନେଜମେଣ୍ଟ ତଥା କୁଲିନାରୀ ଆର୍ଟରେ ସ୍ନାତକ ହାସଲ କରିପାରନ୍ତି । ଲେଖିବା ଶୈଳୀକୁ ଉନ୍ନତ କରିବା ସହିତ ଇଂରାଜୀ ସାହିତ୍ୟ ଏବଂ ଗଣଯୋଗାଯୋଗ ପାଠ୍ୟକ୍ରମରେ ଶିକ୍ଷାଲାଭ କରିବା ସହାୟକ ହୋଇଥାଏ ।

**ନିଯୁକ୍ତି ସୁଯୋଗ:-**

ବଡ଼ ବଡ଼ ରେଷ୍ଟୋରାଁ, କାଫେ ହୋଟେଲ ଆଦି ନିଜ ପ୍ରସ୍ତୁତ ଖାଦ୍ୟର ସମୀକ୍ଷା ଲାଗି ଖାଦ୍ୟ ସମୀକ୍ଷକଙ୍କୁ ଆମନ୍ତ୍ରଣ କରନ୍ତି । ଏହା ବ୍ୟତୀତ ବୈଦ୍ୟୁତିକ ଏବଂ ମୁଦ୍ରଣ ଗଣମାଧମ ସହିତ ଖାଦ୍ୟ ସଂକ୍ରାନ୍ତ ୱେବସାଇଟରେ ବି ନିଜ ସମୀକ୍ଷା ଉପସ୍ଥାପନ କରିପାରିବେ ।

**ଫୁଡ୍ ବ୍ଲଗର:-**

କୌଣସି ଭଲ ରେଷ୍ଟୋରାଁ ଖୋଜୁଥିଲେ କିମ୍ବା ଅନଲାଇନରେ ଖାଦ୍ୟ ଅର୍ଡର କରିବାକୁ ଚାହୁଁଥିଲେ ପ୍ରଥମେ ଅନ୍ୟ ଭିଜିଟରମାନଙ୍କ ସମୀକ୍ଷାକୁ ଅନଲାଇନରେ ପରଖିଥାନ୍ତି । ଏଗୁଡ଼ିକ ମଧ୍ୟରୁ ଏକାଧିକ ଫୁଡ ବ୍ଲଗର୍ସ ଲେଖିଥାନ୍ତି । ନିଜ ସହର ତଥା ଦେଶଦୁନିଆର ବିଭିନ୍ନ ସ୍ଥାନ ବୁଲି ସେଠାକାର ଦର୍ଶନୀୟ ସ୍ଥାନ ଏବଂ ସ୍ୱତନ୍ତ୍ର ଖାଦ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇବା ସେମାନଙ୍କ ସଉକ ହୋଇଥାଏ । ଫୁଡ ବଲଗିଙ୍ଗ ଏବକାର ଯୁବପିଢ଼ି ମଧରେ ଏକ ପସନ୍ଦଯୋଗ୍ୟ ପେସା ପାଲଟିଛି ।

**ଶିକ୍ଷାଗତ ଯୋଗ୍ୟତା:**

ଏଥିପାଇଁ କୌଣସି ବିଶେଷ ପାଠ୍ୟକ୍ରମ ନଥିଲେ ବି ଫଟୋଗ୍ରାଫି, ଆଲେଖ୍ୟ ପ୍ରସ୍ତୁତ କରିବା, ବ୍ଲିଗିଙ୍ଗ ସହିତ ସୋସିଆଲ ମିଡିଆ ପରିଚାଳନା ଓ ଏଥିସହ ଜଡ଼ିତ ବିଭିନ୍ନ କୌଶଳ ଜାଣିବା ଲାଗି ସ୍ୱତନ୍ତ୍ର ଶିକ୍ଷା ହାସଲ କରିପାରନ୍ତି । ଡିଜିଟାଲ ମାର୍କେଟିଂ ଏବଂ ୱେବ୍ ଡିଜାଇନିଂ ଶିଖିବା ମଧ ଭଲ ।

**ନିଯୁକ୍ତି ସୁଯୋଗ:-**

ଅଧିକାଂଶ ଫୁଡ ବ୍ଲଗର ନିଜସ୍ୱ ବ୍ଲଗରେ ଲେଖୁଥିବା ବେଳେ ଖାଦ୍ୟ ଏବଂ ଜୀବନ ଶୈଳୀ ସଂକ୍ରାନ୍ତ ପ୍ରତିଷ୍ଠିତ ୱେବସାଇଟଗୁଡ଼ିକରେ ବି ଏମାନଙ୍କୁ ପୂର୍ଣ୍ଣ ସମୟ ଆଂଶିକ ସମୟ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଥାଏ ।

**ନ୍ୟୁଟ୍ରିସନିଷ୍ଟ:-**

ଜଣଙ୍କର ବୟସ୍କ ଓଜନ ଉଚ୍ଚତା ଏବଂ ଲିଙ୍ଗ ଅନୁଯାୟୀ ତାଙ୍କ ପାଇଁ ସଠିକ୍ ଖାଦ୍ୟ ଏବଂ ପୋଷକ ତତ୍ତ୍ୱ ନିର୍ଦ୍ଧାରଣ କରିବା ଲାଗି ନ୍ୟୁଟ୍ରିସପିଷ୍ଟ ବା ପୋଷକ ତତ୍ତ୍ୱ ବିଶେଷଜ୍ଞ ଆବଶ୍ୟକ ହୋଇଥାନ୍ତି । ଏବେ ଦିନକୁ ଦିନ ଜୀବନଶୈଳୀ ସଂକ୍ରାନ୍ତ ରୋଗ ବଢ଼ି ଚାଲିଥିବାରୁ ଏଭଳି ବିଶେଷଜ୍ଞଙ୍କ ପରାମର୍ଶ ବେଶୀ ଦରକାର ହେଉଛି ।

**ଶିକ୍ଷାଗତ ଯୋଗ୍ୟତା:-**

ହୋମସାଇନ୍ସ, ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ ଆଣ୍ଡ ଡାୟାବେଟିକ୍ସରେ ସ୍ନାତକତ୍ତୋର ହାସଲ କରିବାକୁ ହୁଏ । ଏହା ସହିତ କର୍ଣ୍ଣର୍ଣ୍ଣସିପ୍ ସମ୍ପୂର୍ଣ୍ଣ କରିବା ସହ ଆଇଡିଏର ଲାଇସେନ୍ସ ଲାଗି ହେଉଥିବା ପରୀକ୍ଷା ପାସ କରିବା ଜରୁରୀ ।

**ନିଯୁକ୍ତି ସୁଯୋଗ:-**

ପୋଷକ ତତ୍ତ୍ୱବିଶେଷଜ୍ଞ ଭାବେ ପେଡିଆଟ୍ରିକ ନ୍ୟୁଟିସନ ସେଣ୍ଟର, ବେସରକାରୀ ଚିକିତ୍ସାକେନ୍ଦ୍ର, ବୃଦ୍ଧାଶ୍ରମ, ସ୍ପୋର୍ଟସ କ୍ଲବ୍, ଜିମ, ସ୍ଲିମିଂ ସେଣ୍ଟର ଆଦିରେ କ୍ୟାରିୟର ଗଢ଼ିପାରିବେ ।

**ଫ୍ଲେଭର କେମିଷ୍ଟ :-**

ବଜାରରେ ଉପଲବ୍ଧ ବିଭିନ୍ନ ଖାଦ୍ୟ ସାମଗ୍ରୀ ଭିନ୍ନଭିନ୍ନ ସ୍ୱାଦ, ଯଥା- ଅରେଞ୍ଜ ଫ୍ଲେଭର ଷ୍ଟ୍ରବେରୀ ଫ୍ଲେଭର ଆଦିରେ ମିଳିଥାଏ । ଏହାକୁ ପ୍ରସ୍ତୁତ କରିବା ଲାଗି ଫ୍ଲେଭର କେମିଷ୍ଟ ଦରକାର ହୁଅନ୍ତି । ଏମାନେ ମୂଳ ସ୍ୱାଦ ଦେଇପାରୁଥିବା ତତ୍ତ୍ୱକୁ ଠାବ କରି ପ୍ରସ୍ତୁତ କରୁଥିବା ଖାଦ୍ୟରେ ଏହାକୁ ମିଶାଇ ଦିଅନ୍ତି । ଫଳରେ ଖାଦ୍ୟର ସ୍ୱାଦ ବଦଳିଯାଏ ।

**ଶିକ୍ଷାଗତ ଯୋଗ୍ୟତା:-**

ଏଥିପାଇଁ କେମିଷ୍ଟ୍ରି ବାୟୋକେମିଷ୍ଟ୍ରି କିମ୍ବା ଫୁଡ ସାଇନ୍ସରେ ସ୍ନାତକ ତଥା ସ୍ନାତକୋତ୍ତର ଉପାଧି ହାସଲ କରିବାକୁ ହୋଇଥାଏ । ଏହା ବ୍ୟତୀତ ସ୍ୱାଦ ଏବଂ ସୁଗନ୍ଧ କରିବାରେ ବିଶେଷ ଦକ୍ଷତା ରହିଥିବା ଜରୁରୀ ।

**ନିଯୁକ୍ତି ସୁଯୋଗ:-**

ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ଚା, କଫି, ଏବଂ ପାନୀୟ ପ୍ରସ୍ତୁତକାରୀ ଉଦ୍ୟୋଗ ଗୁଡ଼ିକରେ ନିଯୁକ୍ତି ମିଳିପାରେ । ଏହା ସହିତ ଔଷଧ , ପ୍ରସାଧନ ସାମଗ୍ରୀ ଏବଂ ପଶୁଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ବି ଫ୍ଲେଭର କେମିଷ୍ଟ ଆବଶ୍ୟକ କରିଥାନ୍ତି ।



# ଘଣ୍ଟା ଚଢ଼ାଇଲେ ପୂରଣ ହୁଏ ମନୋବାଞ୍ଛା

ଆମ ଦେଶରେ ଏମିତି ଅନେକ ମନ୍ଦିର, ଦରଗାହ, ମଜାର ରହିଛି, ଯେଉଁଠାରେ ଲୋକମାନେ ନିଜ ମନୋବାଞ୍ଛା ପୂରଣ ପାଇଁ ବିଭିନ୍ନ ଜିନିଷ ଦେଇଥାନ୍ତି । ଏମିତି ଏକ ମଜାର ରହିଛି, ଯେଉଁଠାରେ ମନୋବାଞ୍ଛା ପୂରଣ ହେଲେ ଦେବାକୁ ପଡ଼େ ଘଣ୍ଟା । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ବହୁ ଲୋକ ନିଜର ଇଚ୍ଛା ପୂରଣ ପାଇଁ ଏହି ମଜାରରେ ଘଣ୍ଟା ଚଢ଼ାଇଥାନ୍ତି । ଏହି ମଜାର ରହିଛି ପଞ୍ଜାବ-ହରିଆନା ସୀମାରେ ଥିବା ଶାହବାଦ ନିକଟରେ । ଏହା ବାବା ସୟଦନ ଇବ୍ରାହିମଙ୍କ ୯ଗଜର ମଜାର, ଯାହାର ଲମ୍ବା ୩୪ ଇଞ୍ଚ ହୋଇଥିବାବେଳେ ଚଉଡ଼ା ୧୫ଇଞ୍ଚ । ମାନ୍ୟତା ରହିଛି ଯେ ୧୫୦୦ବର୍ଷ ପୂର୍ବେ ହରିଆନାର ଶାହବାଦ ଜିଲ୍ଲାରେ ଜଣେ ପୀରବାବା ରହୁଥିଲେ । ତାଙ୍କ ପାଖରେ ବହୁ ଚମ୍ତ୍କାରୀ ଶକ୍ତି ରହିଥିଲା, ସେ ଲୋକମାନଙ୍କର ଭଲ ପାଇଁ ଚମ୍ତ୍କାରୀ ଶକ୍ତିର ବିନିଯୋଗ କରୁଥିଲେ । ତେଣୁ ଲୋକମାନେ ତାଙ୍କୁ ସନ୍ଥ ଭାବରେ ଗ୍ରହଣ କରିଥିଲେ । ତାଙ୍କର ଉଚ୍ଚତା ୮ଫୁଟ୍ ଥିଲା । ମୃତ୍ୟୁ ପରେ ତାଙ୍କର ମଜାର ନୌଦାରା ପୋଲ ତଳେ କରାଯାଇଥିଲା । ପରେ ସରକାର ଏହାକୁ ଦାର୍ଶନିକ ସ୍ଥଳ ଭାବେ ଘୋଷଣା କରିଥିଲେ । ଏହାର ଠିକ୍ ସାମନାରେ ରହିଛି ଏକ ଶିବ ମନ୍ଦିର ।

# ଅଲିଗଡ଼ର ବିଶେଷତ୍ୱ

ଅନ୍ୟ ସହରର ଇତିହାସ ପରି ଅଲୀଗଡ଼ ସହରର ଇତିହାସ ମଧ ରହିଛି । ବିଭିନ୍ନ କାରୀଣରୁ ଲୋକେ ଅଲିଗଡ଼କୁ ମନେପକାନ୍ତି । କିନ୍ତୁ ଏ ସହର ମୁଖ୍ୟଭାବେ ଦୁଇଟି କାରଣ ପାଇଁ ପ୍ରସିଦ୍ଧ । ତାଲା ଯାହା ଘରକୁ ସୁରକ୍ଷା ଦିଏ । ଅଲୀଗଡ଼ରେ ତାଲା ଏକ ବିଶେଷ ଟେକନିକରେ ତିଆରି କରାଯାଏ ଯାହା ପାଇଁ ଅଲୀଗଡ଼ ତାଲା ବେଶ୍ ଜଣାଶୁଣା । ଏଠାରେ ତିଆରି ହେଉଥିବା ତାହାଲା ପ୍ରସିଦ୍ଧ ହେବାର ପ୍ରଧାନ କାରଣ ଏହାର ମଜଭୁତ କୁନ୍ଦା । ବଜାରକୁ ଛାଡ଼ିବା ପୂର୍ବରୁ ତାହାକୁ ତନ୍ନତନ୍ନ ପରୀକ୍ଷା କରାଯାଏ । ତାଲା ଲଗାଇ ତାକୁ ଲୁହା ଛଡ଼ରେ ଭାଙ୍ଗିବାକୁ ଚେଷ୍ଟା କରାଯାଏ । ଯଦି ଲୁହା ଛଡ଼ ଭାଙ୍ଗିଯାଏ ତେବେ ସେହି ତାଲା ବିକ୍ରି ଉପଯୋଗୀ ହୁଏ । କେବଳ ତାଲା ନୁହେଁ , ଅଲୀଗଡ଼ ମୁସଲିମ୍ ୟୁନିଭରସିଟି ପାଇଁ ମଧ ଏହି ସହର ପ୍ରସିଦ୍ଧ । ୟୁନିଭରସିଟି ଏକ ଦର୍ଶନୀୟ ସ୍ଥାନ ଭଳି । ୟୁଆଡ଼େ ନଜର ପକାଇବେ ସେଠାରେ କିଛି ନା କିଛି ନୂଆ ଜିନିଷ ଦେଖିବାକୁ ମିଳିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଞ୍ଜଶୀର ଭବିଷ୍ୟତ...

ଦୁଇ ଦଶନ୍ଧିର ଆଫ୍‌ଗାନ ଶାସନକୁ ହଟାଇ ତାଲିବାନ ଆଫ୍‌ଗାନିସ୍ତାନରେ କ୍ଷମତା ଦଖଲ ପାଇଁ ଚଳାଇଛି ପ୍ରାଣମୂର୍ଚ୍ଛା ଚେଷ୍ଟା । ଗୋଟିକ ପରେ ଗୋଟିଏ ପ୍ରଦେଶକୁ ନିଜ ଦଖଲକୁ ନେବା ପରେ ରାଜଧାନୀ କାବୁଲରେ ରାଷ୍ଟ୍ରପତିଙ୍କ ପ୍ରାସାଦର ପତନ ଘଟାଇଛି ତାଲିବାନ । ମାତ୍ର ପଞ୍ଜଶୀରର ଆଫଗାନ୍ ସରକାରୀ ସୈନ୍ୟ ଚଳାଇଛନ୍ତି ଦୃଢ଼ ପ୍ରତିରୋଧ । ଦିନକର ପାଖାପାଖି ୬୦୦ ତାଲିବାନୀଙ୍କୁ ନିପାତ କରିଛନ୍ତି ନ୍ୟାସନାଲ ରେଜିଷ୍ଟାନ୍ସ ଫୋର୍ସ । ଏହି ଘମାଘୋଟ ସଂଘର୍ଷର ଉଭୟ ପକ୍ଷ କ୍ଷତିଗ୍ରସ୍ତ ହେଉଥିଲେ ସୁଦ୍ଧା କୁହାଯାଉଛି ପଞ୍ଜଶୀର ହେଉଛି ତାଲିବାନ ସହ ପ୍ରତିରୋଧ ଦିଗରେ ଶେଷତମ ଦୁର୍ଗ । ରେଜିଷ୍ଟାନ୍ସ ଫୋର୍ସ ଏହା ଭିତରେ ସହସ୍ରାଧିକ ତାଲିବାନଙ୍କୁ ଅଟକ ରଖି ଲଢ଼େଇ ଜାରି ରଖିଥିବାର କୁହାଯାଉଥିବା ବେଳେ ଲଢ଼େଇ କେତେ ଦୀର୍ଘ ଚାଲିଥିବ, ତାହା କେହି କହିପାରୁନାହାଁନ୍ତି । ଆଫ୍‌ଗାନିସ୍ତାନ ଦଖଲ ନେଇ ତାଲିବାନ ଭିତରେ ପ୍ରବଳ ଉତ୍ସାହ ବଢ଼ାଇବାରେ ପାକିସ୍ତାନ ଲାଗିପଡ଼ିଛି । କେବଳ ସେତିକି ନୁହେଁ, ପାକ୍ ଗୁପ୍ତଚର ସଂସ୍ଥା (ଆଇଏସଆଇ)ର ମୁଖ୍ୟ କାବୁଲରେ ପହଞ୍ଚି ତାଲିବାନକୁ ସାହାଯ୍ୟ କରିବାରେ କେତେ କ'ଣ କରିହେବ, ତାହା ଦେଖୁଛନ୍ତି । ଆଇଏସ୍‌ଆଇ ମୁଖ୍ୟଙ୍କର ଏହି ଘଡ଼ିସନ୍ଧିରେ କାବୁଲରେ ଉପସ୍ଥିତ ପ୍ରମାଣିତ କରିଦେଉଛି ଯେ, ତାଲିବାନର କାର୍ଯ୍ୟକଳାପ ପଛରେ ପାକିସ୍ତାନର ପ୍ରତ୍ୟକ୍ଷ ହାତ ରହିଛି । ତାଲିବାନ ସରକାର ଗଠନ ସକାଶେ ଯେଉଁ ସମୟରେଖା ରଖିଥିଲା, ତାହା କରି ନପାରିବାର ଏକାଧିକ କାରଣ ଅଛି । ଖୋଦ୍ ତାଲିବାନ ଓ ତାହାର ମିତ୍ର ପକ୍ଷରେ ମତଭେଦ ଡକୁଟି ବାହାରକୁ ଚାଲିଆସିଲାଣି । ତେଣୁ ସରକାର ଗଠନ ଯେତେ ଡେରି ହେଉଛି, ଯେଉଁ କେତୋଟି ଦେଶ କୂଟନୈତିକ ସ୍ୱୀକୃତି ଦେବାକୁ ଚାହୁଁଥିଲେ ସେମାନେ ପଛଘୁଞ୍ଚା ଦେଲେଣି । କାବୁଲ ବିମାନ ବନ୍ଦରରେ ଏମିତିରେ ସ୍ଥିତି ସ୍ୱାଭାବିକ୍ ହୋଇନାହିଁ । ପଞ୍ଜଶୀର ଉପତ୍ୟକାକୁ ତାଲିବାନ ଦଖଲ କରିସାରିଲାଣି ବୋଲି ହେଉଥିବା ପ୍ରଚାରକୁ ଅହମ୍ମଦ ମାସୁଦ ଖଣ୍ଡନ କରିବା ସହ କହିଛନ୍ତି ଯେ, ଘମାଘୋଟ ଲଢ଼େଇ ଲାଗିଛି, ଏବେ ସୁଦ୍ଧା ପଞ୍ଜଶୀରର ପ୍ରଦେଶଗୁଡ଼ିକ ସ୍ୱାଧୀନ ଅଛନ୍ତି । ତାଲିବାନୀମାନଙ୍କ ସହ ଶେଷ ପର୍ଯ୍ୟନ୍ତ ଲଢ଼େଇ ଚାଲିବ । ଅନେକ ତାଲିବାନୀଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ବହୁଜଣ ଆତ୍ମସମର୍ପଣ କରିସାରିଲେଣି ବୋଲି କହିଛନ୍ତି ମାସୁଦ୍ । ଆଫ୍‌ଗାନ୍ ଭୂମିରୁ ଯେଉଁ ସ୍ଥିତିରେ ମାର୍କିନ୍ ସେନା ଅପସାରିତ ହେଲେ ତାହା ସମସ୍ତେ ଜାଣନ୍ତି । ସେମାନେ ହଟିଯିବା ପରେ ତାଲିବାନର କାବୁଲ ଅଭିଯାନ ଲାଗି ପଥ ପ୍ରଶସ୍ତ ହେଲା । ଏପରି ଶୁଣାଯାଉଛି କି, ତାଲିବାନର ଆଫ୍‌ଗାନ ଦଖଲ କ୍ଷେତ୍ରରେ ଯେଉଁ ରାଷ୍ଟ୍ରଶକ୍ତି ସମୂହଙ୍କ ହାତ ରହିଛି, ସେଥିମଧ୍ୟରେ ଚୀନ୍ ଓ ପାକିସ୍ତାନ ଅଛନ୍ତି । ଇସ୍ଲାମିକ ଦେଶଗୁଡ଼ିକ କାବୁଲ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ଯେତେଶୀଘ୍ର ସ୍ଥିର ଶାସନ ବାସ୍ତବ ରୂପ ନେବ, ସେତେ ଶୀଘ୍ର କୂଟନୈତିକ ମାନ୍ୟତା ଦେବାଲାଗି ପଦକ୍ଷେପ ନେବେ । ଏବେ ସୁଦ୍ଧା କାବୁଲ ବିମାନବନ୍ଦର ଉତ୍ତେଜନାମୁକ୍ତ ହୋଇନାହିଁ । ତାଲିବାନୀଙ୍କୁ ନିପାତ ପାଇଁ ଆମେରିକା ଘନଘନ ବୋମା ବର୍ଷା କରିଛି । ଯେଉଁଠି ବିମାନବନ୍ଦର ବିସ୍ଫୋରଣର ଖଳନାୟକ ଲୁଚିଥିଲା, ସେହି ଆଡ଼ାକୁ ଆମେରିକା ଆକାଶମାର୍ଗରୁ ଚାଳକବିହୀନ ଡୋନ୍ ସାହାଯ୍ୟରେ ଉଡ଼ାଇ ଦେଇ ଅପରାଧୀକୁ ନିପାତ କରିସାରିଛି । ନିଜ ଦେଶ ମଧ୍ୟରେ ଓ ବାହାରେ ପ୍ରେସିଡେଣ୍ଟ ଜୋ' ବାଇଡେନ୍ ସମାଲୋଚନାର ସମ୍ମୁଖୀନ ହୋଇଥିଲେ ହେଁ ତାଲିବାନର ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ଓ କାର୍ଯ୍ୟକଳାପ ଦେଖି ବିଶ୍ୱବାସୀ କୌଣସି ରୂପେ ବିଷମ ସ୍ଥିତିକୁ ଗ୍ରହଣ କରିପାରୁ ନାହାଁନ୍ତି । ଭାରତ ସରକାର କଥିତ ତାଲିବାନ ସରକାର ନେଇ ଆଭିମୁଖ୍ୟ ଯଦିଓ ସ୍ପଷ୍ଟ କରିନାହାଁନ୍ତି, ଆପାତତଃ ନୂତନ ବ୍ୟବସ୍ଥାକୁ ସ୍ୱାଗତ କରିବାକୁ ଚାହୁଁନଥିବା ଜଣାଇଛନ୍ତି । ଯେତେପର୍ଯ୍ୟନ୍ତ କାବୁଲ ସ୍ଥିତି ତରଳ ରହିଛି, କେଉଁ ବିଚାରରେ ଭାରତ ତାହାକୁ ସ୍ୱାଗତ କରିବ ? ଭାରତ ସହ ସୀମାନ୍ତରେ ଶତ୍ରୁତା କରିଆସୁଥିବା ଚୀନ୍ ଓ ପାକିସ୍ତାନ ହେଉଛନ୍ତି ତାଲିବାନର ମିତ୍ର । ପାକ୍ ଅଧିକୃତ କାଶ୍ମୀରରେ କୁଖ୍ୟାତ ଆତଙ୍କୀ ସଂଗଠନଗୁଡ଼ିକ ପାକ୍ ସମର୍ଥନ ଓ ସହାୟତାରେ ଶକ୍ତି ଠୁଳ କରିବାରେ ଲାଗିଛନ୍ତି । ଭାରତୀୟ ଆଞ୍ଚଳିକ ଅଖଣ୍ଡତା ପାଇଁ ଏହା ପ୍ରତ୍ୟକ୍ଷ ବିପଦ ଭାବେ ପରିଗଣିତ ହେଉଛି । ସୁତରାଂ, ଭାରତ ଉତ୍ପନ୍ନ ସ୍ଥିତିକୁ ସହଜ ଭାବରେ ଗ୍ରହଣ କରିନେବା ସମ୍ଭବ ହୋଇନପାରେ । ଆଫଗାନିସ୍ତାନକୁ ପାକ୍ ସମର୍ଥିତ ଆତଙ୍କୀ ସଂଗଠନ ସେମାନଙ୍କ ଖେଳପଡ଼ିଆ ବନାଇବା ଚକ୍ରାନ୍ତରେ ଅଛନ୍ତି । ଚୀନ୍ ତାହାର କୂଟନୈତିକ ପ୍ରତିନିଧିଙ୍କୁ କାବୁଲ ପଠାଇ ଜଣାଇଦେଲା ଯେ, ଆଫ୍‌ଗାନ ଭୂମିରେ ଥିବା ବିପୁଳ ଧାତବ ସମ୍ପଦ ଉପରେ ତା'ର ନିୟନ୍ତ୍ରଣ ରଖିବା ଚାହେଁ । ପାକିସ୍ତାନର ଭାରତ ବିରୋଧୀ ନୀତି ନେଇ ସବୁ ସମୟରେ ବିଷମ ସ୍ଥିତି ଲାଗି ରହୁଛି । ସେହି ସବୁ ଦୃଷ୍ଟିରୁ କିଭଳି କାବୁଲରେ ଶାନ୍ତି ଓ ସ୍ୱାଭାବିକ ଅବସ୍ଥା ଫେରିବ, ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । କାରଣ ଆଞ୍ଚଳିକ ସାର୍ବଭୌମତ୍ୱ ପାଇଁ ବିପଦ ମାଡ଼ିଆସୁଥିବା ବେଳେ କାବୁଲରେ ଦେଖାଦେଇଥିବା ସ୍ଥିତି ନେଇ କେହି ନିରବଦ୍ରଷ୍ଟା ରହିନପାରନ୍ତି ।

# ଦୁଇପଟର ଧାର ଥିବା ଖଣ୍ଡା



ଗୋପାଳ ମହାପାତ୍ର

ବିଗତ କିଛି ବର୍ଷ ହେବ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଶାସକ ଗୋଷ୍ଠୀଙ୍କ ଦ୍ୱାରା ଦୁଇଟି ବିଚାରକୁ ପ୍ରୟାସ ପୂର୍ବକ ପ୍ରାଥମିକତା ଦିଆଯାଉଛି। ଏ ଦୁଇଟି ବିଚାରକୁ ମଧ୍ୟ ଲୋକଙ୍କ ମନରେ ପୁରାଇ ଦିଆଯାଉଛି। ଏ ଦୁଇଟି ବିଚାର ବା ଦୁଇଟି ଶବ୍ଦ ହେଉଛି ରାଷ୍ଟ୍ରବାଦ ଓ ଦେଶଭକ୍ତି। କହିବାକୁ ଗଲେ ଏ ଦୁଇଟି ଶବ୍ଦ ବା ବିଚାର ସକାରାତ୍ମକତା ଏବଂ ଗୌରବବୋଧର ପରିଚାୟକ। ଏଇଥିପାଇଁ ଏହା ସକାରାତ୍ମକ ଓ ଗୌରବ ର ପରିଚାୟକ ଯେ ରାଷ୍ଟ୍ରବାଦ ର ଦମ୍‌ରେ ଶହ ଶହ ଛୋଟ ଛୋଟ ରାଜ୍ୟରେ ବାଣ୍ଟି ହୋଇଥିବା ଭାରତକୁ ଏକଜୁଟ କରାଯାଇପାରିଛି। ଏହାର ଆଧାରରେ ସ୍ୱାଧିନତା ଆନ୍ଦୋଳନ ହୋଇଛି ଓ ଦେଶ ମଧ୍ୟ ସ୍ୱାଧିନ ହୋଇଛି। ଏପରିକି ଦେଶ ସ୍ୱାଧିନ ହେବାପରେ ଦେଶରେ ଥିବା ବହୁଳତାବାଦୀ ସମାଜକୁ ରାଜନୈତିକ ଉପରେ ଏକଜୁଟ କରାଯାଇପାରିଛି। କିନ୍ତୁ ଏହା ହେଉଛି ଗୋଟିଏ ପାର୍ଶ୍ୱ। ଏକଥା ମଧ୍ୟ ସତ୍ୟ ଯେ ଏହି ରାଷ୍ଟ୍ରବାଦ ନାମରେ ହିଟଲର ସାମ୍ରାଜ୍ୟବାଦର ଖେଳ ଖେଳିଥିଲେ ଏବଂ ଲକ୍ଷ ଲକ୍ଷ ଇହୁଦୀଙ୍କୁ ହତ୍ୟା କରିଥିଲେ। ରାଷ୍ଟ୍ରବାଦ ଏକ ଦୁଇପଟରେ ଧାରଥିବା ଖଣ୍ଡା ବୋଲି କହିବାକୁ ହେବ ଯାହାର ଗୋଟିଏ ପଟ ଉତ୍କଟ ନିଷ୍ଠାକୁ ଜନ୍ମ ଦେଇଥାଏ ଓ ଅପର ପଟଟି ବିଦ୍ୱେଶ ଭାବ ସୃଷ୍ଟି କରାଇଥାଏ। ସ୍ପଷ୍ଟ ଅର୍ଥ ହେଉଛି ଶାସକ ଚାହିଁଲେ ଜନତାଙ୍କ ହିତ ସାଧନ ପାଇଁ ଏହାର ସଦୁପଯୋଗ କରିପାରିବେ ନହେଲେ ନିଜର ସ୍ୱାର୍ଥ ସାଧନ ପାଇଁ ଏହାର ଦୁରୁପଯୋଗ ମଧ୍ୟ କରିପାରିବେ। ଏଣୁ ଏହି ଶବ୍ଦ ବା ବିଚାରକୁ ଗଭୀର ଭାବେ ବୁଝିବାର ଆବଶ୍ୟକତା ରହିଛି।

ରାଷ୍ଟ୍ରବାଦର ଉତ୍ପତ୍ତି 'ରାଷ୍ଟ୍ର' ଶବ୍ଦରୁ ହୋଇଛି। ରାଷ୍ଟ୍ରର ଅବଧାରଣା ମଧ୍ୟ ଅଧିକ ପୁରୁଣା ନୁହେଁ। ଏହା ଏକ ଆଧୁନିକ ସଂକଳ୍ପନା, କିନ୍ତୁ ଖୁବ୍ କମ୍ ସମୟ ମଧ୍ୟରେ ବିଶ୍ୱ ସମୁଦାୟ ଏହି ଶବ୍ଦକୁ ଗ୍ରହଣ କରିନେଇଛି। ରାଷ୍ଟ୍ରର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ରହୁଥିବା ଲୋକଙ୍କର ଏମିତି ଏକ ଗୋଷ୍ଠୀ ଯେଉଁମାନଙ୍କର ଜାତି ଗୋଟିଏ, ଇତିହାସ ମଧ୍ୟ ଗୋଟିଏ, ସଂସ୍କୃତି ଗୋଟିଏ ଏବଂ ଭାଷା ମଧ୍ୟ ଗୋଟିଏ। ଧର୍ମକୁ ରାଷ୍ଟ୍ରର ବୁନିଆଦି ଆଧାର ବୋଲି ମାନ୍ୟତା ଦିଆଯାଇନାହିଁ। ତଥାପି ଏହି ଆଧାରରେ ରାଷ୍ଟ୍ରର ନିର୍ମାଣ ମଧ୍ୟ ହୋଇଛି। ଭାରତର ବିଭାଜନ କଥାରୁ ଏକଥା ସ୍ପଷ୍ଟ। ପ୍ରଶ୍ନ ଉଠିପାରେ ଯେ ଯଦି ଜାତି, ଇତିହାସ, ସଂସ୍କୃତି ଏବଂ ଭାଷାର ସମନ୍ୱୟରେ ରାଷ୍ଟ୍ର ନିର୍ମାଣ ହୋଇଥାଏ ତେବେ ରାଷ୍ଟ୍ରକୁ ସବୁବେଳେ ଏକଜୁଟ ରଖିବାରେ ଏସବୁ ମାନଙ୍କ ସଫଳ ହୁଏ ନାହିଁ କାହିଁକି ? ଅନ୍ୟପକ୍ଷରେ ଭାରତ ସମେତ ଅନେକ ଏମିତି ରାଷ୍ଟ୍ର ରହିଛି ଯେଉଁ ସବୁ ରାଷ୍ଟ୍ରରେ ଅନେକ ଭାଷା-ଭାଷି, ଜାତି ଓ ଧର୍ମାବଲମ୍ବୀ ରହୁଛନ୍ତି ତଥାପି ଦେଶ ଏକଜୁଟ ହୋଇରହିଛି। ତେବେ କେଉଁ କାରଣ ପାଇଁ ଏମାନେ ରାଷ୍ଟ୍ର ରୁପରେ ଏକଜୁଟ ହୋଇରହିଛନ୍ତି ? କଥା ହେଉଛି, ରାଷ୍ଟ୍ର ଏକ କାଳ୍ପନିକ ସମୁଦାୟ, ଯିଏ ନିଜର ସଦସ୍ୟମାନଙ୍କ ସାମୁହିକ ବିଶ୍ୱାସ, ଆକାଂକ୍ଷା, କଳ୍ପନା ଏବଂ ଅତୀତକୁ ନେଇ ଗୋଟିଏ ସୂତ୍ରରେ ବନ୍ଧା ହୋଇଥାଏ।

ରାଷ୍ଟ୍ରବାଦ ଭାରତୀୟ ଚିନ୍ତନର ଉତ୍ପତ୍ତି ନୁହେଁ। ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦି ମଧ୍ୟରେ ୟୁରୋପରେ ଏହି ରାଷ୍ଟ୍ରବାଦ ବିଚାରର ଉତ୍ପତ୍ତି ହୋଇଥିଲା। ଜନ୍ ଗଟଫ୍ରେଡ୍ ହର୍ଡର ହେଉଛନ୍ତି ରାଷ୍ଟ୍ରବାଦ ବିଚାରର ଜନକ ଯିଏ ସର୍ବପ୍ରଥମେ ଏହି ଶବ୍ଦର ପ୍ରୟୋଗ କରି ଜର୍ମାନୀରେ ରାଷ୍ଟ୍ରବାଦର ମୂଳଦୁଆ ପକାଇଥିଲେ। ରାଷ୍ଟ୍ରବାଦ ଶବ୍ଦର ସ୍ପଷ୍ଟ ପରିଭାଷା ମଧ୍ୟ ପ୍ରସ୍ତୁତ କରାଯାଇପାରି ନାହିଁ। ଅନେକଙ୍କ ମତରେ ରାଷ୍ଟ୍ରବାଦ ହେଉଛି ଲୋକଙ୍କର ଗୋଟିଏ ଗୋଷ୍ଠୀର ଆସ୍ଥାର ନାମ ଅଟେ ଯାହାକୁ ନେଇ ସେମାନେ ସମାନ ଇତିହାସ, ପରମ୍ପରା, ଭାଷା ଜାତିୟତା ବା ଜାତିବାଦ ଏବଂ ସଂସ୍କୃତିର ଆଧାରରେ ଏକଜୁଟ ହୋଇଥାନ୍ତି। ପ୍ରଫେସର ସ୍ନାଇଡ଼ରଙ୍କ ମତରେ ଇତିହାସର ଏକ ବିଶେଷ ପର୍ଯ୍ୟାୟରେ ରାଜନୈତିକ, ଆର୍ଥୀକ, ସାମାଜିକ ଓ ବୌଦ୍ଧିକ କାରଣର ଏକ ଉତ୍ପାଦ ହେଉଛି ରାଷ୍ଟ୍ରବାଦ। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ରାଷ୍ଟ୍ରବାଦ ପ୍ରସଙ୍ଗରେ ଚିନ୍ତନ ବ୍ୟାପକ ଅଟେ। ସେ ମଧ୍ୟ ଅନେକ ସମୟରେ ଓ ସାର୍ବଜନିକ ମଞ୍ଚରେ ରାଷ୍ଟ୍ରବାଦ ପ୍ରସଙ୍ଗରେ ତାଙ୍କ ମତ ରଖିଛନ୍ତି। ତାଙ୍କ ମତକୁ ଅନେକେ ସମାଲୋଚନା ମଧ୍ୟ କରିଛନ୍ତି କିନ୍ତୁ ସେ ତାଙ୍କ ମତରୁ ଓହରି ନଥିଲେ। ସମ୍ଭବତଃ ବିଶ୍ୱକବି ରାଷ୍ଟ୍ରବାଦ ର କୁପରିଣାମ ସମ୍ପର୍କରେ ଆକଳନ କରିପାରିଥିଲେ। ୧୯୧୭ ମସିହାରେ ଏକ ସାର୍ବଜନିକ ମଞ୍ଚରେ ଭାଷଣ ଦେଇ ବିଶ୍ୱକବି କହିଥିଲେ ଯେ "ରାଷ୍ଟ୍ରବାଦ ରାଜନୈତିକ, ଆର୍ଥୀକ ଏବଂ ସଂଗଠନାତ୍ମକ ଆଧାରରେ ଉତ୍ପାଦନ ବୃଦ୍ଧି ଏବଂ ମାନବୀୟ ଶ୍ରମର ସଞ୍ଚୟ କରି ଅଧିକ ସମ୍ପନ୍ନତା ହାସଲ କରିବାର ପ୍ରୟାସ ଅଟେ।" ରାଷ୍ଟ୍ରବାଦର ଧାରଣା ମୂଳତଃ ରାଷ୍ଟ୍ରର ସମୃଦ୍ଧି ଏବଂ ରାଜନୈତିକ ଶକ୍ତିବୃଦ୍ଧି ପାଇଁ ବ୍ୟବହାର କରାଯାଉଛି। ଶକ୍ତିବୃଦ୍ଧିର ଏହି ସଂକଳ୍ପନାରେ ଦେଶରେ ବା ରାଷ୍ଟ୍ରରେ ପରସ୍ପର ମଧ୍ୟରେ ଦ୍ୱେଷ, ଘୃଣା ଏବଂ ଭୟର ବାତାବରଣ ସୃଷ୍ଟି କରାଯାଇ ମାନବ ଜୀବନକୁ ଅସ୍ଥିର ଏବଂ ଅସୁରକ୍ଷିତ କରିଦିଆଯାଉଛି। ଏହାକୁ ସିଧାସଳଖ ଭାବରେ ମାନବ ଜୀବନ ସହିତ ଖେଳ ବୋଲି କୁହାଯାଇପାରେ। କାରଣ ରାଷ୍ଟ୍ରବାଦ ର ଏହି ଶକ୍ତିର ପ୍ରୟୋଗ ବାହ୍ୟ ଶକ୍ତିଙ୍କ ପାଇଁ ତ ବ୍ୟବହାର କରାଯାଏ ଏଥିସହ ରାଷ୍ଟ୍ରର ଆଭ୍ୟନ୍ତରୀଣ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏହି ଶକ୍ତିର ପ୍ରୟୋଗ କରାଯାଇଥାଏ। ଏଭଳି ସ୍ଥିତିରେ ସମାଜ ଏବଂ ବ୍ୟକ୍ତିର ଜୀବନ ଉପରେ ଏହି ଶକ୍ତି ଭାରି ପଡ଼ିଯାଇଥାଏ ଓ ଏକ ଭୟାବହ ନିୟନ୍ତ୍ରଣକାରୀ ସ୍ୱରୂପ ଭାବେ ଉଭା ହୋଇଥାଏ। ଦୁର୍ବଳ ଏବଂ ଅସଂଗଠିତ ପଡ଼ୋଶୀ ରାଜ୍ୟକୁ ଅଧିକାର କରିବାର ଉଦ୍ୟମ ରାଷ୍ଟ୍ରବାଦର ହିଁ ସ୍ୱଭାବିକ ପ୍ରତିଫଳନ। ଏଥିରୁ ସ୍ପଷ୍ଟ ସାମ୍ରାଜ୍ୟବାଦକୁ ଅନ୍ତତଃ ମାନବତାର ସଂହାରକ ବୋଲି କୁହାଯାଇପାରେ। ଯେଉଁ ରାଷ୍ଟ୍ରବାଦକୁ ବିଶ୍ୱକବି ମାନବତା ପାଇଁ ବିପଦ ବୋଲି କହୁଥିଲେ ତାହା ଠିକ୍ ବୋଲି ପ୍ରମାଣିତ ହୋଇଥିଲା। ରାଷ୍ଟ୍ରବାଦ ନାମରେ ୧୯୩୯ ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ଏବଂ ୧୯୪୫ରେ ହିରୋସିମା ନାଗାସାକିରେ ବୋମା ମାଡ଼ ଏହାର ପ୍ରକୃଷ୍ଟ ଉଦାହରଣ। ବିଶ୍ୱକବି ଲେଖିଛନ୍ତି ଯେ, "ରାଷ୍ଟ୍ରବାଦ ଜନିତ ସଂକୀର୍ଣ୍ଣତା ମଣିଷର ପ୍ରାକୃତିକ ସ୍ୱଚ୍ଛନ୍ଦତା ଏବଂ ଆଧ୍ୟାତ୍ମିକ ବିକାଶରେ ବାଧା ସୃଷ୍ଟି କରିଥାଏ। ଏଭଳି ରାଷ୍ଟ୍ରବାଦ ଯୁଦ୍ଧ ଉନ୍ମାଦକ ଏବଂ ସମାଜ ବିରୋଧି ହୋଇଥାଏ କାରଣ ରାଷ୍ଟ୍ରବାଦ ନାମରେ ଶାସକ ଶକ୍ତିର ଅନିୟନ୍ତ୍ରିତ ପ୍ରୟୋଗ କରିଥାନ୍ତି ଯେଉଁଥିପାଇଁ ଅନେକ ଅପରାଧ ଜନ୍ମ ନେଇଥାଏ।"

ରାଷ୍ଟ୍ରବାଦ ଏବଂ ଦେଶଭକ୍ତିକୁ ସାଧାରଣତଃ ସମାନ ଅର୍ଥରେ ନିଆଯାଇଥାଏ କିନ୍ତୁ ଏ ଦୁଇ ଶବ୍ଦର ଅର୍ଥରେ ପାର୍ଥକ୍ୟ ରହିଛି। ରାଷ୍ଟ୍ରବାଦ ଅନିର୍ବାର୍ଯ୍ୟ ଭାବେ କୌଣସି ନା କୌଣସି କାର୍ଯ୍ୟକ୍ରମ ଏବଂ ପରିଯୋଜନାର ବାହକ ଅଟେ କିନ୍ତୁ ଦେଶଭକ୍ତି ର ଭାବନାରେ ଏମିତି କିଛି ନଥାଏ। ବିଶ୍ୱକବି ମାନବତାକୁ ସର୍ବୋତ୍ତମ ବୋଲି କହିଛନ୍ତି। ସେ କହିଥିଲେଯେ, "ଯେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି ମାନବତା ଉପରେ ଦେଶ ଭକ୍ତିର ବିଜୟ ହେବାକୁ ଦେବି ନାହିଁ।" ରବିନ୍ଦ୍ର ନାଥ ଠାକୁରଙ୍କ ମତ ଥିଲା ଯେ ଦେଶଭକ୍ତି ଆମର ଶେଷ ଆଧ୍ୟାତ୍ମିକ ସହାୟକ ହୋଇନପାରେ। ଆମ ଭାରତବାସୀଙ୍କ ପାଇଁ ଗର୍ବର କଥା ହେଉଛି ହଜାର ହଜାର ବର୍ଷ ହେବ କାହିଁ କେତେ ଯୁଗରୁ "ବସୁଧୈବ କୁଟୁମ୍ବକମ୍" ଭଳି ଉଦାସ ମୂଲ୍ୟବୋଧ ଆମ ସଂସ୍କୃତିର ଅଂଶ ବିଶେଷ ହୋଇଯାଇଛି। ଆମ ଇତିହାସ ହେଉଛି ସାକ୍ଷୀ ଯେ ଆମେ ବିଶ୍ୱକୁ ଆମ ପରିବାର ଭାବି ସମସ୍ତଙ୍କୁ ଆପଣାର କରୁଛୁ। ଏହି ବିଚାରଧାରା ପାଇଁ ବିଶ୍ୱ ସମୁଦାୟ ଆମକୁ ସମ୍ମାନ ଦେଉଛି ଏବଂ ବିଶିଷ୍ଟ ବା ସର୍ବୋତ୍ତମ ବୋଲି କହୁଛି।


+ ରାମଚନ୍ଦ୍ରପୁର
ରଣପୁର,
(ମୋ)୯୪୩୮୪୮୫୦୯୪


# ପାକିସ୍ତାନରେ ହିନ୍ଦୁ ?



ଡା.ସୁରେନ୍ଦ୍ର ନାଥ ଦାଶ

ଦେଶ ବିଭାଜନ ପରେ ପ୍ରାୟ ଏକ କୋଟି ହିନ୍ଦୁ ପାକିସ୍ତାନ ଛାଡି ଭାରତ ଚାଲିଆସିଲେ ମଧ୍ୟ, ଆହୁରି ଲକ୍ଷ, ଲକ୍ଷ ହିନ୍ଦୁ ପାକିସ୍ତାନ ରେ ରହିଗଲେ । ଏହା ମଧ୍ୟରେ ୭୩ ବର୍ଷ ସମୟ ଅତିକ୍ରମ ହୋଇଗଲାଣି । ସେ ଦିନର ପାକିସ୍ତାନ ଦୁଇଖଣ୍ଡ ହୋଇ ଏକ ସ୍ୱାଧିନ ବଙ୍ଗଳା ଦେଶର ସୃଷ୍ଟି ହୋଇଛି । ସ୍ୱାଧିନତା ବେଳେ ଅବିଭକ୍ତ ପାକିସ୍ଥାନରେ ଶତକଡା ପ୍ରାୟ ୧୩ ହିନ୍ଦୁ ରହୁଥିଲେ, ପୂର୍ବପାକିସ୍ଥାନ ରେ ୨୩ ପ୍ରତିଶତ ଓ ପଶ୍ଚିମ ପାକିସ୍ଥାନ ରେ ୪ପ୍ରତିଶତ ହିନ୍ଦୁ ଥିଲେ। ପାକିସ୍ଥାନର ବିଭାଜନ ପରେ ହିନ୍ଦୁ ସଂଖ୍ୟା କମି ୧.୮ ପ୍ରତିଶତ ହୋଇଗଲା । ଏହି ହ୍ରାସ ବାସ୍ତବ ନୁହେଁ ଏକ ଆପେକ୍ଷିକ । ମାତ୍ର ହିନ୍ଦୁ କଟରପନ୍ଥୀ ମାନେ ଏହି ହ୍ରାସ କୁ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଯୋଗୁ ହୋଇଛି ବୋଲି କହି ହିନ୍ଦୁ ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛନ୍ତି । ଉଭୟ ଦେଶମାନଙ୍କରେ ରାଜନୈତିକ ନେତାମାନେ କ୍ଷମତାରେ ରହିବା ପାଇଁ ସାଂପ୍ରଦାୟିକ ବିଦ୍ୱେଷର ଅନେକ କାହାଣୀ ସୃଷ୍ଟି କରିଛନ୍ତି । ବିଭାଜନ ବେଳୁ ୪.୫ ନିୟୁତ ହିନ୍ଦୁ ପାକିସ୍ଥାନରୁ ଭାରତକୁ ଓ ୬.୫ ନିୟୁତ ମୁସଲମାନ(ହିନ୍ଦୁ ଓ ଶିଖ) ଭାରତରୁ ପାକିସ୍ଥାନକୁ ପଳାଇ ଯାଇଥିଲେ। ଭୟଙ୍କର ରକ୍ତପାତରେ ପ୍ରାୟ ୫ଲକ୍ଷ ଲୋକ ନିହତ ହେଲେ । ହଜାର ହଜାର ନାରୀ ଧର୍ଷଣର ଶିକାର ହେଲେ ।

୧୯୫୧ ମସିହାରେ ଉଭୟ ଦେଶରେ ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ପାଇଁ ନେହେରୁ ଓ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଲିଆକତ ଅଲ୍ଲୀ ଖାଁ ଙ୍କ ମଧ୍ୟରେ ଏକ ଚୁକ୍ତି ଦିଲ୍ଲୀରେ ସ୍ୱାକ୍ଷରିତ ହୋଇଥିଲା । ମାତ୍ର ଅଳ୍ପ ଦିନ ପରେ ଲିଆକତ ଆତତାୟୀ ଦ୍ୱାରା ନିହତ ହେଲେ । ଉଭୟ ଦେଶ ମଧ୍ୟରେ କାଶ୍ମୀରକୁ ନେଇ ବାରମ୍ବାର ଯୁଦ୍ଧ ହେଲା ଓ ଫଳରେ ଉଭୟ ଦେଶରେ ସାଂପ୍ରଦାୟିକ ବିଦ୍ୱେଷ ବୃଦ୍ଧି ପାଇଲା । ୧୯୭୧ ବଙ୍ଗଳାଦେଶ ଯୁଦ୍ଧ, ୧୯୯୨ରେ ବାବରି ମସ୍‌ଜିଦ ଭଙ୍ଗା, କାଶ୍ମୀରରେ ବାରମ୍ବାର ସାମରିକ ବାହିନୀ ମୁତୟନ ଓ ୨୦୦୨ ମସିହାର ଗୁଜୁରାଟ ହିଂସାକାଣ୍ଡ ବେଳେ ପାକିସ୍ଥାନରେ ହିନ୍ଦୁ ମାନେ ଆକ୍ରମଣର ଶିକାର ହେଲେ । ଅନେକ ପୁଣି ଦେଶ ଛାଡି ଭାରତକୁ ପଳାଇ ଆସିଲେ । ଅନେକ ହିନ୍ଦୁ ମନ୍ଦିର ଧ୍ୱଂସ କରାଗଲା, ଅନେକ ହିନ୍ଦୁ କନ୍ୟାଙ୍କୁ ଅପହରଣ କରି ଜବରଦସ୍ତି ମୁସଲମାନଙ୍କ ସହ ବିବାହ କରି ଧର୍ମାନ୍ତକରଣ କରାଗଲା । ଯେଉଁମାନେ ଧର୍ମ ପରିବର୍ତ୍ତନ କଲେ ଅନେକ କଟରପନ୍ଥୀ ସଂଗଠନ ସେମାନଙ୍କୁ ଆର୍ଥୀକ ସହାୟତା ଯୋଗାଇଲେ । ବିଭାଜନ ବେଳେ ଥିବା ୪୨୦ ମନ୍ଦିର ମଧ୍ୟରୁ ୪୦୮ କୁ ଭାଙ୍ଗି ଦିଆଗଲା । ସେମାନଙ୍କର ଜମି ସବୁ ସରକାର ନେଇ ଗଲେ। ଅନେକ ମନ୍ଦିରକୁ ସ୍କୁଲ ବା ଗୋଦାମରେ ପରିଣତ କରାଗଲା ।

ପାକିସ୍ଥାନରେ ମଧ୍ୟ ହିନ୍ଦୁ ମାନଙ୍କ ପାଇଁ ବେଳେ ବେଳେ ସହାନଭୂତି ମିଳିଥାଏ। ବର୍ତ୍ତମାନ ପାକିସ୍ଥାନରେ ପ୍ରାୟ ଶତକଡା ୧.୮ ହିନ୍ଦୁ ରହୁଛନ୍ତି । ସିନ୍ଧୁ ପ୍ରଦେଶରେ ସର୍ବାଧିକ, ପ୍ରାୟ ଶତକଡା ୭.୫ ଅଛନ୍ତି, ଉମରକୋଟ ଅଂଚଳରେ ସେମାନେ ସର୍ବାଧିକ ୪୬ ଶତକଡା ଓ ପଥରପରାରେ ୨୬ ଶତକଡା ରହିଛନ୍ତି । ତା' ତଳକୁ ବେଲୁଚିସ୍ଥାନରେ ପାଖାପାଖି ୧ ଭାଗ ହିନ୍ଦୁ ରହିଛନ୍ତି । ହିନ୍ଦୁ ମାନଙ୍କ ସୁରକ୍ଷା ପାଇଁ ସେଠା ସରକାର ମଧ୍ୟ ପଦକ୍ଷେପ ନେଉଛନ୍ତି । ସେମାନଙ୍କ ପାଇଁ ହିନ୍ଦୁ ପାୟତ, ହିନ୍ଦୁ ମଙ୍ଗଳ ସମିତି, ସଂଖ୍ୟାଲଘୁ ସେଲ ଗଢା ହୋଇଛି । ଏକ ସ୍ୱତନ୍ତ୍ର ସଂଖ୍ୟାଲଘୁ ମନ୍ତ୍ରଣାଳୟ କରା ହୋଇଛି । ହିନ୍ଦୁ ମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳି ବ୍ୟବସ୍ଥା କରାହୋଇଛି । ଜାତିୟ ଆସେମ୍ବଲିରେ ୧୦ଟି ଓ ପ୍ରାଦେଶିକ ବିଧାନ ସଭାପାଇଁ ୨୦ ଟି ସ୍ଥାନ ହିନ୍ଦୁଙ୍କ ପାଇଁ ସଂରକ୍ଷିତ ଅଛି । ୨୦୦୨ ମସିହାରେ ହିନ୍ଦୁ ମାନେ ଦାବି କରିବାରୁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଉଠିଗଲା । ହିନ୍ଦୁ ମାନଙ୍କ ପାଇଁ ସ୍ୱତନ୍ତ୍ର ବିବାହ ଆଇନ ପ୍ରଣୟନ ହୋଇଛି । ଧର୍ମାନ୍ତକରଣ, ହିନ୍ଦୁ ମହିଳା ମାନଙ୍କୁ ଅପହରଣ ରୋକିବା ପାଇଁ ଆଇନ ମାନ ହୋଇଛ । ଅନେକ ମନ୍ଦିରର ଉଦ୍ଧାର କରାଯାଇଛି । ହିନ୍ଦୁ ମଙ୍ଗଳ ସମିତି ଦ୍ୱାରା ଅନେକ ବିଦ୍ୟାଳୟ ପ୍ରତିଷ୍ଠା କରାହୋଇଛି ଦେଶ ବିଭାଜନ ବେଳେ ପାକିସ୍ଥାନରେ ୪୨୮ ଟି ହିନ୍ଦୁ ମନ୍ଦିର ଥିଲା । ବିଭାଜନ ବେଳେ ପ୍ରାୟ ୪୨୦ ଟି ମନ୍ଦିରକୁ ଧ୍ୱଂସ କରିଦିଆଗଲା, ମନ୍ଦିର ଜମି ସରକାର ନେଇ ଗଲେ, ଅନେକ ମନ୍ଦିରରେ ସ୍କୁଲ କିମ୍ବା ଗୋଦାମ କରାଗଲା । ପରବର୍ତ୍ତି ସମୟରେ ଅନେକ ମନ୍ଦିରର ପୁନଃ ଉଦ୍ଧାର କରାଗଲା । କରାଚିରେ ଇସକନ୍ ପନ୍ଥୀର ଏକ ଭବ୍ୟ ମନ୍ଦିର ତିଆରି ହୋଇଅଛି, ସେମାନେ ଭଗବତ୍ ଗୀତାର ଅନୁବାଦ କରି ବିତରଣ କରୁଛନ୍ତି, ଏଠାରେ ସ୍ୱାମୀ ନାରାୟଣ ମନ୍ଦିର ଅଛି, ବରୁଣ ଦେବଙ୍କର ମନ୍ଦିର ଅଛି, ବେଲୁଚି ପ୍ରଦେଶରେ ପ୍ରସିଦ୍ଧ ମା ହିଂଜଳାନିଙ୍କର ମନ୍ଦିର ଅଛି । ଉଭୟ ଦେଶ ରୁ ଲକ୍ଷ ଲକ୍ଷ ଲୋକ ପ୍ରତି ବର୍ଷ ଏହି ଦେବୀଙ୍କ ଦର୍ଶନ ପାଇଁ ଯାଇ ଥାଆନ୍ତି । କରାଚିର କେତେକ ମୁସଲମାନ ପରିବାର ବଂଶ ପରମ୍ପରା କ୍ରମେ ଏହାର ଛଡି ବାହକ କାର୍ଯ୍ୟ କରନ୍ତି । ସିଆଲକୋଟରେ ଜଗନ୍ନାଥ ମନ୍ଦିର ସରକାରଙ୍କ ଅନୁଦାନରେ ନୂତନ ଭାବେ ତିଆରି ହୋଇଛି । ଅନେକ ଗୁରୁଦ୍ୱାର ମଧ୍ୟ ସୁରକ୍ଷିତ କରାଯାଇଛି । ଅନେକ ହିନ୍ଦୁ ୧୪ ଶତାବ୍ଦୀର ରାମଦେବ ପିରଙ୍କୁ ପୂଜା କରନ୍ତି, କେତେକ ନାନକ ପନ୍ଥୀ ବୋଲି ଦାବି କରନ୍ତି । କେତେକ ନିଜକୁ ବାଲ୍ମିକିଙ୍କ ବଂଶଧର ବୋଲି କହିଥାଆନ୍ତି । ଚୁରିଓ ଜାବାଲ ଦୁର୍ଗା ମାତା ମନ୍ଦିର, ନଗରପରକାର ରେ ଶିବରାତ୍ରୀ ଅବସରରେ ୨ଲକ୍ଷ ଯାତ୍ରୀ ଆସିଥାଆନ୍ତି, ଏଠାରେ ହିନ୍ଦୁ ମାନେ ନିଜ ପରିବାରର ଅସ୍ଥି ବିସର୍ଜନ କରିଥାଆନ୍ତି । ପେଶୱାର ରେ ଶିବ ମନ୍ଦିର ଓ ଗୋରଖନାଥ ମନ୍ଦିର ଅଛି । ଅନେକ ହିନ୍ଦୁ ପାକିସ୍ଥାନରେ ଉଚ୍ଚ ପଦବି ମଧ୍ୟ ପାଇଛନ୍ତି । ଡାନିସ କାନେରିଆ ଓ ଅନିଲ ଦଲପତ ପାକ୍ କ୍ରିକେଟ ଦଳରେ ଥିଲେ। ରାଣା ଭଗବାନ ଦାସ ପାକିସ୍ଥାନ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ହୋଇପାରିଥିଲେ । ରମେଶ କୁମାର ପାକିସ୍ଥାନ ହିନ୍ଦୁ କାଉନସିଲର ପ୍ରତିଷ୍ଠାତା ଥିଲେ । ମହେଶ କୁମାର ମାଲାକାନି ସାଧାରଣ ସ୍ଥାନରୁ ଜିତି ନେସନାଲ ଆସେମ୍ବ୍ଲି କୁ ଯାଇଥିଲେ । ସୁମନ ବଦଆନି ଜଣେ ହିନ୍ଦୁ ମହିଳା ହୋଇ ମଧ୍ୟ ଜଜ୍ ହୋଇଥିଲେ ।

ଆମ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ କେ ଗୁଜରାଲ, ବିଜେପି ନେତା ଲାଲ କୃଷ୍ଣ ଆଡଭାନି, ସିନେମା ଜଗତର ରାଜ କପୁର, ଦେବାନନ୍ଦ, ୟାସ ଚୋପ୍ରା, ବଲରାଜ ସାହାନି, ସୁନିଲ ଦତ୍ତ, ରାଜେନ୍ଦ୍ର କୁମାର, ମନୋଜ କୁମାର, ବିନୋଦ ଖାନ୍ନା, ପ୍ରଥମ କ୍ରିକେଟ କ୍ୟାପ୍ଟେନ ଲାଲା ଅମରନାଥ ପାକିସ୍ଥାନରେ ଜନ୍ମ ହୋଇଥିଲେ ।

ନିକଟରେ ପାକିସ୍ଥାନ ସୀମା କଡରେ ଥିବା ଗୁରୁଦ୍ୱାର ଦରବାରା ସାହିବ ଓ ଭାରତରେ ଥିବା କରତାରପୁରର ଡେରାବାବା ନାନକ ଗୁରୁଦ୍ୱାର ଦୁଇଟି, ଏକ ୩ ମାଇଲ ଭିସା ବିମୁକ୍ତ କରିଡର ନିର୍ମାଣ କରାହୋଇଛି । ଭାରତର ଶିଖ ମାନେ ଗୁରୁଙ୍କର ଶେଷ ବିଶ୍ରାମ ସ୍ଥଳି କୁ ଯେପରି ସୁବିଧା ରେ ଯାଇ ପାରିବେ ଏହା ଲକ୍ଷ୍ୟ ରଖିଛି । ଗୁରୁ ନାନକଙ୍କ ୫୫୦ତମ ଜୟନ୍ତି ଉପଲକ୍ଷେ ପାକିସ୍ଥାନର ପ୍ରଧାନମନ୍ତ୍ରୀ ଇମରାନ୍ ଖାଁ ଏହାକୁ ଉଦଘାଟନ କରି କହିଥିଲେ "ପାକିସ୍ଥାନ ତାର ହୃଦୟ ଖୋଲି ଦେଇଛି ।" ଏହି ଅବସରରେ ଆମ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ବର୍ଲିନ ପ୍ରାଚିରର ପତନ ସହ ତୁଳନା କରିଥିଲେ ।

ପଶ୍ଚିମରେ ହିନ୍ଦୁକୁଶ ଓ ପୂର୍ବରେ ପୂର୍ବାଚଳ ମଧ୍ୟରେ ଜମ୍ବୁ ଦ୍ୱୀପ ନାମରେ ପରିଚିତଏହି ବିଶାଳ ଭୂଖଣ୍ଡକୁ ପ୍ରକୃତି ଏକକ ରୂପରେ ଗଢିଅଛି । ସିନ୍ଧୁ ନଦୀ କୂଳରେ ଦିନେ ବୈଦିକ ସଭ୍ୟତା ଆରମ୍ଭ ହୋଇଥିଲା । ଲାହୋର୍ ଓ କସୁର ଯଥାକ୍ରମେ ପ୍ରଭୁ ଶ୍ରୀରାମଙ୍କ ପୁତ୍ର ଲବ ଓ କୁଶଙ୍କର ରାଜ୍ୟ ଥିଲା । ମହାଭାରତର କୁରୁରାଣୀ ଗାନ୍ଧାରୀ ଥିଲେ ଗାନ୍ଧାର ନାମରେ ପରିଚିତ ଏହି ରାଜ୍ୟର ରାଜ କୁମାରୀ । ତକ୍ଷଶିଳା ବା ଆଜିର ଲାହୋର ଥିଲା ସେ ସମୟର ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ । ସିମାର ଉଭୟ ପାର୍ଶ୍ୱରେ କି ହିନ୍ଦୁ କି ମୁସଲମାନ୍ ଅତୀତର ଗୌରବ କଥା ଭାବି ଝୁରି ହେଉଛନ୍ତି । ମାତ୍ର ରାଜନେତା ମାନେ ନିଜର ସ୍ୱାର୍ଥ ନପାଇ ବିଷର ମଂଜି ହିଁ ବୁଣି ଚାଲିଛନ୍ତି ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର
(ମୋ)୯୪୩୭୨୩୫୩୮୬





## ଜୀବନ ଜିଜ୍ଞାସା

### ସୁଧାଂଶୁ ଶେଖର ଦ୍ୱିବେଦୀ



ଘିଅର ଘଡା
କାଠର ଗୋଛା
କିଛି ମିନିଟରେ
ସବୁ ପାଉଁଶ
ତଥାପି ଗର୍ବ
ରାବଣ ପରି
ଅହଂରେ ଅନ୍ଧ
ଅନ୍ଧାର ଭିତରେ
ବାଟ ଅବାଟ।
ବାସ ! ଏଇତ ଜୀବନ ଜିଜ୍ଞାସା ?
ବୁଢା ମରିଗଲା
ପରିବାର ପାଇଁ
କେତେ ସଞ୍ଚିଗଲା
ଘଡ଼ିଏ କ୍ରନ୍ଦନ
ଫୁସଫାସ କଥା
ଶୀଘ୍ର ନେଇଚାଲ
ଶ୍ମଶାନ ଜୁଇକୁ
ଜୁଇ ଜଳିଲେ
ସବୁ ନିଃଶେଷ।
ବାସ ! ଏଇତ ଜୀବନ ଜିଜ୍ଞାସା ?
ଜୀବନ ତମାମ
ମୋର ସିଏ
ମୋର ଇଏ
ମୋର ସର୍ବସ୍ୱ
ତଥାପି ଦିନେ
ନିଜର କେହି
ହେବେନି ସାଥୀ
ନିଜର ସର୍ବସ୍ୱ
ନିଜକୁ ନିଅଣ୍ଟ
ଚାଲିଯିବେ ସବୁ
ହୋଇ ଖାଲିହାତ।
ବାସ !ଏଇତ ଜୀବନ ଜିଜ୍ଞାସା ?


+ ବିସି-୭୪ ,ସଲଟ ଲେକ,
କଲକାତା-୬୪
(ମୋ)୯୬୮୧୩୭୩୫୧୨


## ବ୍ୟବଚ୍ଛେଦ

### ସବ୍ୟସାଚୀ ବିଷୋୟୀ



ଏ ମୃତ୍ୟୁ ନୁହେଁ ଅପମୃତ୍ୟୁ କି ଅଘଟଣ
ଇଏ ସ୍ୱାଭାବିକ ମୃତ୍ୟୁ ମୋ ଦେହର

ଫୁଲ ପରି ହସୁଥିବା ମୁହଁରେ
ମେଞ୍ଚାଏ ଅଙ୍ଗାର !

ନିର୍ଯ୍ୟାସ ପାଇବାର ଆକର୍ଷଣରେ
ବ୍ୟବଚ୍ଛେଦ କର ନାହିଁ ଏ
କୋମଳ ତନୁ ମୋର,
ଅନ୍ୱେଷ ନାହିଁ ତା ଭିତରେ
ଅଦେଖା ଚିହ୍ନର ଠିକଣା,
ପରୀକ୍ଷାଗାରରେ ଖୋଜ ନାହିଁ କେଉଁ
ଅଜଣା ହିଂସ୍ରବାଘର ଦାନ୍ତର
କି ନଖ ପଞ୍ଝା
ସମ୍ବେଦନ ହୀନ ବିଚାରପତି ସାଜି
ଅନୁମାନ କରନାହିଁ
କ୍ଷତର ଗଭୀରତା !

ଲୋଡ଼ା ନାହିଁ ବ୍ୟବଚ୍ଛେଦ
ଏ ଜଡ ଶରୀରର
ଧମନୀରେ କାହା ନାମେ
ବହେ ରକ୍ତ ନଦୀଟେ
ଶିରାରେ କାହା ଦେହର
ବାସ୍ନା ଚହେଟେ
କଳିଜା ଭିତରେ ସାଇତା
କସ୍ତୁରୀ ଟିଏ।

କର ନାହିଁ ତନଖି ସ୍ମୃତି ମାନଙ୍କର
ତୁମ ସ୍ପର୍ଶଠୁ ରହୁ ଦୂରେ
ମୋ ହୃଦୟ ଭିତର ଚିତ୍ର
ବନ୍ଦ ରହୁ ଆଖିପତାର ସ୍ୱପ୍ନ
ପବନରେ ଦିଗହରା ହେଉ
ଛୁଇଁବା ଆଗରୁ ଅକୁହା କଥାସବୁ

ଶେଷକୃତ୍ୟ ହେଉ
ମୋର ବିନା ବ୍ୟବଚ୍ଛେଦରେ
ବଦନାମ ଦୋଷରୁ ମାଫ କରାଯାଉ
ଶାଶ୍ୱତ ପ୍ରେମର ପବିତ୍ରତା
ପ୍ରେମ ବଞ୍ଚିରହୁ କାଳକାଳକୁ
ନିଷ୍କଳଙ୍କ ହୋଇ ଏ ମିଛ ପୃଥିବୀରେ..

ମୁଁ ତ ମରି ସାରିଛି,
ମରିବା ହିଁ ସତ୍ୟ !
ଆତ୍ମା ଅବିନଶ୍ୱର
ପ୍ରେମ କିନ୍ତୁ ବଞ୍ଚିଥାଉ
ତା ବଳକା ଆୟୁଷ ନେଇଁ।


+ କଣ୍ଡାମାଳ(ନବରଙ୍ଗପୁର)
(ମୋ) ୯୩୪୮୩୩୮୬୭୬


## ଜୀବନଟା ନୁହେଁ

### ଉମ୍ବରୁଧର ବେହେରା



ବାଲି, କାଚ ଘର
ଗଢି ଆମେ ଭାଙ୍ଗିଦେବା
ଜୀବନ ମଞ୍ଚରେ
ଅଭିନୟ କଲେ
ହୋଇବ ସହଜ, ସରଳ
ଜୀବନଟା ନୁହେଁ
ହସି ହସାଇବା
କାନ୍ଦି କନ୍ଦାଇବା ପାଇଁ
ବଞ୍ଚି ଜାଣିଲେ
ଜୀବନ ସୁନ୍ଦର
ମଧୁର ମଧୁମୟ
ବିଫଳତା ପରେ ସଫଳତା ମିଳେ
ସଂଘର୍ଷରେ ଥାଏ ସ୍ୱାଦ
ଯେତେଦିନ ଥିବ
ଆମର ଜୀବନ
ସେତେଦିନ ଥିବ ଅସୁବିଧା
ପ୍ରତିରୋଧ କରି
ସମାଧାନ କଲେ
ପାଇବା ବାସ୍ତବ ଜୀବନ।


+ (ଶିକ୍ଷକ)
ନବୋଦୟ ବିଦ୍ୟାଳୟ
ଗଜପତି(ଓଡ଼ିଶା)
(ମୋ)୯୪୩୭୬୮୮୪୬୪


## ମୋହନ ବଂଶୀ

### ବିନୟ କୁମାର ସାମଲ



ପଚାରିଲେ ଦିନେ ରାଧା ମନ୍ଦ ମନ୍ଦ ହସି,
କହ ସପ୍ତସ୍ୱର କଥା
ହେ ମୋହନ ବଂଶୀ।

କୃଷ୍ଣ ରଙ୍ଗାଧରେ ତୁମେ
କେଡେ ମନୋହର,
କୃଷ୍ଣଙ୍କ ଅଧରାମୃତ ବାରେ ପାନ କର।

ବିଧାତାଙ୍କ ଇଚ୍ଛାମତେ ତୁମେତ' ସର୍ଜନା,
ତୁମ ସପ୍ତ ସ୍ୱର ତୋଳେ ମଧୁର ମୂର୍ଚ୍ଛନା।

ବୃକ୍ଷଲତା ପଶୁପକ୍ଷୀ ସର୍ବେ ଆକର୍ଷିତ,
ସକଳ ଜୀବ ଜଗତ ପ୍ରାଣ ହରଷିତ।

ସପ୍ତ ସ୍ୱରେ ଉଲ୍ଲସିତ
ଗୋପୀ ଗୋପାଳୁଣି,
ଆନମନା କାହ୍ନୁ ପ୍ରେମେ
ମୁଁ ତ' ପାଗଳିନୀ।

ବିରହ ରାଗିଣୀ କରେ ହୃଦ ରସସିକ୍ତ,
ବିରହେ ମୁଁ ଜଳି ଜଳି ଶୋକେ ଅଭିଭୂତ।

ସ୍ୱର ରନ୍ଧ୍ରେ କେ ଭରିଲା ସମ୍ମୋହନ ମନ୍ତ୍ର,
ପରାଣେ ପୁଲକ ଜାଗେ ଅଦ୍ଭୁତ ସେ ତନ୍ତ୍ର।

ମୋହନ ବଂଶୀ କହନ୍ତି
ଆଗୋ ରାଧାରାଣୀ,
ମୁଁ କ୍ଷୁଦ୍ର ବାଉଁଶ ନଳ ଶୁଣ ମୋର ବାଣୀ।

ଯଜ୍ଞ ଅଗ୍ନିରୁ ସମ୍ଭୂତ ଅଦ୍ଭୁତ ବାଉଁଶ,
ସେ ବାଉଁଶେ ତିନି ଧନୁ ନିର୍ମାଣ ଅବଶ୍ୟ।

ଶେଷ କ୍ଷୁଦ୍ର ଅଂଶେ ଗଢ଼ା
ହୋଇଲି ମୁଁ ବଂଶୀ,
ବ୍ରହ୍ମା ଦେଲେ ଉପହାର, କୃଷ୍ଣ ଲଭି ଖୁସି।

ମୋର ସପ୍ତ ରନ୍ଧ୍ରେ
ବିଜେ ସପ୍ତ ଦେବଦେବୀ,
ପ୍ରଥମେ ଭାରତୀ
ଦ୍ୱିତୀୟରେ ରତିଦେବୀ।

ତୃତୀୟେ ଉମା ଚତୁର୍ଥେ ପଦ୍ମା ଯେ ବସନ୍ତି,
ପଞ୍ଚମେ ଜଗଦ୍ଧାତ୍ରୀ ଷଷ୍ଠେ
ସାବିତ୍ରୀ ଥା'ନ୍ତି।

ସପ୍ତମରେ କାମଦେବ କରନ୍ତି ମୋହିତ,
କୃଷ୍ଣ ବଂଶୀ ସ୍ୱନେ ମନ ନିରତେ ହର୍ଷିତ।

ମୋହିନୀମାନେ ବସିଲେ
ଯହୁଁ ରନ୍ଧ୍ରେ ଆସି,
ତେଣୁ ନାମ ବୋଲାଇଲି
ମୁଁ ମୋହନ ବଂଶୀ।


+ ଅବସର ପ୍ରାପ୍ତ ଶିକ୍ଷକ
ବେଡାପଡ଼ା,ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ-୭୫୯୦୧୯
(ମୋ)୯୩୩୭୨୪୯୦୬୮

# ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ଶିକ୍ଷା



ଅମୂଲ୍ୟ କୁମାର ପଣ୍ଡା

ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ସେପଟ୍ମେର ୮ ତାରିଖ ଦିନ ପାଳିତ ହୁଏ । ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିବା ସହ ବ୍ୟକ୍ତିଗତ, ସାମୁଦାୟୀକ ତଥା ସାମଜିକ ସ୍ତରରେ ସାକ୍ଷରତା ହାର ବଢାଇବା ନିମିତ୍ତ ସଚେତନତା ସୃଷ୍ଟି କରାଇବା ଏହାର ମୂଳ ଉଦ୍ଦେଶ୍ୟ । ଅଶିକ୍ଷା ରୂପକ ଅନ୍ଧକାରକୁ ଦୂର କରିବା ପାଇଁ ପୂରା ବିଶ୍ୱ ପାଳନ ହୋଇଥାଏ ଅର୍ନ୍ତଜାତୀୟ ସାକ୍ଷରତା ଦିବସ । ପୂରା ଦୁନିଆରୁ ଅଶିକ୍ଷା ସମାପ୍ତ କରିବାର ସଂକଳ୍ପ ନେଇ ସାକ୍ଷରତା ଦିବସ ପାଳନ ହୋଇଥାଏ । ଶିକ୍ଷା ପ୍ରତି ଲୋକ ମାନଙ୍କର ଧ୍ୟାନ ଆର୍କଷିତ କରିବାକୁ ପ୍ରତିବର୍ଷ ସେପଟ୍ମେର ୮ ତାରିଖରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଇଥାଏ । ୧୯୬୬ ମସିହାରେ ପ୍ରଥମ ଥର ପାଇଁ ୟୁନେସ୍କୋ ଦ୍ୱାରା ଆରମ୍ଭ ହୋଇଥିଲା ଏହି ସାକ୍ଷରତା ଦିବସ । ପୂରା ବିଶ୍ୱରୁ ନିରକ୍ଷରତା ଦୂର କରିବା ପାଇଁ ଏହି ଦିବସ ପାଳନ କରିବାକୁ ୧୯୬୫ ସେପଟ୍ମେର ୮ରେ ଇରାନରେ ବିଭିନ୍ନ ଦେଶର ଶିକ୍ଷା ମନ୍ତ୍ରୀଙ୍କୁ ନେଇ ହୋଇଥିବା ସମ୍ମିଳନୀରେ ଏହା ଉପରେ ଚର୍ଚ୍ଚା ହୋଇଥିଲା । ପରେ ୧୯୬୬ରେ ୮ ସେପଟ୍ମେରକୁ ବିଶ୍ୱ ସାକ୍ଷରତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା ୟୁନେସ୍କୋ ।

କେବଳ ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ସମାଜର ସବୁ ସମସ୍ୟାକୁ ଦୂର କରାଯାଇପାରିବ । ଦେଶ ହେଉ ଅବା ବିଶ୍ୱ ହେଉ ସାକ୍ଷରତା କମ୍ ହେବାର ଏକ ମୁଖ୍ୟ କାରଣ ରହିଛି । ଏହା ମଧ୍ୟରେ ବିଦ୍ୟାଳୟର ଅଭାବ, ସ୍କୁଲରେ ଶୌଚାଳୟର ଅଭାବ, ଜାତିବାଦ, ଗରିବୀ, ଅପରାଧ କରି ନ ଡରିବା, ଲୋକଙ୍କ ମଧ୍ୟରେ ବିଦ୍ୟାର ଆବଶ୍ୟକତା କୁ ଠିକ୍ ସେ ନ ବୁଝାଇବା ଆଦି ହେଉଛି ନିରକ୍ଷରତାର ମୁଖ୍ୟ କାରଣ । ମାନବ ବିକାଶ ଏବଂ ସମାଜ ବିକାଶ ତଥା ନିଜର ଅଧିକାରକୁ ଜାଣିବା ପାଇଁ କୌଣସି ଦେଶର ନାଗରିକଙ୍କୁ ଶିକ୍ଷିତ ହେବା ପାଇଁ ପଡିବ । ଫଳରେ ମାନବ ଚେତନାକୁ ମଧ୍ୟ ବୃଦ୍ଧି କରାଯାଇ ପାରିବ । ସଫଳତା ପାଇବା ପାଇଁ ଏବଂ ଏକ ସୁନ୍ଦର ଜୀବନ ବଂଚିବା ପାଇଁ ଶିକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ । ଏପରି କି ଗରିବୀ, ଶିଶୁ ଏବଂ ମାତୃ ମୃତ୍ୟୁ ହାର କମାଇବା ପାଇଁ ମଧ୍ୟ ଶିକ୍ଷିତ ହେବା ଜରୁରୀ । ଶିକ୍ଷିତ ହେବା ଅର୍ଥ କେବଳ ପଢିବା ଏବଂ ଲେଖିବା ନୁହେଁ । ଏହା ସାଧାରଣ ଜନତାଙ୍କୁ ସେମାନଙ୍କ ଅଧିକାର ଏବଂ କର୍ତବ୍ୟ ସମ୍ବନ୍ଧରେ ଅବଗତ କରାଇଥାଏ । ଫଳରେ ସାମାଜିକ ବିକାଶ ସମ୍ଭବ ହୋଇ ପାରିବ । ଏକ ନୂଆ ସମାଜ ଗଠନ ପାଇଁ ଶିକ୍ଷାର ଆବଶ୍ୟକତା ଅନେକାଂଶରେ ରହିଛି । ସଂଯୁକ୍ତ ରାଷ୍ଟ୍ରର ରିପୋର୍ଟ ଅନୁଯାୟୀ, ଏବେ ବିଶ୍ୱର ମୋଟ ୪ ଆରବ ଲୋକ ସାକ୍ଷର ଥିବା ବେଳେ ଏବେ ମଧ୍ୟ ୧ ଆରବ ଲୋକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ବିଶ୍ୱର ୧୨୭ ଦେଶ ମଧ୍ୟରୁ ୧୦୧ ଦେଶ ଏଭଳି ରହିଛି ଯେଉଁଠାରେ ଲୋକମାନେ ପୂର୍ଣ୍ଣ ସାକ୍ଷରତା ହାସଲ କରିବାରୁ ବଞ୍ଚିତ ହୋଇଛନ୍ତି । ୟୁନେସ୍କୋର ଏକ ତଥ୍ୟ ଅନୁସାରେ ବିଶ୍ୱରେ ପ୍ରତି ପାଞ୍ଚ ବୟସ୍କ ମଧ୍ୟରୁ ଜଣେ ନିରକ୍ଷର ଏବଂ ସମୁଦାୟ ନିରକ୍ଷରଙ୍କ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା । ଆଉ ଏହା ମଧ୍ୟରେ ଭାରତ ସାମିଲ ରହିଛି । ୨୦୧୧ ସୁଦ୍ଧା ଭାରତର ସାକ୍ଷରତା ହାର ଥିଲା ୭୪ ପ୍ରତିଶତ । କିନ୍ତୁ ବ୍ରିଟିଶ ଶାସନ ସମୟରେ ଏହା ମାତ୍ର ୧୨ ପ୍ରତିଶତରେ ସୀମିତ ଥିଲା । ଭାରତ ବିଭିନ୍ନ କ୍ଷେତ୍ରରେ ବିକାଶ ଧାରା ଜାରି ରଖିଥିବାବେଳେ ଏବେ ମଧ୍ୟ ଦେଶର ୨୦ ପ୍ରତିଶତ ଲୋକ ଶିକ୍ଷାଠାରୁ ବଞ୍ଚିତ ଅଛନ୍ତି । ଏନେଇ ୟୁନେସ୍କୋ ଗ୍ଲୋବାଲ ମନିଟରିଂ ରିପୋର୍ଟରେ ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ ଭାରତ ୨୦୫୦ରେ ପ୍ରାଥମିକ ଶିକ୍ଷା, ୨୦୬୦ରେ ମାଧ୍ୟମିକ ଶିକ୍ଷା ଏବଂ ୨୦୮୫ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହେବ । ତେବେ ସ୍ୱାଧୀନତା ପରେ ଦେଶର ସାକ୍ଷରତା ହାରରେ ଅଗ୍ରଗତି ହୋଇଛି । ସେତେବେଳେ ଏହା ୧୮ ପ୍ରତିଶତ ଥିଲା । ତେବେ ଏବେ ଏଥିରେ ୫୭ ପ୍ରତିଶତ ବୃଦ୍ଧି ପାଇଛି । ସର୍ବ ଶିକ୍ଷା ଅଭିଯାନ ଦ୍ୱାରା ବହୁ ସଫଳତା ମିଳିଥିବା ରିପୋର୍ଟରେ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁଯାୟୀ ସର୍ବାଧିକ ୯୬.୨ % ସହ ଏହି ତାଲିକାର ଶୀର୍ଷରେ ରହିଛି କେରଳ । ଦ୍ୱିତୀୟରେ ରହିଛି ଦିଲ୍ଲୀ ଯାହାର ସାକ୍ଷର ହାର ରହିଛି ୮୮.୭ %. । ତୃତୀୟ ସ୍ଥାନରେ ରହିଛି ଉତ୍ତରାଖଣ୍ଡ । ଏହାର ସାକ୍ଷରତା ହାର ରହିଛି ୮୮.୬ % । ଏହା ପଛକୁ ରହିଛି ହିମାଚଳ ପ୍ରଦେଶ, ଏହାର ସାକ୍ଷରତା ହାର ୮୬.୬% ଏହାସହ ଆସାମରେ ୮୫.୯% ନାଗରିକ ସାକ୍ଷର ଥିବା ରିପୋର୍ଟରେ ପ୍ରକାଶ । ଅନ୍ୟପଟେ ଦେଶରେ ହାରାହାରି ସାକ୍ଷରତା ହାର ହେଉଛି ୭୭.୭ % ।ଓଡ଼ିଶାର ସାକ୍ଷରତା ହାର ଖରାପ ରହିଛି । ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ସାକ୍ଷରତା ହାର ରହିଛି ୭୭.୩% । ଏହି ସଂଖ୍ୟା ସହ ତାଲିକାର ଦ୍ୱାଦଶ ସ୍ଥାନରେ ରହିଛି ଓଡ଼ିଶା ରହିଛି । ଏହି ତାଲିକାରେ ସବୁଠୁ ତଳେ ରହିଛି ଆନ୍ଧ୍ରପ୍ରଦେଶ । ଆନ୍ଧ୍ରରେ ସାକ୍ଷରତା ହାର ରହିଛି ମାତ୍ର ୬୬.୪% । ଏହା ଉପରକୁ ରହିଛି ରାଜସ୍ଥାନ, ଯାହାର ହାର ୬୯.୭%, ରହିଛି । ସେହିପରି ବିହାରରେ ୭୦.୯ ତେଲେଙ୍ଗାନାରେ ୭୨.୮%, ଉତ୍ତରପ୍ରଦେଶରେ ୭୩% ଓ ମଧ୍ୟପ୍ରଦେଶରେ ୭୩.୭% ରହିଛି । ତେବେ ଦେଶରେ ସରକାର ଓ ସ୍ୱେଚ୍ଛାସେବୀ ମାନଙ୍କ ଉଦ୍ୟମ ରହିଲେ ଦେଶରେ ସାକ୍ଷରତା ହାର ବଢିବ ନିଶ୍ଚୟ ଆଉ ସାକ୍ଷରତା ବଢିଲେ ଦେଶ ମଧ୍ୟ ଉନ୍ନତି ହେବ ।

+ଅରଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ଘରେ ପ୍ରସ୍ତୁତ କରନ୍ତୁ ବାଇଗଣ ଟିକିରି



### ଆବଶ୍ୟକ ସାମଗ୍ରୀ:

ବାଇଗଣ, ଦହି, ବେସନ, ଧନିଆଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ, କସୁରୀ ମେଥି, ଲୁଣ, ତେଲ, ଜିରା, କଟା ପିଆଜ, କଟା ରସୁଣ, ଟମୋଟୋ ପ୍ୟୁରୀ, ଧନିଆ ପତ୍ର ଓ ଜିରା ଗୁଣ୍ଡ ।

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ବାଇଗଣକୁ କାଟି ତାକୁ ଧୋଇ ଏକ ପାତ୍ରରେ ରଖନ୍ତୁ । ସେଥିରେ ଦହି, ବେସନ, ଧନିଆଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ, କସୁରୀମେଥି ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବରେ ଗୋଳାନ୍ତୁ । ପରେ ତାୱାରେ ତେଲ ଗରମ କରି ମସଲା ଗୋଳା ବାଇଗଣକୁ ଭଲଭାବରେ ଫ୍ରାଏ କରନ୍ତୁ । ପୁଣି ତାୱାରେ ତେଲ ଗରମ କରି ସେଥିରେ ଜିରା, କଟା ପିଆଜ, କଟା ରସୁଣ, ଟମୋଟୋ ପ୍ୟୁରୀ, ଧନିଆଗୁଣ୍ଡ, ଲଙ୍କା ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ ଗୁଣ୍ଡ ପକାଇ ଭଲ ଭାବରେ କଷନ୍ତୁ । ମସଲା ଅଳ୍ପ କଷି ହେବା ପରେ ସେଥିରେ ଅଳ୍ପ ପାଣି ଦେଇ ବାଇଗଣ ଫ୍ରାଏକୁ ପକାନ୍ତୁ । କିଛି ସମୟ ପରେ ସେଥିରେ ଜିରା ଗୁଣ୍ଡ ଓ ଧନିଆ ପତ୍ର ପକାଇ ଭଲ ଭାବରେ ଗୋଳାଇ ଆଞ୍ଚରୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ବାଇଗଣ ଟିକିରି ।

# ମକା ଖାଆନ୍ତୁ, ଦୃଷ୍ଟି ଶକ୍ତି ବଢ଼ାନ୍ତୁ

ଏବେ ବର୍ଷା ଦିନ । ବର୍ଷା ଦିନେ ମକା ଖାଇବା ମଜା ବେଶ୍ ନିଆରା । ଅଧିକାଂଶ ଲୋକଙ୍କୁ ବର୍ଷା ଦିନେ ଗରମ ଗରମ ମକା ଖାଇବା ଭାରି ପସନ୍ଦ । ଏହା ଖାଇବାକୁ ଯେତିକି ସ୍ୱାଦିଷ୍ଟ ଏହାର ଲାଭ ମଧ୍ୟ ସେତିକି ଅଧିକ । ମାକା ଖାଇବା ଦ୍ୱାରା ଆମ ଶରୀରରକୁ ଅନେକ ଲାଭ ମିଳିଥାଏ । ଏଥିରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ, ଫାଇବର, ଭିଟାମିନ, ଖଣିଜ ଏବଂ ଆଣ୍ଟିଅକ୍ସିଡେଣ୍ଟ ଭରପୂର ମାତ୍ରାରେ ରହିଛି । ମକା ଆମ ପାଚନ ଶକ୍ତିକୁ ସକ୍ରିୟ କରେ । ଏଥିସହ ଏହା ଆମକୁ ଅନେକ ପ୍ରକାରର ରୋଗରୁ ମଧ୍ୟ ରକ୍ଷା କରେ । ତେବେ ଏହାକୁ ଖାଇବା ଦ୍ୱାରା ଆଉ କେଉଁ ସବୁ ଲାଭ ମିଳିଥାଏ ଆସନ୍ତୁ ଜାଣିବା ।



■ ସୁଇଟ୍ କର୍ଣ୍ଣ ବା ମକାରେ ଭିଟାମିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଆମ ଆଖି ପାଇଁ ବେଶ ଲାଭଦାୟକ । ମକା ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବଢ଼ିଥାଏ । ମକାରେ କାରୋଟିନଏଡ୍ ଥାଏ, ଏହା ଦୃଷ୍ଟି ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରେ ।

■ ମକା ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ହୋଇଥାଏ । ଏହାକୁ ନିଜ ଖାଦ୍ୟରେ ସାମିଲ କରି ଆପଣ କୋଷ୍ଠକାଠିନ୍ୟ, ଗ୍ୟାସ୍, ଅମ୍ଳତା ସମସ୍ୟାରୁ ମୁକ୍ତି ପାଇପାରିବେ ।

■ ଓଜନ କମାଇବାରେ ବି ସାହାଯ୍ୟ କରେ ମକା । ଏହାକୁ ଖାଇବା ଦ୍ୱାରା ଶୀଘ୍ର ପେଟ ପୂରିଯାଏ ଏବଂ ସହଜରେ ଭୋକ ହୁଏନି । ମକାରେ ଫ୍ୟାଟ୍ ଅଂଶ ବହୁତ କମ୍ ଥାଏ, ତେଣୁ ଏହା ଓଜନ କମାଇବରେ ସହାୟକ ହୋଇଥାଏ ।

■ ସୁଇଟ୍ କର୍ଣ୍ଣ ବା ମିଠା ମକା ଖାଇବା ଦ୍ୱାରା ଏନିମିଆ ତଥା ରକ୍ତହୀନତାର ଆଶଙ୍କା କମିଯାଏ । ମକରରେ ଭିଟାମିନ୍ ଇ୧୨, ଫୋଲିକ୍ ଏସିଡ୍ ଏବଂ ଆଇରନ୍ ଥାଏ । ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତ ଅଭାବ ଦୂର ହୋଇଥାଏ ।

■ ଭିଟାମିନ ଇ୬, ଆଇରନ୍, ଭିଟାମିନ-ଇ, ଥିଆମିନ୍, ଜିଙ୍କ ଏବଂ ମାଗ୍ନିଶିଅମ ମକାରେ ଭରପୂର ମାତ୍ରାରେ ରହିଛି । ଏହାକୁ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ । ଏଥିରେ ଏହା ଇମ୍ୟୁନିଟି ପାୱାରକୁ ମଧ୍ୟ ମଜଭୁତ କରିଥାଏ ।

■ ସୁଇଟ୍ କର୍ଣ୍ଣରେ ଫାଇଭର ଥାଏ । ଏଥିରେ ଅନେକ ପରିମାଣର ଭିଟାମିନ୍ସ ମଧ୍ୟ ମିଳେ, ଯାହା ଡାଇବେଟିସ ରୋଗୀଙ୍କ ପାଇଁ ଲାଭଦାୟକ । ମକା ଡାଇବେଟିସ କଣ୍ଟ୍ରୋଲ କରିବାରେ ମଧ୍ୟ ସାହାଯ୍ୟ କରେ ।

# ନଡ଼ିଆ ତେଲର ଘରୋଇ ଉପଚାର



ଆମେ ସାଧାରଣତଃ ନଡ଼ିଆ ତେଲକୁ ଦେହରେ ଲଗାଇବା ପାଇଁ ବ୍ୟବହାର କରିଥାଉ । କିନ୍ତୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ନଡ଼ିଆ ତେଲକୁ ଖାଇବା ତେଲ ଭାବରେ ବ୍ୟବହାର କରାଯାଏ । ନଡ଼ିଆ ତେଲ ଟାଇପ-୨ ମଧୁମେହର ଲକ୍ଷଣକୁ କମ କରିଥାଏ । ୨୦୦୯ରେ ହୋଇଥିବା ସର୍ଭେରୁ ଜଣାପଡ଼ିଥିଲା ଯେ ନଡ଼ିଆ ତେଲ ମଧ୍ୟମ ଧରଣର ଫ୍ୟାଟି ଏସିଡରେ ସମୃଦ୍ଧ । ଏହା ମଧୁମେହର ମୁଖ୍ୟ ଲକ୍ଷଣ ମୋଟାପଣ ରୋକିବା ସହ ଇନସୁଲିନ ପ୍ରତିରୋଧକ ଶକ୍ତି ସହ ଲଢ଼ିବାରେ ସମର୍ଥ । ନଡ଼ିଆ ତେଲ, ଘିଅ ଓ ଲହୁଣୀରେ ଥିବା ପାମିନିକ୍ ଏସିଡ୍ ଓ ମ୍ୟୁରିଷ୍ଟିକ୍ ଏସିଡ୍ ମଧୁମେହ ପାଇଁ ବେଶ୍ ଉପକାରୀ । ଏହା ବ୍ୟତୀତ ନଡ଼ିଆ ତେଲ ଖାଇବା ଦ୍ୱାରା ଶରୀରରେ ମାଗ୍ନେସିୟମ ଓ କ୍ୟାଲସିୟମ ବଢ଼ିଲେ ତାହା ଅଷ୍ଟିଓପୋରୋସିସକୁ ପ୍ରତିହତ କରିଥାଏ । ସେହିପରି ଘରେ ରନ୍ଧା ନଡ଼ିଆ ତେଲ ଚର୍ମ ରୋଗ ପାଇଁ ବେଶ୍ ଉପଯୋଗୀ । ନଡ଼ିଆ ତେଲରେ କର୍ପୂର ପକାଇ ଫୁଟାଇ ଯାଦୁ, ବିଇଞ୍ଚି, ଚମଦଳା, କାଛୁକୁଣ୍ଡିଆ ରୋଗରେ ବ୍ୟବହାର କଲେ ଉପଶମ ମିଳିଥାଏ ।

# କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭ କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧ୍ୟାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱାଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ବା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ୍ୟ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।



# କର୍ମଜୀବୀ ମହିଳାଙ୍କ ମୁଖ୍ୟ ଆବଶ୍ୟକତା



୬୦ ଦଶକର କଥାକୁ ଆଲୋଚନାକୁ ଆଣିଲେ ଜଣାପଡ଼ିଥାଏ ଯେ ସେ ସମୟରେ ହାତଗଣତି କେତୋଟି ପରିବାରର ଝିଅବୋହୂ କର୍ମଜୀବୀ ହେଉଥିବାର ଦେଖାଯାଉଥିଲା । ଜମିଦାର, ସମ୍ଭ୍ରାନ୍ତ ପରିବାରର ଲୋକେ ଏସବୁକୁ ଏତେ ସହଜରେ ଗ୍ରହଣ କରିପାରୁନଥିଲେ । ସମୟ କ୍ରମେ ଆଗକୁ ବଢ଼ିଲା । ଆଜିର ସମୟରେ ହାତଗଣତି କେତେଜଣ ଝିଅ, ବୋହୂ ଗୃହିଣୀ ହୋଇରହିଛନ୍ତି । ଆଗାମୀ କିଛି ବର୍ଷ ମଧ୍ୟରେ ଏ ଦୃଶ୍ୟରେ ଅନେକ ଉନ୍ନତି ପରିଲକ୍ଷିତ ହେବ ବୋଲି ବିଜ୍ଞ ବ୍ୟକ୍ତିଙ୍କ ମତ । ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, କର୍ମଜୀବୀ ମହିଳାଙ୍କ ଉପରେ ଖୁବ୍ ଅଧିକ ଚାପ ପଡୁଛି । ଶାଶୂଘରେ ଦାୟିତ୍ୱ, ପିଲାଙ୍କ କାମ ସହ କାର୍ଯ୍ୟାଳୟର ସମସ୍ତ କାମକୁ ସେମାନେ ସବୁର ଦାୟିତ୍ୱ ଭିତରେ ମହିଳାମାନେ ନିଜର ଯତ୍ନ ନେବାକୁ ଅବହେଳା କରୁଛନ୍ତି ଯାହା କାରଣରୁ ଖୁବ୍ କମ ବୟସରୁ ସେମାନେ ରୋଗଗ୍ରସ୍ତ ହେଉଛନ୍ତି । ପ୍ରତ୍ୟେକ ବର୍ଗ ଓ ବୟସର ମହିଳା ପ୍ରଥମେ ନିଜ ଖାଦ୍ୟପାନୀୟ ପ୍ରତି ସଚେତନ ଓ ସଜାଗ ହୁଅନ୍ତି । ଦିନର ପ୍ରଥମ ଭୋଜନ ଜଳଖିଆ କଲେ ହିଁ ପୂରା ଦିନ ସେମାନଙ୍କୁ ଶକ୍ତି ମିଳିଥାଏ । ଏଣୁ କାମର ଚାପ ଯେତେ ଅଧିକ ଥାଉ କିମ୍ବା ଖୁବ ବ୍ୟସ୍ତ ଥିଲେ ମଧ୍ୟ ସକାଳବେଳା ଜଳଖିଆ କରିବାକୁ ଯେପରି ନ ଭୁଲିବେ । ସକାଳ ଜଳଖିଆରେ ଉତ୍ତମ ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ । କେଯଣସି ଫାଷ୍ଟଫୁଡ୍, ଛଣାଛଣି ଇତ୍ୟାଦି ନ ଖାଇ ବରଂ ଫଳ କିମ୍ବା ଉପମା, ଚୂଡ଼ା ଇତ୍ୟାଦି ଖାଇବା ଭଲ । ଶଯ୍ୟା ତ୍ୟାଗର ୩୦ ମିନିଟ୍ ରୁ ୧ ଘଣ୍ଟା ମଧ୍ୟରେ ଜଳଖିଆ ଖାଇନେଲେ ତାହା ସ୍ୱାସ୍ଥ୍ୟ ଉପରେ ସେଭଳି କୌଣସି କୁପ୍ରଭାବ ପକାଇନଥାଏ । ଭଲଭାବେ ଜଳଖିଆ କରନ୍ତୁ, ବରଂ ଦିନର ଅନ୍ୟ ଭୋଜନ ହାଲକା କରିବା ବିଶେଷଜ୍ଞଙ୍କ ମତ । କର୍ମଜୀବୀ ମହିଳାମାନେ ପୂରା ଦିନ ଫୁର୍ତ୍ତି ରହିବାକୁ ଚାହୁଁଥିଲେ, ଜଳଖିଆ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ ।

# ଓଜନ ହ୍ରାସର ସହଜ ଉପାୟ ନୃତ୍ୟ

ନୃତ୍ୟ କଲେ ଓଜନ କମେ, ଏ କଥା ନୂଆ ନୁହେଁ । କିନ୍ତୁ ଖାସ୍ କଥା ହେଉଛି, ଅନେକ ଦେଶ ନୃତ୍ୟକୁ ବୃହ ଭାବେ ଗ୍ରହଣ କରୁଛନ୍ତି । ନୃତ୍ୟ ଦ୍ୱାରା ଓଜନ କମାଇବାକୁ ଏବେ ବିଭିନ୍ନ ସଂସ୍ଥା ଖୋଲିଲାଣି । ନୃତ୍ୟ କଲେ ଶରୀର ସକ୍ରିୟ ହୁଏ । ମାଂସପେଶୀ ମଜବୁତ ହେବାସହ ରକ୍ତ ସଂଚାଳନ ଠିକ୍ ହୋଇଥାଏ । ଶରୀରରେ ଥିବା ଅତ୍ୟଧିକ ଚର୍ବି ହ୍ରାସ ହୋଇ ଝାଳ ରୂପେ ବାହରକୁ ଆସିଥାଏ । ଗବେଷକଙ୍କ ମତରେ, ନୃତ୍ୟ କଲେ ହୃଦ ସମସ୍ୟା ଦୂର ହେବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ନୃତ୍ୟ ଦ୍ୱାରା ସାଧାରଣତଃ



ହୃତସ୍ପନ୍ଦନରେ ଗତି ବଢ଼ିଥାଏ । ଏହି କାରଣରୁ ଦ୍ରୁତ ଗତିରେ ଶରୀରରେ ରକ୍ତ ସଂଚାଳନ ହୋଇଥାଏ । ଯାହା ଓଜନ ହ୍ରାସର ଆଉ ଏକ କାରଣ । ମାତ୍ର ବେଳେବେଳେ ହୃତସ୍ପନ୍ଦନ ଗତି ବୃଦ୍ଧି କ୍ଷତିକାରକ ହୋଇଥାଏ । ଏଥିପାଇଁ ବିଭିନ୍ନ ନୃତ୍ୟ ଶୈଳୀ ରହିଛି । ସେଗୁଡ଼ିକ ହେଲା, ହିପହପ୍, ବେଲି, ଜୁମ୍ବା ଓ ବଲିଉଡ୍ ଆଦି । ଲୋକଙ୍କ ସ୍ୱାସ୍ଥ୍ୟ ଓ ହୃତସ୍ପନ୍ଦନ ଗତିକୁ ଧ୍ୟାନରେ ରଖି ପ୍ରଶିକ୍ଷକମାନେ ନୃତ୍ୟ ଚୟନ କରି ତାଲିମ ଦେଉଛନ୍ତି ।

# ରାଜ୍ୟ ଭିନ୍ନକ୍ଷମ ଆୟୋଗର କଫିଟେବୁଲ ବହି ‘ଇନ୍‌ସ୍ପାୟାର୍.. ଏମ୍‌ପାୱାର’ ଲୋକାର୍ପିତ

ଭୁବନେଶ୍ୱର,୭/୯ (ନି.ପ୍ର): ଓଡ଼ିଶାର କେତେକ ଭିନ୍ନକ୍ଷମଙ୍କ ଅସାଧାରଣ ସଫଳତାର କାହାଣୀ ସମ୍ବଳିତ ଏକ କଫିଟେବୁଲ ବହି ‘ଇନ୍‌ସ୍ପାୟାର୍ .. ଏମ୍‌ପାୱାର’ ସୋମବାର ପୂର୍ବାହ୍ନରେ ଲୋକାର୍ପିତ ହୋଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଏବଂ କାରିଗରୀ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ରାଜ୍ୟ ଭିନ୍ନକ୍ଷମ ଆୟୋଗଙ୍କ ଅଧ୍ୟକ୍ଷା ଶ୍ରୀମତୀ ସୁଲୋଚନା ଦାସ ଏହାକୁ ଲୋକାର୍ପିତ କରିଛନ୍ତି ।

ପ୍ରତିକୂଳତା ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଇଚ୍ଛାଶକ୍ତି, ଅଭ୍ୟାସ ଓ ଅଧ୍ୟବସାୟ ବଳରେ ଓଡ଼ିଶାର ଅନେକ ଭିନ୍ନକ୍ଷମ ଯେଉଁ ସଫଳତା ଅର୍ଜନ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ । ଦୃଷ୍ଟାନ୍ତ ସ୍ୱରୂପ ଓଡ଼ିଆ କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କ କୃତିତ୍ୱ ଆଜି ବିଶ୍ୱବିଦିତ ହୋଇଛି ଓ ଭିନ୍ନକ୍ଷମଙ୍କ ସଫଳତାକୁ ଶୀର୍ଷରେ ପହଂଚାଇଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ରାଜ୍ୟର ପ୍ରତିଭାବାନ୍ ତଥା ସଫଳ ଭିନ୍ନକ୍ଷମ ବ୍ୟକ୍ତିତ୍ୱମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କଫିଟେବୁଲ ବହି ଏକ ପ୍ରୟାସ ବୋଲି ଉଲ୍ଲେଖ କରି ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ସୁଲୋଚନା ଦାସ ଆୟୋଗ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିତ୍ୱମାନଙ୍କ ଦକ୍ଷତା, ସାମର୍ଥ୍ୟ ଓ ସଫଳତାକୁ ଆଧାର କରି ଏହା ପ୍ରସ୍ତୁତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି । ଏହି ବହିରେ ଟୋକିଓ ୨୦୨୦ ପାରାଲିମ୍ପିକ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ବ୍ୟାଡ୍‌ମିଂଟନ ଖେଳାଳୀ ତଥା ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ, ଚିତ୍ରଶିଳ୍ପୀ ଶ୍ରୀହର୍ଷ ଓ ସୁବ୍ରାର୍ଥ ଶୁକ୍ଲା, ଆନ୍ତର୍ଜାତିକ ଚେସ୍ ଖେଳାଳୀ ପ୍ରାଚୁର୍ଯ୍ୟ କୁମାର ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ଅସୀଚାଳକ ଭି. ରମେଶ ରାଓ ଏବଂ ରାଖାଲ କୁମାର ସେଠୀ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ରଶ୍ମିରେଖା ସାହୁ, ଓଡ଼ିଶା ବନସେବା ଅଧିକାରୀ ତପସ୍ୱିନୀ ଦାସ, ମେଧାବୀ ଛାତ୍ର ବରଜ ଦାସ, ନିଷ୍ପାର ଆଶାକର୍ମୀ ସବିତା ରଣା, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜୟିନୀ ଧାବିକା ଜୟନ୍ତୀ ବେହେରା, କ୍ରିକେଟ୍ ଖେଳାଳୀ ପଙ୍କଜ ଭୂଏ ଏବଂ ସୁଖରାମ ମାଝୀ, ସୁଗାୟକ ଶ୍ରୀନିବାସ ରାଓ ଏବଂ ଦିଲ୍ଲୀପ ସାହୁ, ଉଦ୍ୟୋଗ ଅଧିକାରୀ ଅଭିଜିତ କୁଣ୍ଡୁ, ଭିନ୍ନକ୍ଷମ ଅଧିକାର ପ୍ରବକ୍ତା ନିରଞ୍ଜନ ବେହେରାଙ୍କ ସଫଳ କାହାଣୀ ସନ୍ନିବିଷ୍ଟ ହୋଇଛି । ଏହା ସହିତ ଓଡ଼ିଶାର ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।

# ଯୁକ୍ତ ଦୁଇ ଡ୍ରପଆଉଟ୍,ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୭/୯ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଯୁକ୍ତ ୨ ଡ୍ରପଆଉଟ ଏବଂ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ପ୍ରତି ଶ୍ରେଣୀ ଉତୀର୍ଣ୍ଣ ମୂଲ୍ୟାୟନରେ ଗଣ ଶିକ୍ଷା ବିଭାଗ କରିଥିବା ପକ୍ଷପାତିତା ପ୍ରତିବାଦରେ ମାଷ୍ଟର କ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବଳ ବର୍ଷାକୁ ଖାତିର ନକରି ତିନି ଘଂଟା ଧରି ଆନ୍ଦୋଳନ ଜାରି ରହିବା ସହ ରାଜରାସ୍ତା ଅବରୋଧ କରାଯାଇଥିଲା। ପରେ ବିକ୍ଷୋଭକାରୀ ଛାତ୍ରଛାତ୍ରୀମାନେ ନବୀନ ନିବାସ ଘେରାଉ କରିବାକୁ ଅଗ୍ରସର ହେଉଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ଫଳରେ ପୋଲିସ୍ -ବିକ୍ଷୋଭକାରୀ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହି ପ୍ରରୀପ୍ରେକ୍ଷୀରେ ଶ୍ରୀ ନୱାଜ କହିଛନ୍ତି ଯେ ଜୁନ ୪ ୨୦୨୧ ରେ ମୁଖ୍ୟମନ୍ତ୍ରୀ +୨ ପରୀକ୍ଷା କୋଭିଡ ପାଇଁ ବାତିଲ କରିଥିଲେ ଓ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ସମସ୍ତଙ୍କର ମୂଲ୍ୟାୟନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ଏବଂ କହିଥିଲେ ଜୀବନ ଆଗ ବାକି ସବୁ ପଛ। ୧୮ ଜୁନ ୨୦୨୧ କାଉନସିଲ ଯେଉଁ ପ୍ରଣାଳୀ ବାହାର କଲା ସେଥିରେ ଏକ୍ସ ରେଗୁଲାର ପିଲାଙ୍କ ପାଇଁ ପାତର ଅନ୍ତର କରାଗଲା। ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ଙ୍କୁ ଯେତେବେଳେ ପିଲା ପଚାରିଲେ ସେ କହିଲେ ଯେ ଛାତ୍ରଛାତ୍ରୀଙ୍କ ବହୁତ ଜଲଦି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ ବାହାର କରାଯିବ। କିନ୍ତୁ ୩୧ ଜୁଲାଇ ୨୦୨୧ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ନୋଟିଫିକେସନ ବାହାର କଲେ ନାହିଁ। ୩୧ ଜୁଲାଇରେ ମନ୍ତ୍ରୀ ସମୀର ଦାସ ଘୋଷଣା କଲେ ଯେ ଡ୍ରପଆଉଟ ଓ ଏକ୍ସରେଗୁଲାର ପିଲାମାନେ ଅଫଲାଇନ ପରୀକ୍ଷା ଦେବେ। ଏହା ସଂପୂର୍ଣ୍ଣ ଅନ୍ୟାୟ ଓ ପକ୍ଷପାତିତା। ଗୋଟିଏ ସିଲାବସ, ଗୋଟିଏ ପ୍ରଶ୍ନପତ୍ର, ଗୋଟିଏ ଦିନରେ ପରୀକ୍ଷା ଗୋଟିଏ ଦିନରେ ରେଜଲ୍ଟ ତ ରେଗୁଲାର, ଓ ଏକ୍ସ ରେଗୁଲାର ମାର୍କ ପ୍ରୋସେସରେ କ’ଣ ପାଇଁ ଅନ୍ତର ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି। କାଉନସିଲର ଭୁଲ ପ୍ରଣାଳୀ ପାଇଁ ଏକ୍ସ ରେଗୁଲାର ୨୬% ପାସ କରିଛନ୍ତି, ରେଗୁଲାର ୯୯% ପାସ କରିଛନ୍ତି । ଏକ୍ସରେଗୁଲାର ଏବଂ ଡ୍ରପଆଉଟ ପିଲାଙ୍କର ଦାବି ଯେ ସେମାନଙ୍କୁ ଦଶମ ମାର୍କ ଆଧାରରେ ପାସ କରାଯାଉ। ଆଗକୁ ହେବାକୁ ଥିବା ଅଫଲାଇନ ପରୀକ୍ଷା ସ୍ଥଗିତ ରଖାଯାଉ ଓ ୯ ତାରିଖ ପର୍ଯ୍ୟନ୍ତ ହେଉଥିବା ଫର୍ମ ଫିଲଅପ୍ ବନ୍ଦ କରନ୍ତୁ। ଏହି ପିଲାମାନଙ୍କୁ +୩ ଆଡମିଶନ ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ୨୬ ହଜାର ପିଲାମାନଙ୍କ ଜୀବନ ସହିତ ସରକାର ଖେଳ ଖେଳିଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସୁନିଲ ମାଟିଆ, ଅଭିରାମ ଗୌଡ଼, କାର୍ତ୍ତିକ କାଣ୍ଡି, ସାଗର ପଟ୍ଟନାୟକ, ବିଭୂତି ଭୂଷଣ ମହାପାତ୍ର, ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ରାଜ୍ୟରେ ବଢୁଛି ଅପରାଧିକ ମାମଲା

ଭୁବନେଶ୍ୱର,୭/୯ (ନି.ପ୍ର): ରାଜ୍ୟରେ ଆପରାଧିକ ମାମଲା ବଢୁଛି । ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନର ଉତରରେ ଏହା ସ୍ପଷ୍ଟ ହୋଇଛି । ବିଧାୟକ ଗଣେଶ ରାମ ସିଂ ଖୁଂଟିଆଙ୍କ ପ୍ରଶ୍ନର ଉତରରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ - ୨୦୧୯ ରେ ୧ ଲକ୍ଷ ୨୧ ହଜାର ୫୨୫ ହଜାର ପଞ୍ଜିକୃତ ହୋଇଥିବା ବେଳେ ୨୦୨୦ ରେ ୧ ଲକ୍ଷ ୩୪ ହଜାର ୨୪୩ ମାମଲା ପଞ୍ଜିକୃତ ହୋଇଛି ।

# ନୂତନ ଶିକ୍ଷାନୀତି ବିରୋଧରେ ଅଙ୍ଗନବାଡି କର୍ମୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୭/୯ (ନି.ପ୍ର): ବିଭିନ୍ନ ଦାବି ନେଇ ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ତରଫରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶହଶହ ଅଙ୍ଗନୱାଡ଼ି କର୍ମୀ ମାଷ୍ଟରକ୍ୟାଂଟିନ୍ ଛକଠାରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧାର୍ଯ୍ୟ ଦରରେ ଅଙ୍ଗନୱାଡ଼ି କେନ୍ଦ୍ର ନାମରେ ଗ୍ୟାସ୍‌ର ସ୍ଥାୟୀ ସଂଯୋଗ ଓ ୨ଟି ଚୂଲା ସହ ଗ୍ୟାସ୍ ପ୍ରଦାନ , ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ଓ ବିଦ୍ୟୁତ୍ ଦେୟ ପ୍ରଦାନ, ଅଙ୍ଗନୱାଡ଼ି କର୍ମୀମାନେ ପାଉଥିବା ୫ ବର୍ଷିଆ ଓ ୧୦ ବର୍ଷିଆ ଇନ୍‌କ୍ରିମେଂଟ୍ ପ୍ରଦାନ, ବୀମା ଯୋଜନାର ସଫଳ ରୂପାୟନ, ବଜାର ଦର ଅନୁସାରେ ଏସ୍.ଏନ୍.ପି.ର ଦରଧାର୍ଯ୍ୟ ଆଦି ଦାବି ଉପରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଦେଶର ସର୍ବ ପ୍ରଥମ ସର୍ବବୃହତ୍ ଯୋଜନା ଆଇ.ସି.ଡି.ଏସ୍.କୁ ଧ୍ୱଂସ କରିବା ପାଇଁ କେନ୍ଦ୍ର ସରକାର ହୀନ ଚକ୍ରାନ୍ତ ଚଳାଇଛନ୍ତି। ନୂତନ ଶିକ୍ଷାନୀତି ୨୦୧୯ ଅନୁସାରେ ପ୍ରାକ୍-ବିଦ୍ୟାଳୟ କାର୍ଯ୍ୟକ୍ରମ ସ୍କୁଲ ସହିତ ମିଶ୍ରଣ କରି ସମଗ୍ର ଯୋଜନାକୁ ଭାଙ୍ଗିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସଂଯୁକ୍ତ ମୋର୍ଚ୍ଚା ଅଭିଯୋଗ କରିଛି । ବିକ୍ଷୋଭ ସ୍ଥଳରେ ମୋର୍ଚ୍ଚାର ଆବାହକ ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାନ୍ତ ପାଢ଼ୀ, ହରପ୍ରିୟା ସ୍ୱାଇଁ, ପୁଷ୍ପାଞ୍ଜଳି ଦାଶ, ବିଷ୍ଣୁପ୍ରିୟା ଜେନା, ମମତାଜ୍ ଖୁଂଟିଆ, ପ୍ରଭାସିନୀ ପାଢ଼ୀ, ଲକ୍ଷ୍ମୀପ୍ରିୟା ମହାପାତ୍ର, ମଳୟ ମଞ୍ଜରୀ ଜେନା, ଉଜ୍ଜ୍ୱୟିନୀ ଦୀକ୍ଷିତ ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ ସେପ୍ଟେମ୍ବର ୨୪ ସ୍କିମ୍ ୱାର୍କରଙ୍କ ସର୍ବଭାରତୀୟ ଧର୍ମଘଟକୁ ସଫଳ ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ କାଲି ଦିନ ୧୨ଟାରେ ବିଭାଗୀୟ ମନ୍ତ୍ରୀ ଆଲୋଚନା ପାଇଁ ତାରିଖ ଧାର୍ଯ୍ୟ କରିଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

# ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଗମ୍ଭୀର : ତିନି ବର୍ଷରେ ୩୬୦୮ ହତ୍ୟା

ଭୁବନେଶ୍ୱର,୭/୯ (ନି.ପ୍ର): ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ପୂରା ବିଗିଡ଼ି ଗଲାଣି। ଦିନକୁ ଦିନ ହତ୍ୟା, ଦୁଷ୍କର୍ମ, ନିଶା କାରବାର ଓ ମହିଳା ଚାଲାଣ ଭଳି ସଙ୍ଗୀନ ଅପରାଧ ରାଜ୍ୟରେ କାୟା ବିସ୍ତାର କରିବାରେ ଲାଗିଛି। ଏହା ଶାସକ ଦଳ ପ୍ରତି ବିରୋଧୀ ଦଳମାନଙ୍କର ରାଜନୈତିକ ଆକ୍ଷେପ ନୁହେଁ। ଖୋଦ୍ ରାଜ୍ୟର ଗୃହ ରାଷ୍ଟ୍ର ମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଗତ ତିନି ବର୍ଷରେ ରାଜ୍ୟରେ ୩୬୦୮ ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ୧୧୫୬୪ ଜଣ ମହିଳା ଓ ଯୁବତୀ ଦୁଷ୍କର୍ମର ଶିକାର ହୋଇଛନ୍ତି। ଅର୍ଥାତ ପ୍ରତିଦିନ ରାଜ୍ୟରେ ୧୦ଜଣ ମହିଳା, ଯୁବତୀ ଓ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଉଥିବା ବେଳେ ୪ ଜଣ ହତ୍ୟାର ଶିକାର ହେଉଛନ୍ତି। ଅପରାଧ ବଢୁଥିଲେ ଗୃହ ବିଭାଗରେ ମାନବ ସମ୍ବଳର ଘୋର ଅଭାବ ଦେଖାଦେଇଛି। ପୁଲିସ୍ ବିଭାଗରେ ୧୧,୪୫୬ ପଦବି ଖାଲି ପଡ଼ିଛି। ଥାନା, ଫାଣ୍ଡି ସଂଖ୍ୟା ବଢୁନି କି ଡିଆଇଜି, ଏସ୍‌ପି ଓ ଇନ୍‌ସ୍ପେକ୍ଟର ଭଳି ପଦ ପୂରଣ ହେଉନାହିଁ। ବିଧାୟକ ସନ୍ତୋଷ ସିଂହ ସାଲୁଜା ଓ ଗଣେଶ ରାମ୍ ସିଂହ ଖୁଣ୍ଟିଆଙ୍କ ପୃଥକ ପୃଥକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଦେଇଥିବା ସୂଚନା ଅନୁସାରେ ୨୦୧୯ରେ ୧୩୫୬ ଜଣ, ୨୦୨୦ରେ ୧୪୭୦ ଜଣ ଓ ୨୦୨୧ ଜୁନ୍ ସୁଦ୍ଧା ୭୮୨ ଜଣ ହତ୍ୟାକାଣ୍ଡର ଶିକାର ହୋଇଛନ୍ତି। ଏହି ତିନି ବର୍ଷ ଭିତରେ ମୟୂରଭଂଜ ଜିଲ୍ଲାରେ ସର୍ବାଧିକ ହତ୍ୟାକାଣ୍ଡ ଘଟିଛି। ଏହି ଜିଲ୍ଲାରେ ୨୦୧୯ରେ ୮୬ଜଣ, ୨୦୨୦ରେ ୧୦୪ଜଣ ଓ ୨୦୨୧ ଜୁନ୍ ସୁଦ୍ଧା ୫୭ ଜଣଙ୍କୁ ହତ୍ୟା କରାଯାଇଛି। ସେହିଭଳି ଗତ ତିନି ବର୍ଷରେ ରାଜ୍ୟରେ ୭୭୩ ମହିଳା ଯୌତୁକ ଜୁଇରେ ଜଳି ଯାଇଛନ୍ତି। ୨୦୧୯ରେ ୨୭୮, ୨୦୨୦ରେ ୩୧୧ ଓ ୨୦୨୧ ଜୁନ୍ ସୁଦ୍ଧା ୧୮୪ ବଧୂହତ୍ୟା ହୋଇଛି। ଏହି ମାମଲାରେ ବାଲେଶ୍ୱର ଜିଲ୍ଲା ସର୍ବାଗ୍ରେ ରହିଛି। କିନ୍ତୁ ୨୦୨୧ ଜୁନ୍ ସୁଦ୍ଧା ଗଞ୍ଜାମରେ ସର୍ବାଧିକ ୧୮ବଧୂହତ୍ୟା ହୋଇଛି। ସେହିପରି ରାଜ୍ୟରେ ଯୌତୁକ ନିର୍ଯାତନା ଓ ଘରୋଇ ହିଂସା ବଢ଼ିଛି। ଏହି ତିନି ବର୍ଷ ଭିତରେ ୯୮୦୯ ମହିଳା ଯୌତୁକ ନିର୍ଯାତନାର ଶିକାର ହୋଇଥିବା ବେଳେ ୭୮୪୪ ଜଣ ମହିଳା ଘରୋଇ ହିଂସାର ଶିକାର ହୋଇଛନ୍ତି। ଏହି ମାମଲାରେ ବାଲେଶ୍ୱର ଓ ଗଞ୍ଜାମ ଆଗରେ ରହିଛି । ବାଲେଶ୍ୱରରେ ୨୦୧୯ରେ ୩୭୫, ୨୦୨୦ରେ ୨୯୯ଟି ମାମଲା ଥିବା ବେଳେ ଗଞ୍ଜାମରେ ୨୦୨୧ ଜୁନ୍ ସୁଦ୍ଧା ୧୬୭ ମାମଲା ପଞ୍ଜୀକୃତ ହୋଇଛି । ରାଜ୍ୟରେ ମୋଟ ୭୮୪୪ ଘରୋଇ ହିଂସା ମାମଲା ବିଭିନ୍ନ ଥାନାରେ ପଞ୍ଜୀକୃତ ହୋଇଛି । ଏଥିରେ ମୟୂରଭଞ୍ଜ ସବୁଠାରୁ ଆଗରେ ଥିବା ବେଳେ ଗଞ୍ଜାମ ଦ୍ୱିତୀୟ ସ୍ଥାନରେ ରହିଛି ।

## ଗିରିଜା ଶଙ୍କର ସାହୁଙ୍କ ଦୁଇଟି ବହି ଉନ୍ମୋଚିତ

ଭୁବନେଶ୍ୱର,୭/୯ (ନି.ପ୍ର): ଗିରିଜା ଶଙ୍କର ସାହୁଙ୍କ ଦୁଇଟି ବହି ‘ସୁଗମ ପ୍ରବନ୍ଧ’ ଓ ‘ହରିହର ଯୋରର କଥା’ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକ ଓ ବାସୁଦେବ ସୁନାନି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରି ଲେଖକ ଶ୍ରୀ ସାହୁଙ୍କ ସାଧନା ଓ ସିଦ୍ଧିର ଭୂୟସୀ ପ୍ରଶଂସା କରିଥିଲେ । ଲେଖକଙ୍କ ସହ ପ୍ରକାଶକ ସୁଧୀର ମଉଡ଼ମଣି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଥିଲେ ।

# ନିଅଂଟିଆ ବର୍ଷା ଯୋଗୁଁ ୧୦୨ ବ୍ଲକରେ ଫସଲ ପ୍ରଭାବିତ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୬ ସେପ୍ଟେମ୍ବର – ରାଜ୍ୟରେ ଅନାବୃଷ୍ଟି ତଥା ତଥ ଜନିତ ପରିସ୍ଥିତି ଯୋଗୁଁ ରାଜ୍ୟର ୧୦୨ ବ୍ଲକରେ ଫସଲ ପ୍ରଭାବିତ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି।

ରାଜ୍ୟରେ ସମ୍ଭାବ୍ୟ ମରୁଡି ପରିସ୍ଥିତି ନେଇ ସରକାରୀ ଦଳ ମୁଖ୍ୟ ସଚେତକ ଆଣିଥିବା ମୋସନ ଆଲୋଚନାର ଉତର ରଖି ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଜୁନ ମାସରେ ପ୍ରକୃତ ବୃଷ୍ଟିପାତ ଠାରୁ ୧୬.୬ କମ ବର୍ଷା ଥିବା ବେଳେ ଜୁଲାଇ ମାସରେ ୨୧.୩ ଓ ଅଗଷ୍ଟ ମାସରେ ୪୪.୭ ପ୍ରତିଶତ କମ ବର୍ଷା ହୋଇଛି । ବିଗତ ବର୍ଷ ତୁଳନାରେ ସେପଟ୍ମେର ୩ ସୁଦ୍ଧା ୧ ଲକ୍ଷ ୧୯ ହଜାର ହେକ୍ଟର କମ ଜମିରେ ଚାଷ ହୋଇଛି । କମ ବୃଷ୍ଟିପାତ ଯୋଗୁଁ ରାଜ୍ୟର ଜଳଭଣ୍ଡାର ଗୁଡିକରେ କମ ଜଳ ଗଛିତ ରହିଛି । ଜଳ ଭଣ୍ଡାରର ଗଛିତ ଥିବା ଜଳକୁ ପାନୀୟଜଳ ବ୍ୟବହାର ପାଇଁ ପ୍ରାଥମିକତା ଦିଆଯିବ। ପାନୀୟଜଳ ବ୍ୟବହାର ଆବଶ୍ୟକତା ମେଂଟାଇବା ପରେ ବଳକା ଜଳକୁ ଜଳସେଚନ ରୂପେ ବ୍ୟବହାର କରାଯିବ। ପରିସ୍ଥିତି ଉପରେ ସରକାର ତୀକ୍ଷଣ ନଜର ରଖିଛନ୍ତି । ଫସଲ ରକ୍ଷା କରିବା ଯଦି ସମ୍ଭବ ନୁହେଁ ସେଠି ମରୁଡି ସକ୍ରାନ୍ତୀୟ ସରକାର ନିୟମ ଅନୁସାରେ ପଦକ୍ଷେପ ନେବେ। ଅନାବୃଷ୍ଟି ଯୋଗୁ ଫସଲ କ୍ଷତି ସମ୍ପର୍କରେ ୧୫ ଟି ଜିଲ୍ଲାର ନୋଡାଲ ଅଫିସର ରିପୋର୍ଟ ଦେଇଛନ୍ତି ବୋଲି ସେ କହିଛନ୍ତି । ଯେଉଁଠି ଫସଲ ନଷ୍ଟ ହୋଇଛି, ସେଠି ଦ୍ୱିତୀୟ ଫସଲ ପାଇଁ କିଟ୍ ଦିଆଯାଇଛି। ଯେଉଁଠି ଜଳସେଚନ ବ୍ୟବସ୍ଥା ରହିଛି, ସେଠି ଜଳସେଚନ କରାଯାଉଛି। ସେପଟେ ସ୍ଥିତିର ଅନୁଧ୍ୟାନ ପାଇଁ ଗୃହ କମିଟି ଗଠନ କରିବା ପାଇଁ ବିରୋଧୀ ଦଳ ମୁଖ୍ୟ ସଚେତକଙ୍କ ଦାବି କରିଛନ୍ତି। ସେପଟେ ମରୁଡି ଘୋଷଣା କରି ଚାଷୀଙ୍କୁ ସହାୟତା ଦେବା ପାଇଁ କଂଗ୍ରେସ ଦାବି କରିଛି।

# ୮ ମାସରେ ରାଜଧାନୀରେ ଆଦାୟ ହୋଇଛି ୨୧କୋଟି ୬୩ଲକ୍ଷ ଟଙ୍କାର ଜରିମାନା



ଭୁବନେଶ୍ୱର,୭/୯ (ନି.ପ୍ର): ଟ୍ୱିନ୍ ସିଟିରେ ଅମାନିଆଙ୍କ ଠାରୁ ଆଦାୟ ହୋଇଛି ୨୧କୋଟି ୬୨ଲକ୍ଷ ୯୯ହଜାର ୧୦୦ ଟଙ୍କା ଜରିମାନା। ୨୦୨୦-୨୧ ବର୍ଷ ଅଗଷ୍ଟ ମାସ ଶେଷ ସୁଦ୍ଧା ଏହି ଜରିମାନା ଆଦାୟ କରିଛି କମିଶନରେଟ୍ ପୋଲିସ । ଭୁବନେଶ୍ୱରରେ ଟ୍ରାଫିକ ନିୟମ ଉଲଘଂନ କରି ୮ ମାସରେ ୧୧ କୋଟି ୮୩ ଲକ୍ଷ ୬୫ ହଜାର ୭୦୦ ଟଙ୍କା ଫାଇନ ଆଦାୟ ହୋଇଛି । ବିନା ହେଲମେଟ ଧାରୀଙ୍କ ଠୁଁ ୯ କୋଟି ୨୦ ଲକ୍ଷ ୯ ହଜାର ୩ ଶହ ଆଦାୟ ହୋଇଛି। ବିନା ସିଟ ବେଲ୍ଟ ୫୬ ଲକ୍ଷ ୬ ହଜାର ୧୦୦ ଟଙ୍କା ଫାଇନ ଆଦାୟ ହୋଇଛି । ସେହିପରି ମାସ୍କ ନପିନ୍ଧିଥିବାରୁ ୩ ଲକ୍ଷ ୧୮ ହଜାର ଟଙ୍କା ଆଦାୟ ହୋଇଥିବା ଗୃହରେ ଉତର ରଖିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର। ସେହିପରି କଟକରେ ଅଗଷ୍ଟ ମାସ ସୁଦ୍ଧା ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ୧,୧୨, ୬୩,୫୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ବିନା ହେଲମେଟ୍ ପାଇଁ ୩୪,୦୧,୫୦୦ ଟଙ୍କା , ବିନା ସିଟ୍ ବେଲ୍ଟ ପାଇଁ ୧୯ ହଜାର ଟଙ୍କା ଏବଂ ମାସ୍କ ନପିନ୍ଧିଥିବା ଅଭିଯୋଗରେ ୫,୩୪,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। କମିଶନରେଟ୍ ପୋଲିସ ଅଂଚଳରେ ଜରିମାନା ଆଦାୟ ସମ୍ପର୍କରେ ବିଧାୟକ ସୌଭିକ୍ ବିଶ୍ୱାଳ ପଚାରିଥିବା ପ୍ରଶ୍ନର ଉତର ଏହା କହିଛନ୍ତି ମନ୍ତ୍ରୀ ଶ୍ରୀ ମିଶ୍ର ।

# ସାବାଡ଼ ହେଲେ ଅମାନିଆ:୨ ବର୍ଷରେ ୫୦ କୋଟି ଡଣ୍ଡ

ଭୁବନେଶ୍ୱର,୭/୯ (ନି.ପ୍ର): ଗତ ୨ ବର୍ଷରେ କମିଶନରେଟ ପୁଲିସ୍ ଅମାନିଆଙ୍କଠାରୁ ଆଦାୟ କରିଛି ୫୦ କୋଟି। କଟକଣା ନ ମାନିବା ଏବଂ ଟ୍ରାଫିକ୍ ଉଲଂଘନ କରିବା ଅଭିଯୋଗରେ କମିଶନରେଟ୍ ପୋଲିସ ଏହି ଟଙ୍କା ଆଦାୟ କରିଛି । କେବଳ ଭୁବନେଶ୍ୱରରୁ ୪୫ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ କଟକବାସୀ ଡଣ୍ଡ ଗଣିଛନ୍ତି ୫ କୋଟି ଟଙ୍କା । ସୋମବାର ବିଧାନସଭାରେ ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତର ଦେଇ ଏହି ତଥ୍ୟ ରଖିଥିଲେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର । ଭୁବନେଶ୍ୱରରୁ




୨୦୨୦ ମସିହାରେ ଟ୍ରାଫିକ୍ ନିୟମ ଉଲଂଘନ ବାବଦକୁ ସାଢେ ୧୩ କୋଟି, ବିନା ହେଲମେଟ୍ ବାବଦକୁ ସାଢେ ୮ କୋଟି, ବିନା ସିଟ୍ ବେଲ୍ଟ ପାଇଁ ୬୫ ଲକ୍ଷ ଓ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠୁ ୮ ଲକ୍ଷରୁ ଅଧିକ ଟଙ୍କା ପୋଲିସ ଆଦାୟ କରିଛି । ସେହିଭଳି ୨୦୨୧ରେ ମଧ କମିଶନରେଟ୍ ପୁଲିସ୍ ଟ୍ରାଫିକ୍ ନିୟମ ଓ କରୋନା କଟକଣା ଉଲଂଘନ ବାବଦରେ କୋଟି କୋଟି ଟଙ୍କା ଫାଇନ୍ ଆଦାୟ କରିଛି ।

# ରାଜ୍ୟରେ ୯୦ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି

ଭୁବନେଶ୍ୱର,୭/୯ (ନି.ପ୍ର): ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନେଇ ଆଜି ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି। ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ନ କରିବା ଓ ସମସ୍ତଙ୍କ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ ଗୃହରେ ଦାବି କଲେ ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କାହାକୁ ଦିଆଯାଉଛି, ଆଉ କେଉଁ ସଂସ୍ଥା କିପରି ଏହି କାର୍ଯ୍ୟ କରୁଛନ୍ତି ସେ ନେଇ ବିଧାୟକମାନେ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ଦେଇଛନ୍ତି, ରାଜ୍ୟରେ ୯୦ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। କୌଣସି ପାନୀୟ ଜଳ ପ୍ରକଳ୍ପ କରିବା ପୂର୍ବରୁ ପ୍ରଥମେ ଆରଡବ୍ଲୁଏସଏସର କର୍ମଚାରୀମାନେ ଯାଇ ସର୍ଭେ କରନ୍ତି ଏବଂ ପରେ କୌଣସି ଏକ କନ୍ସଲ୍ଟାନସିକୁ ଷ୍ଟଡି କରିବାକୁ ଦିଆଯାଇଥାଏ। ଏହାପରେ ଆମେ ଟେଣ୍ଡର କରି କାର୍ଯ୍ୟ ଆରମ୍ଭ କରିଥାଉ। ସବୁ ପ୍ରକଳ୍ପ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେଉଛି। କେଉଁଠି ଟିକିଏ ବିଳମ୍ବ ହେଉଛି, ଯାହାକି ମାତ୍ର ୪ରୁ ପାଞ୍ଚ ମାସ ସମୟ। ଉଭୟ ଶାସକ ଓ ବିରୋଧୀ ଦଳର ୭୨ ଜଣ ସଦସ୍ୟ ଏହି ବିଷୟରେ ଆଲୋଚନା ପାଇଁ ଚାହୁଁଥିବାରୁ ଯେଉଁଠି ଯାହା ସମସ୍ୟା ଅଛି, ତାର ସମାଧାନ କରାଯିବାକୁ ମନ୍ତ୍ରୀଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ସେଣ୍ଟର୍ ଫର୍ ଇନୋଭେସନ୍ ଆଣ୍ଡ ଇନକ୍ୟୁବେସନ୍ ଉଦଘାଟିତ

ଭୁବନେଶ୍ୱର,୭/୯ (ନି.ପ୍ର): ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରାଳୟ ଆନୁକୂଲ୍ୟରେ ରୁସା କାର୍ଯ୍ୟକ୍ରମ ଅଧୀନରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ସେଣ୍ଟର୍ ଫର୍ ଇନୋଭେସନ୍ ଆଣ୍ଡ୍ ଇନକ୍ୟୁବେସନ୍ ସ୍ଥାପନା କରାଯାଇଛି। ରବିବାର ସେପଟ୍ମେର ୫ ତାରିଖ ଦିନ ଏହାର ଅନୁଷ୍ଠାନିକ ଉଦଘାଟନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କର କରକମଳରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଆଚାର୍ଯ୍ୟ ତାଙ୍କର ଅଭିଭାଷଣରେ କହିଥିଲେ ଯେ, ଏହି କେନ୍ଦ୍ରର ସ୍ଥାପନା ବିଶ୍ୱବିଦ୍ୟାଳୟରେ, ଭୁବନେଶ୍ୱର ନଗରୀରେ ଏବଂ ଆଖପାଖ ଅଞ୍ଚଳରେ ବିଜ୍ଞାନ ଏବଂ ଇଣ୍ଡଷ୍ଟ୍ରିଆଲ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଗଠନରେ ଏକ ପ୍ରଭାବଶାଳୀ ଭୂମିକା ନିର୍ବାହ କରିବ । ଏହି କେନ୍ଦ୍ର ଷ୍ଟାର୍ଟଅପମାନଙ୍କୁ ସେମାନଙ୍କର ପ୍ରଗତିର ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ସୁବିଧାସୁଯୋଗ ପ୍ରଦାନ କରିବ। ଭିତ୍ତିଭୂମି ସୁବିଧା, ପ୍ରାରମ୍ଭିକ ପୁଞ୍ଜି, ମାର୍ଗଦର୍ଶନ, ଆଇପିଆର୍ ପଞ୍ଜିକରଣ, ବଜାର ଯୋଗସୂତ୍ର ଆଦି ବିଭିନ୍ନ ଯୋଜନା ମାଧ୍ୟମରେ ଷ୍ଟାର୍ଟଅପମାନଙ୍କୁ ସକ୍ଷମ କରାଯିବ। ସମସ୍ତ ବଜାର ଉପଯୋଗୀ ଉଦ୍ୟୋଗୀୟମାନଙ୍କୁ ସାହାଯ୍ୟ ପ୍ରଦାନ କରାଯିବ, ତଥାପି କୃଷି ଉଦ୍ୟୋଗ କି, ଖାଦ୍ୟ ପ୍ରକ୍ରିୟାକରଣ, ଯୋଟେକ୍ନୋଲୋଜି, ଗ୍ରାମୀଣ ବିକାଶ, ସବୁଜ ଉଦ୍ୟୋଗକୁ ପ୍ରାଧାନ୍ୟ ଦିଆଯିବ। ଉଲ୍ଲେଖନୀୟ ଯେ ନିକଟରେ ଏହି କେନ୍ଦ୍ର “ଉପକ୍ରମ” ନାମକ ଏକ ‘IDEATHON Mind 2 Market’ କାର୍ଯ୍ୟକ୍ରମ ଘୋଷଣା କରିଛି।



ଏହି କାର୍ଯ୍ୟକ୍ରମ ଜରିଆରେ ଉତ୍ସୁକ ଷ୍ଟାର୍ଟଅପମାନଙ୍କୁ ଏକ ଲଞ୍ଚପ୍ୟାଡ୍ ପ୍ରଦାନ କରାଯିବ। ଶିକ୍ଷକ ଦିବସର ଶୁଭ ଅବସରରେ ଅନୁଷ୍ଠିତ ଉଦଘାଟନ ସମାରୋହରେ ବିଶ୍ୱ ବିଦ୍ୟାଳୟର କୁଳସଚିବ ଅଭୟ ନାୟକ, ପ୍ରଭାରୀ ପ୍ରଫେସର ବିଧୁଭୂଷଣ ମିଶ୍ର, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ, ପ୍ରଫେସର ପ୍ରବୋଧ ହୋତା, ରୁସା ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ଆଗକୁ ଯାଇ କେବଳ ଓଡ଼ିଶା ନୁହଁ, ପରନ୍ତୁ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଏକ ଉତ୍କୃଷ୍ଟ କେନ୍ଦ୍ର ଭାବେ ପରିଗଣିତ ହେବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯିବା ପାଇଁ କର୍ତ୍ତୃପକ୍ଷ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ସେଣ୍ଟର୍ ଫର୍ ଏଗ୍ରି-ମ୍ୟାନେଜମେଣ୍ଟ୍ ସେଣ୍ଟର୍ ମୁଖ୍ୟ ଦୀପକ ରାମ ଉପସ୍ଥିତ ଥିଲେ ଏବଂ ଇନକ୍ୟୁବେସନ୍ ସେଣ୍ଟରର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ କହିଥିଲେ। ସମ୍ପ୍ରତି ସିଆଇଆଇ (ସିଆଇଆଇ) ଏହାକୁ ସୁରୁଖୁରୁରେ ଚଳାଇବା ପାଇଁ ଡକ୍ଟର ମନୀଶା ଆଚାର୍ଯ୍ୟଙ୍କୁ ସିଇଓ ଏବଂ ଅନ୍ୟ ତିନି ଜଣ ଅନୁଭବୀଙ୍କୁ ପୂର୍ଣ୍ଣକାଳୀନ ଭାବରେ ନିଯୁକ୍ତ କରାଯାଇଛି।

# ରାଜଧାନୀରେ ଦିଆଗଲାଣି ଅତିରିକ୍ତ ୫ଲକ୍ଷ ଡୋଜ୍ : ଓଡ଼ିଶାରେ ଚିହ୍ନଟ ହୋଇନି ନକଲି ଟିକା

ଭୁବନେଶ୍ୱର ,୭/୯ (ନି.ପ୍ର): ରାଜଧାନୀରେ ସମୁଦାୟ ୧୭ଲକ୍ଷ ଡୋଜ୍ ଟିକା ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ହେଲେ ବହୁ ସଂଖ୍ୟାରେ ରାଜଧାନୀ ବାହାର ଲୋକ ଆସି ଭୁବନେଶ୍ୱରରେ ଟିକା ନେଇଛନ୍ତି। ଯାହାଫଳରେ ଭୁବନେଶ୍ୱରରେ ୨୨ଲକ୍ଷ ଡୋଜ୍ ଟିକା ଦିଆଗଲାଣି। ଏବେ ବି କିଛି ବାକି ରହିଛି। ମାତ୍ର ଭୁବନେଶ୍ୱରରେ ଟିକାକରଣ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ତାହା ପୂରଣ ହୋଇଛି ବୋଲି କହିଛନ୍ତି ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ। ଡା.ପାଣିଗ୍ରାହୀ କହିଛନ୍ତି, ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିଥିବା ଚିଠିରେ ଦକ୍ଷିଣ ପୂର୍ବ ଓ ଆଫ୍ରିକା ଦେଶରେ ନକଲି କୋଭିସିଲ୍‌ଡ ଟିକା ଦିଆଯାଉଥିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ‘ହୁ’ ସୂଚନା ପାଇଛି। ତେଣୁ ଏସବୁ ଦେଶମାନଙ୍କୁ ସତର୍କ କରାଯାଇଥିଲା। ରାଜ୍ୟରେ ଏ ପର୍ଯ୍ୟନ୍ତ ନକଲି ଟିକା ଚିହ୍ନଟ ହୋଇନାହିଁ। ଲୋକଙ୍କ ଭିତରେ ଟିକା ନେବାର ଆଗ୍ରହ ରହିଛି। ଏ ପର୍ଯ୍ୟନ୍ତ ୧କୋଟି ୭୮ଲକ୍ଷ ହିତାଧିକାରୀ ପ୍ରଥମ ଓ ୫୮ଲକ୍ଷ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଲେଣି। ଦ୍ୱିତୀୟ ଡୋଜ୍ ଅପେକ୍ଷାରେ ରହିଥିବା ୭୦ ପ୍ରତିଶତ ହିତାଧିକାରୀ ଟିକା ନେଇ ସାରିଲେଣି। ଲୋକଙ୍କ ପାଖରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିନାହିଁ। ସେ ଆହୁରି ମଧ କହିଛନ୍ତି ଯେ ଟିକା କେନ୍ଦ୍ରରେ ଲୋକମାନେ ଗହଳି କରୁଥିବା ଦେଖିବାକୁ ମିଳିଛି। ଗହଳି ନିୟନ୍ତ୍ରଣ କରିବା ଲାଗି କିଛି ସ୍ଥାନରେ ଟୋକନ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତଥାପି ସେଠାରେ ଲୋକମାନଙ୍କ ଗହଳି ଦେଖିବାକୁ ମିଳୁଛି। ତେଣୁ ରାତି ତମାମ ଅପେକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଚଳିତମାସରେ ରାଜ୍ୟରେ ଲଗାତାର ଭାବେ ଦୈନିକ ୩ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଟିକାକରଣ କରାଯାଉଛି।

## ୧୦୦୦ଲିଟର ଦେଶୀ ମଦ ସହ ବଲେରୋ ଜବତ, ୧ ଗିରଫ

ନୀଳଗିରି,୦୭/୦୯ (ନି.ପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ନୀଳଗିରି ଅବକାରୀ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଊପଦା ଅଞ୍ଚଳରୁ ଏକ ବୋଲେରୋ ଗାଡ଼ି ଓଆର-୦୧ଏଚ-୯୨୯୭ କୁ ଊପଦା ତହସିଲ ଅଫିସ ନିକଟରୁ ଜବତ କରିବା ସହ ଗାଡ଼ିରୁ ଏକ ହଜାର ଲିଟର ଦେଶୀ ମଦ ଜବତ କରିବା ସହ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଧିନସ୍ଥ ହାତୀବରୀ ଅଞ୍ଚଳର ମାନସ ମଲ୍ଲିକ (୨୧) ଗିରଫ କରିବା ସହ ଘଟଣାସ୍ଥଳରୁ ବାଲେଶ୍ୱର ଜିଲ୍ଲା ସଦର ଥାନା ଅଧିନସ୍ଥ ସାହାଦା ଇଷାନୀ ଗ୍ରାମର ଅକ୍ଷୟ କୁମାର ବେହେରା ଫେରାର ହୋଇଯାଇଥିଲା । ବ୍ୟବହୃତ ବୋଲେରୋ ଗାଡ଼ିଟିକୁ ଅବକାରୀ ବିଭାଗ ଜବତ କରିଛି । ଏହି ଚଢ଼ାଉରେ ପ୍ରହ୍ଲାଦ ବିଶ୍ୱାଳ, ଦେବଶିଷ ମଲ୍ଲିକ, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ ।

## ରାୟଗଡା ବିଜେଡିର ୨ ଜଣଙ୍କ ଉପରୁ ନିଲମ୍ବନ ଆଦେଶ ଉଠିଲା

ଭୁବନେଶ୍ୱର,୦୭/୦୯ (ନି.ପ୍ର): ବିଜେଡିର ଦୁଇଜଣଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି । ଏହି ୨ଜଣ ହେଲେ ରାୟଗଡ଼ା ଜିଲ୍ଲା ଗୁଡାରୀର କେ. ରାମକୃଷ୍ଣ ଓ ରାମନାଗୁଡାର ମନୋରଞ୍ଜନ ସାହୁ । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଦେଶରେ ଦୁଇଜଣଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି । ଏନେଇ ପ୍ରେସ୍ ଇସ୍ତାହାର ମାଧ୍ୟମରେ ବିଜେଡି ଗଣମାଧ୍ୟମ ବ୍ୟାପାର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି ।

# କୁଡୁମୀ ସେନା ପକ୍ଷରୁ ନୂଆଦିଲ୍ଲୀ ଠାରେ ବିକ୍ଷୋଭ ପ୍ରଦର୍ଶନ




ବାରିପଦା,୦୭/୦୯ (ନି.ପ୍ର): କୁଡୁମୀ ସେନାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ(ମହାନ୍ତ) ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଦାବୀ ନେଇ ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଜାରୀ ରହିଛି । ଏହି କ୍ରମରେ ସେନା ପକ୍ଷରୁ ନୂଆଦିଲ୍ଲୀର ଜନ୍ତରମନ୍ତର ଠାରେ ସେପ୍ଟେମ୍ବର ୬ତାରିଖକୁ କଳା ଦିବସ ଭାବେ ପାଳନ କରାଯିବା ସାଙ୍ଗକୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ଜାତିଟି ଆଦିବାସୀ ବର୍ଗରେ ପରିଗଣିତ ହୋଇ ଆସୁଥିଲା । ତେବେ ସ୍ୱାଧୀନତା ପରେ ୧୯୫୦ ମସିହା ସେପ୍ଟେମ୍ବର ମାସ ୬ତାରିଖ ଦିନ ଏହାକୁ ଆଦିବାସୀ ତାଲିକାରୁ ବାଦ୍ ଦିଆଯାଇଥିଲା । ତେଣୁ ଏହି ଐତିହାସିକ ଅନ୍ୟାୟ ପ୍ରତିବାଦରେ ଉକ୍ତ ଦିନକୁ କୁଡୁମୀ ସେନା ପକ୍ଷରୁ କଳା ଦିବସ ଭାବେ ପାଳନ କରାଯାଇଆସୁଛି । କୁଡୁମୀ ସେନା ଅଧ୍ୟକ୍ଷ ଜୈମୁନୀଙ୍କ ନେତୃତ୍ୱରେ ଜନ୍ତରମନ୍ତର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବା ସମୟରେ ତାଙ୍କ ଅନୁଗାମୀମାନେ ବାରିପଦାସ୍ଥିତ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ବିକ୍ଷୋଭ ଓ ଧାରଣା ଦେଇଥିଲେ । ୧୯୫୦ ମସିହା ପରଠାରୁ ଏହି ସମ୍ପ୍ରଦାୟର ଲୋକମାନେ ପୁଣିଥରେ ଆଦିବାସୀ ବର୍ଗରେ ସାମିଲ ହେବାକୁ ଦାବୀ କରି ଆସୁଛନ୍ତି । ଏହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଗତ କିଛି ବର୍ଷ ତଳେ ଜୈମୁନୀ ମହାନ୍ତ କୁଡୁମୀସେନା ଗଠନ କରି ଉକ୍ତ ଆନ୍ଦୋଳନକୁ ବ୍ୟାପକ କରି ପାରିଛନ୍ତି । ଏହାକୁ ଲକ୍ଷ୍ୟ କରି ବିଗତ ୨୦୧୮ ମସିହା ଡିସେମ୍ବର ମାସ ୭ତାରିଖ ରେ କୁଡୁମୀ ଡେଭେଲପ୍‌ମେଣ୍ଟ କାଉନସିଲ ଗଠନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା ମଧ୍ୟ କରିଥିଲେ । ତେବେ ଏ ଯାଏଁ ତାହା କେବଳ ଘୋଷଣାରେ ହିଁ ରହିଯାଇଛି । ଯାହାକି ସମସ୍ତଙ୍କୁ କ୍ଷୁବ୍ଧ କରିଛି । ତେବେ ଇତ ମଧ୍ୟରେ ଆସାମ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ ଆଦି ରାଜ୍ୟର କୁଡୁମୀ ଆନ୍ଦୋଳନକାରୀ ମାନଙ୍କ ସହିତ ସମନ୍ୱୟ ସ୍ଥାପନ କରି ଜୈମୁନୀ ଏହି ଦାବୀକୁ ହାସଲ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ ଜାରୀ ରଖିଛନ୍ତି । ଜନ୍ତରମନ୍ତର ଠାରେ ଉକ୍ତ ବିକ୍ଷୋଭ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ସରକାରଙ୍କ ଏମଏସଏମଇ ବିଭାଗମନ୍ତ୍ରୀ ଶ୍ରୀକାନ୍ତ ମାହାତୋ, ଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଟେଟୋମିକ୍ କୁଡୁମୀ ଏସୋସିଏସନର ସଭାପତି ଆଦିତ୍ୟ ମାହାତୋ, ସମ୍ପାଦକ ଅମିତ ମାହାତୋ, ଝାଡଖଣ୍ଡ ରାଜ୍ୟ କୁଡୁମୀ ସେନା ସଭାପତି ଲାଲଟୁ ମାହାତୋ ଓ ଆସାମ ରାଜ୍ୟ କୁଡୁମୀ ସେନା ସଭାନେତ୍ରୀ ଅନୁରାଧା କର୍ମୀ ପ୍ରମୁଖଙ୍କ ସମେତ ବିଭିନ୍ନ ରାଜ୍ୟରୁ ଯାଇଥିବା ଏହି ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ ।

# ପୌର ପରିଷଦର ସମସ୍ୟାନେଇ ଭଂଜସେନା ତରଫରୁ ଗଣଧାରଣା



ବାରିପଦା,୦୭/୦୯ (ନି.ପ୍ର): ଭଂଜସେନା ତରଫରୁ ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ୨୮ ଗୋଟି ୱାର୍ଡର ବିଭିନ୍ନ ସମସ୍ୟା ନେଇ ୬ ଦଫା ଦାବି ସମ୍ୱଳିତ ଏକ ଦାବିପତ୍ର ଆଜି ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସ୍ୱରୁପ ଗଣଧାରଣା ପ୍ରଦର୍ଶନ କରା ଯାଇଥିବାର ଦେଖା ଯାଇଛି । ଯଦି ଆଗାମୀ ଦିନରେ ଜିଲା ପ୍ରଶାସନ ଏହି ସମସ୍ୟା ବାବଦରେ କୌଣସି ତୁରନ୍ତ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଭଂଜସେନା ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବ ବୋଲି ଭଂଜସେନାର ନେତୃମଣ୍ଡଳୀ ନିଜର ବକ୍ତବ୍ୟରେ କହିଛନ୍ତି । ଦାବୀ ଗୁଡିକ ମଧ୍ୟରେ ବାରିପଦା ପୌରାଞ୍ଚଳର ଭୂମିହୀନ ଲୋକ ମାନଙ୍କୁ ତଥା ଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯିବା, ପୌରାଞ୍ଚଳରେ ଲୋକଙ୍କୁ ଦୁର୍ଘଟଣା ଓ ଚୋରୀରୁ ରକ୍ଷା କରିବା ପାଇଁ ତୁରନ୍ତ ସହରକୁ ଅନ୍ଧାରୀ କରଣକୁ ଦୂରକରି ସମ୍ପୂର୍ଣ ଆଲୋକୀକରଣ କରାଯିବା, କରୋନା ମହାମାରୀ ଭୟାଭୟତାରୁ ସହରକୁ ଓ ସହରବାସୀଙ୍କୁ ସୁରକ୍ଷା ତଥା ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି ପାଇଁ ସଫେଇ କାର୍ଯ୍ୟକୁ ସଠିକ ଭାବେ ତ୍ୱରାନ୍ୱିତ କରାଯିବା, ବାରିପଦା ପୌର ପରିଷଦରେ ସ୍ଥାୟୀ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି କରାଯିବା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ହେଉଥିବା ଅସୁବିଧାକୁ ତୁରନ୍ତ ଦୂର କରାଯିବା, ପୌରାଞ୍ଚଳର ସାଧାରଣ ଜନତାଙ୍କ ସମସ୍ୟା ବୁଝିବା ପାଇଁ ସ୍ୱତନ୍ତ୍ର ୨୪ ଘଣ୍ଟିଆ ହେଲ୍ପ ଡେସ୍କ ନିର୍ମାଣ କରାଯିବା ଆଦି ଦାବୀରେ ଅନୁଷ୍ଠିତ ଏହି ଧାରଣାରେ ଭଞ୍ଜସେନା ପକ୍ଷରୁ ସତ୍ୟସ୍ୱରୂପ ଦାସ, ରାକେଶ ସିଂ, ନିମାଇଁ ତ୍ରିପାଠୀ, ପିଣ୍ଟୁ ମାଇତି, ରାକେଶ ବେହେରା,ସାମନ୍ତ ଶେଖର ପାଲ, ରାକେଶ ମହାନ୍ତି, ଜିତୁ ଶିବାନନ୍ଦ, ମାନସ ବେହେରା, ସୌମ୍ୟରଂଜନ ମିଶ୍ର, ଏସ.କେ.ରାଜାଖାନ, ଅମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# 'ଆମେ'ର ଅମାବାସ୍ୟା ଆସର ଓ ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ,୦୭/୦୯ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ସଂଗଂନ 'ଆମେ'ର ୨୬ତମ ଅମାବାସ୍ୟା ଆସର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ପ୍ରଜ୍ଞାପୀଠ ଠାରେ ପାଳିତ ହୋଇ ଯାଇଛି । ଏହି ସଭାରେ ୨୦୧୯ ଓ ୨୦୨୦ ପାଇଁ ଓଡ଼ିଶା ରାଜ୍ୟ ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଦୁଇ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ନାଟ୍ୟକାର ସୁଧାକର ନନ୍ଦ ଓ ନାଟ୍ୟଶ୍ରୀ ନିର୍ମଳ ଚନ୍ଦ୍ର ରାଉତଙ୍କୁ 'ଆମେ' ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଏବଂ ସହିଦ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ନାଟ୍ୟନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି । ମୁଖ୍ୟ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କଥାକାର ଡ. ରାଧାବିନୋଦ ନାୟକ, ସମ୍ମାନିତ ଅତିଥି ଓ ବକ୍ତା ଭାବେ ଲାୟନ୍ସ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି ଓ ଡ. ରେଣୁବାଳା ତ୍ରିପାଠୀ ଯୋଗ ଦେଇଥିଲେ । ବେଦପାଠ ପରେ ମଞ୍ଚକୁ ଅତିଥି ନିମନ୍ତ୍ରଣ କରିଥିଲେ ନାଟ୍ୟାଭିନେତା କାଳନ୍ଦୀ ମଲ୍ଲିକ, ଅନୁଷ୍ଠାନର ବିବରଣୀ ଏବଂ ସଭାର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ପ୍ରତିଷ୍ଠାତା ସମ୍ପାଦକ ପ୍ର. ଅଟଳ ବିହାରୀ ନାୟକ । ରାଜ୍ୟ ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ଦୁଇ ନାଟ୍ୟକାରଙ୍କ ସାହିତ୍ୟ ଓ ନାଟ୍ୟ କୃତି ଉପରେ ସମୀକ୍ଷା କରିଥିଲେ ନାଟ୍ୟଗୁରୁ ବାଦଲ ସିକ୍‌ଦାର, ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ସାହୁ, ନାଟ୍ୟକାର ପ୍ର. ଅଟଳ ବିହାରୀ ନାୟକ, ଅନ୍ୟମାନଙ୍କ ମଧ୍ୟରେ ବିଗତବର୍ଷର ରାଜ୍ୟ ଲଳିତକଳା ଏକାଡେମୀ ପୁରସ୍କୃତ ଚିତ୍ରଶିଳ୍ପୀ ଓ କବି ଅଶୋକ ମହାନ୍ତି, ଆଡଭୋକେଟ ସନ୍ତୋଷ ମହାପାତ୍ର, ଶିବ ପ୍ରସାଦ ମହାନ୍ତି, ପ୍ର. ରାଜକିଶୋର ସାହୁ, ପଣ୍ଡିତ ଦୈତାରୀ ମହାପାତ୍ର, ଅଧାପକ ନିହାର ରଂଜନ କର, ପ୍ରେମ ପୃଥିବୀ ପତ୍ରିକାର ମୁଖ୍ୟ ସମ୍ପାଦକ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପଣ୍ଡା, ବିଶ୍ୱମ୍ଭର ପଣ୍ଡା, ସଂଜୀବ କୁମାର ନାୟକ, ଶଶାଙ୍କ ଶେଖର ପଣ୍ଡା, ଡ. ଲକ୍ଷ୍ମୀକାନ୍ତ ନାୟକ, ରମାକାନ୍ତ ପଣ୍ଡା, ରୋଟାରୀ କ୍ଲବ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଆଡଭୋକେଟ ଅସିତ କୁମାର ବେହେରା, ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲେଇ, ପ୍ରାଧାପିକା ଡ. ମମତା ସାହୁ, ଡ. ରାଧାରାଣି ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ପ୍ରାଧାପିକା ଭାନୁମତୀ ମାଟିଆ, କବି ଗୀତାରାଣି ଆଇଚ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ କବି ଶକୁନ୍ତଳା ନାୟକ, ଡ ଅବନୀ ପ୍ରଧାନ, କବି ଦିବ୍ୟସିଂହ ଦାସଅଧିକାରୀ, ଯୁବକବି ଅକ୍ଷୟ ଜେନା, ଯୁବ ଗୀତିକାର ଅରୂପାନନ୍ଦ, ଯୁବ ସମାଜସେବୀ ରଜତ କୁମାର ସାହୁ, ଅଧାପିକା ସ୍ୱାଗତିକା ସାହୁ, ଆଡ୍‌ଭୋକେଟ ଅମିଳାବାଳା ଆଚାର୍ଯ୍ୟ, ୟୁଡି ଗ୍ରୁପ୍ ଚେୟରମ୍ୟାନ ଅତୁଲ ନାୟକ, ଶିକ୍ଷକ କବି ରତିକାନ୍ତ ବେହେରା, ପ୍ରାଧାପକ ଗୋପାଳ ଚନ୍ଦ୍ର ବେଜ, ଯନ୍ତ୍ରସଂଗୀତକାର ମେଘବର୍ଣ୍ଣ, ଶିକ୍ଷୟିତ୍ରି ତପସ୍ୱିନୀ ଦାସ, ଅଳକାନନ୍ଦା ନାୟକ, ତନୁଶ୍ରୀ ନାୟକ, ମାଧବୀଲତା ନାୟକ, ଛାତ୍ରନେତା ସଞ୍ଜୟ ଚକ୍ରବର୍ତ୍ତୀ, କଳାନିର୍ଦ୍ଦେଶକ ନିରନ ନାୟକ, ପ୍ରାଧାପକ ଡ. ଅଭୟ ଦାସ, ସାମ୍ବାଦିକ ତନୁ ପଣ୍ଡା, କବି ନରେଶ ମଣ୍ଡଳ, ମୌସୁମୀ ମହାନ୍ତି, ବ୍ୟାଙ୍କ ଅଧିକାରୀ ବସନ୍ତ କୁମାର ମହାନ୍ତି, ଶିକ୍ଷାବିତ କୈଳାସ ଚନ୍ଦ୍ର ଜେନା ପ୍ରମୁଖ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ ।

# ଗୁରୁପୂଜା ଓ ଶୁଭାଶୀର୍ବାଦ ସମାରୋହ ପାଳିତ




ବସ୍ତା,୦୭/୦୯ (ନି.ପ୍ର): ଗୁରୁଦିବସ ଅବସରରେ ନାଇକୁଡି ଆଞ୍ଚଳିକ ବିକାଶ ପରିଷଦ ଓ ବିଶ୍ୱାସ ଏନଜିଓ ସଂସ୍ଥା ଆନୁକୂଲ୍ୟରେ ବସ୍ତା ବ୍ଲକ୍ ନାଇକୁଡି ଠାରେ ଅଭିଳାଷ ବିଶ୍ୱାସଙ୍କ ବାସଭବନରେ ଗୁରୁପୂଜା ଓ ଶୁଭାଶୀର୍ବାଦ ସମାରୋହ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉକ୍ତ ସମାରୋହକୁ ଆନୁଷ୍ଠାନିକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାନୁଚରଣ ଭୂୟାଁ ଉଦ୍ଘାଟନ କରିଥିଲେ ।ନାଇକୁଡି ଆଞ୍ଚଳିକ ବିକାଶ ପରିଷଦର ଆବାହକ ଯୁବସୌଗନ୍ଧ ଖଗେନ୍ଦ୍ର କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ରେଡିଏଣ୍ଟ ସ୍କୁଲ ଅଫ୍ ଇଂଲିସ ଏବଂ ଆଇ.ଟିର ଅଧ୍ୟକ୍ଷ ସତ୍ୟଜିତ ମିଶ୍ର, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ,ଅନ୍ୟତମ ସମ୍ମାନିତ ଅତିଥି ରୂପେ ପୂର୍ବତନ ସିଆରସିସି ତଥା ଶିକ୍ଷକ ନରୋତ୍ତମ ରାଉଳ, ଯୁବ ସମାଜସେବୀ ଇଂ, ରାଜାଶ୍ରୀ ମହାନ୍ତି ଓ ବିଶ୍ୱାସ ଏନଜିଓ ସଂସ୍ଥାର ସଂପାଦକ ସଂଗ୍ରାମ କେଶରୀ ପରିଡା ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ ।ଅତିଥି ମାନଙ୍କ ଦ୍ୱାରା ନାଇକୁଡି ପଞ୍ଚାୟତର ୬୦ରୁ ଅଧିକ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ସଭାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅଭିରାମ ଦାସ, ପୂର୍ବତନ ସରପଞ୍ଚ ବିଶ୍ୱମ୍ଭର ସ୍ୱାଇଁ,ସମିତି ସଦସ୍ୟ ପ୍ରତିନିଧି ସନାତନ ଜେନା, କାର୍ତ୍ତିକ ଚନ୍ଦ୍ର ପାତ୍ର ଓ ଜଗନ୍ନାଥ ଗୋଚ୍ଛାୟତ ଆଦି ବୁଦ୍ଧିଜୀବୀ ଉପସ୍ଥିତ ହୋଇ ଗୁରୁଦିବସ ଅବସରରେ ଏଭଳି ଏକ ନିଆରା କାର୍ଯ୍ୟକୁ ପ୍ରଶଂସା କରିବା ସହିତ ପରିଷଦର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାକୁ କମଳାକାନ୍ତ ଦାସ, ବଂଶୀଧର ଭୂୟାଁ,ରାକେଶ ପାତ୍ର, ଭରତ ପ୍ରଧାନ,ଦିଲୀପ ରାଉଳ,ତ୍ରିଲୋଚନ ଦାସ, ଅଜିତ କୁମାର ଦତ୍ତ, ମୋନଜ ଦାସ, କୃଷ୍ଣମୋହନ ଜେନା, ମନ୍ମଥ ଦାସ, ସଂଜୀବ ଦାସ, ଅଜୟ କୁମାର ଦାସ, ଅଶ୍ୱିନି ପାତ୍ର ଓ ରଶ୍ମିରଞ୍ଜନ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜ୍ୟରେ କରୋନାରେ ଆଉ ୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୭/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୮୦୬୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଅନୁଗୁଳ, କଟକ ଓ ଖୋର୍ଧା ଜିଲ୍ଲାରୁ ୨-୨ ଜଣ କରୋନା ସଂକ୍ରମିତ ଅଛନ୍ତି । ଏହାଛଡ଼ା ପୁରୀ ଜିଲ୍ଲାରୁ ଜଣେ ମୃତକ ରହିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ....

ଏହି ହାଇ ରିସ୍କ ଗ୍ରୁପ୍ ର ନିୟମିତ ଭାବରେ ଟେଷ୍ଟିଂ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ଭିତରେ ସଂକ୍ରମଣ ନଜରକୁ ଆସୁଛି । ତେଣୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ ଓ ନମୂନା ସଂଗ୍ରହ କରୁଥିବା ଟିମ୍ ମାନଙ୍କୁ କୋଭିଡ ନିୟମ ସଂପର୍କରେ ବାରମ୍ବାର ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ଡେଲଟା ଭାରିଏଂଟ ଅଧିକ ସଂକ୍ରମଣ କରୁଥିବାରୁ ମାଇକ୍ରୋ କଂଟେନମେଂଟ ଜୋନ୍ କରି ନିରନ୍ତର ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଯୋଗାଣରେ ବୃଦ୍ଧି ଘଟିଥିବାରୁ ଟିକାକରଣରେ ମଧ ଉନ୍ନତି ଆସିଛି । ତେଣୁ ଯେପରି ସବୁ ଲୋକ ତାଙ୍କର ଦୁଇଟି ଯାକ ଡୋଜ ନିଶ୍ଚିତ ନେବେ, ତାହା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗକୁ ପାର୍ବଣ ଋତୁ ଆସୁଛି । କେରଳରେ ଓନାମ୍ ପର୍ବ ପାଳନ ପରେ ପରେ ସଂକ୍ରମଣ ବୃଦ୍ଧିର ଉଦାହରଣ ଦେଇ ପାର୍ବଣ ସମୟରେ ସମସ୍ତଙ୍କୁ ଅଧିକ ସତର୍କ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ଦେଶର ବିକାଶ ପାଇଁ ଶିକ୍ଷା ସର୍ବସ୍ପର୍ଶୀ....

ପିଲାଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଓ ସମର୍ଥ କରି ଗଢ଼ିତୋଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ 'ଆଜାଦୀ କା ଅମୃତ ମହୋତ୍ସବ' ମଧ୍ୟରେ ସବୁ ଅଲିମ୍ପିଆନ ଏବଂ ପାରାଲିମ୍ପିଆନ ୭୫ଟି ବିଦ୍ୟାଳୟକୁ ଯିବା ନେଇ ସେ ଖୁସିବ୍ୟକ୍ତ କରିଥିଲେ । ଏହା ଦ୍ୱାରା ଛାତ୍ରଛାତ୍ରୀ ଏବଂ ଅନେକ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା କ୍ଷେତ୍ରରେ ଯିବା ପାଇଁ ପ୍ରୋତ୍ସାହନ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି 'ଶିକ୍ଷକ ପର୍ବ' ଅବସରରେ ସମସ୍ତ ଶିକ୍ଷକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ସବୁ ବର୍ଗରେ ଶିକ୍ଷାର ନିରନ୍ତରତାକୁ ସୁନିଶ୍ଚିତ କରିବା ଏବଂ ଦେଶରେ ବିଦ୍ୟାଳୟ ଗୁଡ଼ିକରେ ଗୁଣାତ୍ମକ ଏବଂ ଅଭିନବ ଶିକ୍ଷା ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ପାଳନ ହେଉଥିବା ଶିକ୍ଷକ ପର୍ବକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଜି ଶୁଭାରମ୍ଭ ହୋଇଥିବା ବହୁମୁଖୀ କାର୍ଯ୍ୟକ୍ରମ ଭାରତର ନୂତନ ଯୁଗର ଶିକ୍ଷାର ଚେହେରା ହେବ । ଶିକ୍ଷକମାନଙ୍କର ମହତ୍ୱ ଏବଂ ସମ୍ମାନକୁ କେବଳ ଶିକ୍ଷକ ଦିବସରେ ସୀମିତ ନରଖି ଏକ ପର୍ବ ଭାବରେ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନା, ଦେଶର ଆତ୍ମା ତଥା ଶିକ୍ଷା ବ୍ୟବସ୍ଥା ପାଇଁ ତାଙ୍କର ପ୍ରତିବଦ୍ଧତା ଏବଂ ନୂଆ ପିଢ଼ିଙ୍କୁ ପ୍ରସ୍ତୁତ କରିବା ପାଇଁ ତାଙ୍କର ଥିବା ସମ୍ବେଦନଶୀଳ ଦାୟିତ୍ୱବୋଧକୁ ପ୍ରତିଫଳିତ କରୁଛି । ବିଶ୍ୱ କୋଭିଡ୍ ମହାମାରୀରେ ନୂଆ ଚ୍ୟାଲେଞ୍ଜ ଦେଇ ଗତି କରୁଥିବା ବେଳେ ଭାରତବର୍ଷର ବିଦ୍ୟାଳୟ ଗୁଡ଼ିକ ଦୁଇ ଛକିରେ ଛିଡ଼ା ହୋଇଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ସମସ୍ତଙ୍କୁ ଭରସା ଦେଇଛି ।

## ଛାତ୍ର କଂଗ୍ରେସର ବିଧାନସଭା....

ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି । ଅନ୍ୟ ପକ୍ଷରେ ଶ୍ରୀ ନଓ୍ୱାଜ ଅଭିଯୋଗ କରିଛନ୍ତି ଏବଂ ନବୀନ ସରକାର ୨୧ ବର୍ଷ ଧରି ଅପରାଧୀମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ମାହାଙ୍ଗା ଡବଲ ମର୍ଡର ଘଟଣାରେ ସଂପୃକ୍ତ ଆଇନ ମନ୍ତ୍ରୀ ପ୍ରତାପ ଜେନା ନବୀନ ବାବୁଙ୍କ ଛତ୍ରଛାୟା ତଳେ ସୁରକ୍ଷିତ । ଏ ରାଜ୍ୟର ଛାତ୍ରଛାତ୍ରୀ ଓ ବେକାର ଯୁବକଯୁବତୀ ନ୍ୟାୟ ନପାଇବା ପର୍ଯ୍ୟନ୍ତ ଏବଂ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବହିଷ୍କାର ଓ ଗିରଫ ନକରିବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଛାତ୍ର କଂଗ୍ରେସର ସଂପାଦିକା ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା କହିଥିଲେ ଯେ ଷ୍ଟାଫସିଲେକସନ ଦୁର୍ନୀତି ପ୍ରସଙ୍ଗରେ ଛାତ୍ର କଂଗ୍ରେସର ଆନ୍ଦୋଳନ ତୃଣମୂଳ ସ୍ତରରେ ପଂହଚିଛି । ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଧ ଛାତ୍ର କଂଗ୍ରେସ ଆନ୍ଦୋଳନ କରିଛି । ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସମ୍ମୁଖରେ ଏହି ପ୍ରସଙ୍ଗରେ ଛାତ୍ର କଂଗ୍ରେସ ଦସ୍ତଖତ ଅଭିଯାନ କରିଥିଲା । ସେ କହିଥିଲେ ନବୀନ ସରକାର ଅମଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ଦୁର୍ନୀତିକୁ ଯିଏ ବିରୋଧ କରୁଛି ନବୀନ ସରକାରଙ୍କ ମନ୍ତ୍ରୀ ସେମାନଙ୍କୁ ହତ୍ୟା କରୁଛନ୍ତି ।

## ମିନି ସେକ୍ରେଟେରିଏଟ ଘେରାଉ ....

ଯାଦବ ଟ୍ୱିଟ କରିଛନ୍ତି । ହରିଆଣା ପୁଲିସ୍ ଭାରତୀୟ କିଷାନ ୟୁନିୟନ(ବିକେୟୁ) ନେତା ରାକେଶ ଟିକାୟତଙ୍କ ସମେତ ଅନେକ ଚାଷୀ ନେତାଙ୍କୁ ଅଟକ ରଖିଛି । ଏହାପୂର୍ବରୁ ଶୋଭାଯାତ୍ରାର ଅନୁମତି ପାଇଁ ୧୧ ଜଣ ଚାଷୀ ନେତା ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା । କିନ୍ତୁ ଏହି ଆଲୋଚନା ଫେଲ ମାରିବାରୁ ଶତାଧିକ ଚାଷୀ ମିନି ସେକ୍ରେଟେରିଏଟ ଘେରାଉ କରିବାକୁ ବାହାରିଛନ୍ତି । ଟିକାୟତ ଓ ଯୋଗେନ୍ଦ୍ର ଯାଦବ ମଧ୍ୟ ଉକ୍ତ ବୈଠକରେ ଉପସ୍ଥିତ ଥିଲେ । ଶୋଭାଯାତ୍ରାର ଅନୁମତିକୁ ନେଇ ସରକାରଙ୍କ ସହ କୌଣସି ଆଲୋଚନା ସମ୍ଭବ ହୋଇପାରିନି ବୋଲି ଟିକାୟତ କହିଥିଲେ । ଅନ୍ୟପକ୍ଷରେ ସରକାର ଚାଷୀଙ୍କ ଶୋଭାଯାତ୍ରାକୁ ଅନୁମତି ଦେବାକୁ ମନା କରିବା ସହ ସେମାନଙ୍କୁ ଅଟକାଇବା ପାଇଁ ୪୦ କମ୍ପାନୀ ଫୋର୍ସ ନିଯୁକ୍ତ କରିଛନ୍ତି । ୫ ଜିଲ୍ଲାରେ ମୋବାଇଲ ଓ ଇଣ୍ଟନେଟ ସେବାକୁ ବନ୍ଦ କରାଯାଇଛି ।

## ତାଲିବାନ ବିରୋଧରେ ସରିନି ....

ମୁଖପାତ୍ର ଘୋଷଣା କରିଥିଲେ । ସେମାନେ ପଂଜଶୀରକୁ କବ୍ଜା କରିବାରେ ସଫଳ ହୋଇଛନ୍ତି । ଆଉ ଯଦି କେହିବି ତାଲିବାନ ବିରୋଧରେ ବନ୍ଧୁକ ଉଠାଏ ତାହାଲେ ସେମାନଙ୍କ ଅବସ୍ଥା ପଂଜଶୀର ଭଳି ହେବ ବୋଲି କହିଥିଲେ ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ । ପଂଜଶୀର ଉପରେ ପାକିସ୍ତାନ ଡ୍ରୋନ୍ ଏବଂ ଯୁଦ୍ଧ ବିମାନରେ ଆକ୍ରମଣ କରିଥିଲା । କୁହାଯାଉଛି ନର୍ଦନ ଆଲିଆନ୍ସର ମୁଖପାତ୍ର ଫାହିମ ଦସ୍ତିଙ୍କ ସାଟେଲାଇଟ୍ ଫୋନ୍ ଅନ୍ ଥିଲା, ସେ ବିବିସିକୁ ସାକ୍ଷାତ୍କାର ଦେଉଥିଲେ । ଏହି ସମୟରେ ଫାହିମ୍‌ଙ୍କୁ ଟାର୍ଗେଟ କରିଥିଲା ପାକ୍ ଡ୍ରୋନ୍ । ଏହି ଘଟଣା ପଂଜଶୀରରେ ପାକ୍ ବିରୋଧରେ ପ୍ରତିବାଦକୁ ଦାନା ଦେଇଛି । ପଂଜଶୀରରେ ପାକିସ୍ତାନର ଡ୍ରୋନ୍ ଆଟାକ୍ ନେଇ ମାସୁଦ୍ ବି ଅଭିଯୋଗ ଆଣିଛନ୍ତି । ଆଉ ମାସୁଦ୍‌ଙ୍କ କଥାରେ ପାକ୍ ବିରୋଧରେ ନାରାବାଜୀ କରିଛନ୍ତି ପଂଜଶୀର ବାସି । ଏହାରି ଭିତରେ ତାଲିବାନକୁ କଡ଼ା ଟକ୍କର ଦେବାପାଇଁ ମଙ୍ଗଳବାର ତାଲିବାନ ଅଡ୍ଡା ଉପରେ କରାଯାଇଛି ଏୟାରଷ୍ଟ୍ରାଇକ୍ । ତେବେ ଏହି ଏୟାରଷ୍ଟ୍ରାଇକ୍ ପାଇଁ ବିଦ୍ରୋହୀ ସେନାକୁ କିଏ ସାହାଯ୍ୟ କରିଛି ସେନେଇ ଏବେ ସୁଦ୍ଧା ସୂଚନା ମିଳିନି ।

## କରୋନାର ଲକ୍ଷଣ ଥିଲେ ସ୍କୁଲ....

ଅଛି ଆଉ କେତେ ଗୁରୁତର ହୋଇଛନ୍ତି । ସେ କହିଛନ୍ତି ଯେ ଏଥି ପାଇଁ ଅଲଗା ବାଟ କିଛି ନାହିଁ କେବଳ ସର୍ଭିଲାନ୍ସ କଡ଼ାକଡ଼ି କରିବାକୁ ପଡ଼ିବ । କେଉଁଠି କୋଭିଡ କଟକଣା ଢିଲା ହୋଇଛି କି ତାକୁ ଦେଖିବାକୁ ପଡ଼ିବ । ସ୍କୁଲକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଯଦି କାହା ପାଖରେ କରୋନାର ଲକ୍ଷଣ ରହୁଛି, ସେହି ଛାତ୍ରଛାତ୍ରୀମାନେ ସ୍କୁଲ ନ ଆସନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

## ୨ ସ୍କୁଲର ୩୪ ପିଲା....

ଏହି ସଂକ୍ରମଣ ଖବର ଆସିବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଆଶ୍ୱସ୍ତିର ବିଷୟ ହେଉଛି, କରୋନା ସଂକ୍ରମିତ ହୋଇଥିବା କୌଣସି ପିଲା ଗୁରୁତର ହୋଇନାହାନ୍ତି । ଅର୍ଥାତ ପିଲାମାନେ ଘରେ ସଙ୍ଗରୋଧରେ ଅଛନ୍ତି । ଏବଂ କାହାକୁ ହସ୍ପିଟାଲକୁ ଯିବାକୁ ପଡିନି । ସ୍କୁଲରୁ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଦୁଇ ସ୍କୁଲକୁ ସିଲ୍ କରି ଦିଆଯାଇଛି । ଏବଂ ସ୍ଥିତିକୁ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ । ସ୍କୁଲ ପିଲା କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଆଗରୁ ପିଲାଙ୍କୁ ସଂକ୍ରମଣ ବଢ଼ିବା ନେଇ ଆଶଙ୍କା କରାଯାଉଥିଲା । ଏବେ ସଂକ୍ରମଣ ବଢୁଛି କିନ୍ତୁ କେତେ ଜଣଙ୍କ ପାଖରେ ଲକ୍ଷଣ ଅଛି ଆଉ କେତେ ଗୁରୁତର ହେଉଛନ୍ତି ତାହା ଦେଖିବାକୁ ପଡିବ । ସେହିପରି ପିଲାଙ୍କୁ ଥଣ୍ଡା ଜ୍ୱର ଥିଲେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅଭିଭାବକ ଅବଗତ କରିବାକୁ ପରାମର୍ଶ ଦେଇଛନ୍ତି ଡିଏମଇଟି ।

# ଆଇନଜୀବୀ ଅଲେଖ ଦାସଙ୍କ ପରଲୋକ



ବାଲେଶ୍ୱର,୦୭/୦୯ (ନି.ପ୍ର): ବ୍ୟାଙ୍କ କର୍ମଚାରୀ ମହାସଂଘର ପୂର୍ବତନ ରାଜ୍ୟସ୍ତରୀୟ କର୍ମକର୍ତ୍ତା ତଥା ବରିଷ୍ଠ ଆଇନଜୀବୀ ଅଲେଖ ଦାସଙ୍କର ୭୬ ବର୍ଷ ବୟସରେ ସୋମବାର ପରଲୋକ ହୋଇଯାଇଛି । ସେ ଗତ କିଛି ଦିନ ଧରି ମଧୁମେହ ଓ ସ୍ନାୟୁ ରୋଗରେ ପୀଡ଼ିତ ଥାଇ ଘରେ ଚିକିତ୍ସିତ ହେଉଥିଲେ । ସୋମବାର ଅପରାହ୍ଣରେ ହଠାତ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୭:୨୦ ବେଳେ ସେ ଇହଧାମ ପରିତ୍ୟାଗ କରିଛନ୍ତି । ପତ୍ନୀ ପୁଷ୍ପଲତା ମହାନ୍ତିଙ୍କ ସମେତ ବଡ଼ ପୁଅ ପାର୍ଥ ସାରଥ ଦାସ, ପୁତ୍ରବଧୂ ଓ ସମ୍ପର୍କୀୟମାନେ ତାଙ୍କ ନିକଟରେ ଉପସ୍ଥିତ ଥିଲେ । ରାଜ୍ୟ ବାହାରେ ରହୁଥିବା ତାଙ୍କର ସାନ ପୁଅ ପ୍ରିୟବ୍ରତ ଓ ବୋହୂ ଘରେ ପହଞ୍ଚିବା ପରେ ମଙ୍ଗଳବାର ଅପରାହ୍ନରେ ଏକ ଶୋକାକୁଳ ପରିବେଷରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତେବେ ତାଙ୍କର ମୃତ୍ୟୁ ଖବର ପ୍ରଚାର ହୋଇଯିବା ପରେ ବନ୍ଧୁବାନ୍ଧବ, ସାଥୀ ସହୋଦର, ଜ୍ଞାତି କୁଟୁମ୍ବଙ୍କ ସମ୍ପର୍କୀୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଲଗାଣ ବର୍ଷା ସତ୍ତ୍ୱେ ସେଲ ଟ୍ୟାଙ୍କ କଲୋନିସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଅଲେଖ ଦାସ ୧୯୪୮ ମସିହା ଫେବୃୟାରୀ ୨ତାରିଖରେ ଖଇରା ବ୍ଲକ ସହିଦନଗର ସଲମାଗଡ଼ିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଫକୀର ମୋହନ ମହାବିଦ୍ୟାଳୟରୁ ସ୍ନାତକ ଓ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ସେ 'ବ୍ୟାଙ୍କ ଅଫ ଇଣ୍ଡିଆ'ରେ କାର୍ଯ୍ୟାରମ୍ଭ କରିଥିଲେ । ଚାକିରି କାଳ ମଧ୍ୟରେ ସିପିଆଇଏମର ଜଣେ ସକ୍ରିୟ ସଦସ୍ୟ ଥାଇ ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଭାବେ ବେଶ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ । ଅଶି ଦଶକର ଶେଷ ଭାଗରେ ଚାକିରିରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ରାଜନୀତିରେ ପାଦ ଦେଇଥିଲେ ସେ । ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷ ପଦ ପାଇଁ ତପନ ଚକ୍ରବର୍ତ୍ତୀଙ୍କ ସହ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିଲେ । ପରବର୍ତ୍ତୀ ସମୟରେ ବିଜେଡିରେ ଯୋଗଦାନ କରି ବାଲେଶ୍ୱରରେ ଅତିରିକ୍ତ ସରକାରୀ ଓକିଲ(ଏପିପି) ଭାବେ କାର୍ଯ୍ୟ କରିଥିଲେ ।

ବାଲେଶ୍ୱର ବୁଧବାର, ୦୮ ସେପ୍ଟେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮


# ବସ୍ତି ସର୍ଭେକ୍ଷଣ ତାଲିକାରେ ନାମ ଅନ୍ତର୍ଭୁକ୍ତ ଦାବିରେ ବିକ୍ଷୋଭ

ପୁରୀ,୦୭/୦୯ (ନି.ପ୍ର): ପୌରାଞ୍ଚଳ ବସ୍ତି ସର୍ଭେକ୍ଷଣ ତାଲିକାରେ ନାମ ଅନ୍ତର୍ଭୁକ୍ତ ଦାବିରେ ଧୋବାଖାଲ ଅଞ୍ଚଳର ବିଜୁ ନଗର ବସ୍ତି,ମା' ତାରିଣୀ ବସ୍ତି ଓ ମା' ହରଚଣ୍ଡି ବସ୍ତିର ବାସିନ୍ଦାମାନେ ମଙ୍ଗଳବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସପ୍ତାହକ ମଧ୍ୟରେ ନ୍ୟାୟ ନମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ରାଜରାସ୍ତାରେ ସବୁବସ୍ତିବାସିନ୍ଦା ଗଣଧାରଣା ଦେବେ ବୋଲି ଚେତାଇ ଦେଇଛନ୍ତି। ରାଜେଶ ନନ୍ଦ,ପି ଚନ୍ଦ୍ରରାଓ,କ୍ରୀଷ୍ଣା ରେଡ୍ଡି,ରାମୁ ରେଡ୍ଡି,ରାଜେଶ ସାହୁ, ସଂଜୀବ କୁମାର ମୁଖାର୍ଜୀ ଓ ଅନୀତା ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ନଗର ବସ୍ତି,ମା' ତାରିଣୀ ବସ୍ତି ଓ ମା' ହରଚଣ୍ଡି ବସ୍ତିର ଶତାଧିକ ପୁରୁଷ ଓ ମହିଳା ଆଜି ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ସମୟରେ ଆନ୍ଦୋଳନକାରୀମାନେ 'ଆମର ଦାବି ଜିଲ୍ଲାପାଳ ତୁମେ ମାନିନିଅ', 'ବସ୍ତିବାସିନ୍ଦାଙ୍କୁ ସୁରକ୍ଷାଦେବା ଆମର ଦାବି', 'ବସ୍ତି ବାସିନ୍ଦାଙ୍କ ମୌଳିକ ସୁରକ୍ଷା ଆମର ଦାବି', 'ଆଗବାସ ପରେ ଚାଷ' ଆଦି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ବସ୍ତିସର୍ଭେକ୍ଷଣ ତାଲିକାରୁ ସେମାନଙ୍କ ନାମ ବାଦ ଦିଆଯାଇଛି ବୋଲି ଆନ୍ଦୋଳନକାରୀ ନେତାମାନେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁ ରାଜେଶନନ୍ଦଙ୍କ ନେତୃତ୍ୱରେ ବସ୍ତିବାସିନ୍ଦାଙ୍କ ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଦର୍ଶାଇଛନ୍ତି ପେଣ୍ଠକଟା ୩୧ ନମ୍ବର ୱାର୍ଡ଼ ଆଇଟିଆଇ ଧୋବାଖାଲ ଅଞ୍ଚଳରେ ଗତ ୧୫ ବର୍ଷ ଧରି ବସବାସ କରିଆସୁଥିଲେ ମଧ୍ୟ ପୌରାଞ୍ଚଳ ବସ୍ତି ସର୍ଭେକ୍ଷଣ ତାଲିକାରୁ ସେମାନଙ୍କୁ ବାଦ୍ ଦିଆଯାଇଛି । ଏସମ୍ପର୍କରେ ସେମାନେ ଗତ ଜୁଲାଇ ୨୯ ତାରିଖରେ ଓ ପରେ ଗତ ଅଗଷ୍ଟ ୧୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ କୌଣସି ନ୍ୟାୟ ମିଳିନାହିଁ। ତୁରନ୍ତ ଅନୁଧ୍ୟାନ କରି ନ୍ୟାୟ ପ୍ରଦାନ ଲାଗି ସେମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ଶକ୍ତିମାନ କୃଷି ଉପକରଣର ବଜାର ପ୍ରବେଶ

ବାଲେଶ୍ୱର,୦୭/୦୯ (ନି.ପ୍ର): ଦେଶର ଅଗ୍ରଣୀ କୃଷି ଉପକରଣ ନିର୍ମାତା 'ତାର୍ଥ ଆଗ୍ରୋ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ' ପକ୍ଷରୁ ଶକ୍ତିମାନ ପ୍ୟାଡି ସଲ୍ୟୁସନ ପ୍ରଡକ୍ଟ ମଙ୍ଗଳବାର ବାଲେଶ୍ୱରରେ ବଜାର ପ୍ରବେଶ କରିଛ। ନୋସି ବିଜିନେସ ପାର୍କ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ସର୍ବ ଭାରତୀୟ ବ୍ୟବସାୟିକ ମୁଖ୍ୟ ଦୀନେଶ ବଶିଷ୍ଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆ ଉପକରଣକୁ ଅନାବରଣ କରିବା ସହ କୃଷି ଉପକରଣ ନିର୍ମାଣ କ୍ଷେତ୍ରରେ ଶକ୍ତିମାନର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି କୃଷକମାନଙ୍କୁ ବିହନ ପ୍ରସ୍ତୁତି, ବିହନ ବୁଣିବା ଏବଂ ରୋପଣ, ଫସଲ ରକ୍ଷଣାବେକ୍ଷଣ, ଧାନ ପାଇଁ ସ୍ୱତନ୍ତ୍ର ରୋଟାଭେଟର ଧାନମିତ୍ରମ ଠାରୁ ଆରମ୍ଭ କରି ଅବଶିଷ୍ଟ ଫସଲ ପରିଚାଳନା ଓ ଅମଳ ପାଇଁ ସମସ୍ତ ପ୍ରକାର ଉତ୍ପାଦ ଏହି କମ୍ପାନି ଯୋଗାଉଥିବା ସେ କହିଥିଲେ। ସେ ଆହୁରି କହିଥିଲେ କି ଶକ୍ତିମାନ ଘରୋଇ ତଥା ବିଦେଶ ବଜାରରେ ୫୦ ପ୍ରତିଶତରୁ ଅଧିକ ବଜାର ଅଂଶଧନ ସହ ଏକ ଦୃଷ୍ଟାନ୍ତମୂଳକ ଉପସ୍ଥିତି ବଜାୟ ରଖିବାରେ ସକ୍ଷମ ହେଇଛି। ସମ୍ପ୍ରତି ଶକ୍ତିମାନ ଉତ୍ପାଦଗୁଡିକ ୯୦ ଗୋଟି ଦେଶକୁ ରପ୍ତାନି ହେଉଛି ବୋଲି ସେ ପ୍ରକାଶ କରିଥଲେ। କମ୍ପାନୀର ବିକ୍ରୟ ମୁଖ୍ୟ ରବି ମାଥୁର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ତାର୍ଥ ଏଗ୍ରୋ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡର ବିଭିନ୍ନ ଉତ୍ପାଦ ସମ୍ପର୍କରେ ସୂଚନା ଦେଇଥିଲେ। ଶକ୍ତିମାନ ଆଗାମୀ ପିଢି ପାଇଁ କୃଷି ସୁନିଶ୍ଚିତ କରିବା ଉପରେ ବିଶ୍ୱାସ ରଖିବା ସହ କୃଷି କାର୍ଯ୍ୟକୁ ସହଜ କରିବା ପାଇଁ ବିଭିନ୍ନ ଉତ୍ପାଦ ଆରମ୍ଭ କରିଥିବା ସେ କହିଥିଲେ। ଓଡ଼ିଶାରେ ଶକ୍ତିମାନ ଉତ୍ପାଦର ଅଧିକୃତ ବିକ୍ରେତା 'ଫେଆରଡିଲ ଏଗ୍ରୋଟେକ'ର ମୁଖ୍ୟ ଶିବୁ ପୋଦାର ଏଥିରେ ଅଧ୍ୟକ୍ଷତା କରିବା ସହ ଶକ୍ତିମାନ କୃଷି ଉପକରଣ ପାଇଁ ଓଡିଶା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବା ପ୍ରକାଶ କରିଥଲେ। ଓଡ଼ିଶାର କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସରକାରଙ୍କ ଉଦ୍ୟମ ସହ ସାମିଲ ହୋଇ କମ୍ପାନି ଆଜି ଗର୍ବିତ ବୋଲି ସେ କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ, କୃଷି ବୈଜ୍ଞାନିକ ପ୍ରଦୀପ କୁମାର ବେହେରା ଓ ନୀରଜ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୃଷି କ୍ଷେତ୍ରରେ ବୈପ୍ଳବିକ ଉନ୍ନତି ପାଇଁ ଶକ୍ତିମାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଫେଆରଡିଲ ଏଗ୍ରୋଟେକର ନିର୍ଦ୍ଦେଶକ ମୋହିତ ପୋଦାର କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ଶକ୍ତିମାନର ବହୁ ଡିଲର ଓ ଅଗ୍ରଣୀ କୃଷକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଏଲଆଇସି ବାଲେଶ୍ୱର ଶାଖା ପକ୍ଷରୁ ବୀମା ସପ୍ତାହ ଉଦ୍‌ଯାପିତ



ବାଲେଶ୍ୱର,୦୭/୦୯ (ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖା ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ୬୫ତମ ବୀମା ସପ୍ତାହ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଶାକା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବୀମା କ୍ଷେତ୍ରରେ ସମଗ୍ର ଦେଶ ପାଇଁ ଏଲଆଇସିର ଅବଦାନ ସର୍ବାଗ୍ରେ ବୋଲି କହିଥିଲେ। ଆଗାମୀ ଦିନରେ ବି ଏହା ଜାରି ରହିବ ବୋଲି ଶ୍ରୀ ମହାପାତ୍ର ଆଶା ପ୍ରକାଶ କରିଥିଲେ। ଦୈନିକ ସମ୍ବାଦପତ୍ର 'ପ୍ରମେୟ'ର ବାଲେଶ୍ୱର ମୁଖ୍ୟ ସତ୍ୟଶିବ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ମାନବ ଜୀବନ ପାଇଁ ବୀମାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଜୀବନ ବୀମା କାର୍ଯ୍ୟକୁ ସେ ଚନ୍ଦନର ବାସ୍ନା ଏବଂ ଆଖୁରସର ମିଠା ସହ ତୁଳନା କରିଥିଲେ। ଜୀବନ ବୀମା ନିଗମର ବାଲେଶ୍ୱର ଶାଖା ପ୍ରବନ୍ଧକ ସବ୍ୟସାଚୀ ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହିତ ବୀମା କ୍ଷେତ୍ରର ବିଭିନ୍ନ ଦିଗ ଓ ବ୍ୟବସାୟର ଉତ୍କର୍ଷତା ସମ୍ପର୍କରେ ସୂଚନା ଦେଇଥିଲେ। ଶାଖାର ପ୍ରଶାସନିକ ଅଧିକାରୀ ଆନନ୍ଦାନନ୍ଦ ବେହେରା ସର୍ବଭାରତୀୟ ସ୍ତରରେ ଏଲଆଇସିର ସ୍ଥିତି ସମ୍ପର୍କରେ କହିଥିଲେ। କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଅଶୋକ କୁମାର ବେହେରା ବକ୍ତବ୍ୟ ପ୍ରଦାନ କରି ଜୀବନ ବୀମାର ସାମ୍ପ୍ରତିକ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ବରିଷ୍ଠ ଜୀବନ ବୀମା ଅଧିକର୍ତ୍ତା ବିପ୍ଳବ କୁମାର ମହାନ୍ତି ବକ୍ତବ୍ୟ ପ୍ରଦାନ କରି ସଂଚୟ ଓ ବୀମା ଉଭୟକୁ ବିଚାର କଲେ ଜୀବନ ବୀମାର ତୁଳନା ନାହିଁ ବୋଲି କହିଥିଲେ। ଆଗାମୀ ଦିନରେ ଜୀବନ ବୀମା ଆହୁରି ଉନ୍ନତି କରି ଜନସାଧାରଣଙ୍କ ଅଧିକ ପ୍ରିୟଭାଜନ ହୋଇପାରିବ ଏବଂ ବାଲେଶ୍ୱରଠାରେ ଜୀବନ ବୀମାର ଡିଭିଜନ କାର୍ଯ୍ୟାଳୟ ନିଶ୍ଚିତ ପ୍ରତିଷ୍ଠା ହେବ ବୋଲି ଶ୍ରୀ ମହାନ୍ତି ଦୃଢ଼ଆଶା ପ୍ରକାଶ କରିଥିଲେ। ବୀମା ସପ୍ତାହ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥି ସହିତ ଅବସରପ୍ରାପ୍ତ କର୍ମଚାରୀ ମହେଶ ଚନ୍ଦ୍ର ମହାପାତ୍ର ଓ କୃଷ୍ଣବନ୍ଧୁ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୀତାମ୍ବର ଦାସ ଓ ଅଶୋକ କୁମାର ବେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସୁଶ୍ରୀ ସସ୍ମିତା ଦାସ, ଅରୁଣ ଦାସ, ବାଇଧର ସିଂ, କାର୍ତ୍ତିକ ମିଶ୍ର, କାର୍ତ୍ତିମ ଚାନ୍ଦ, ବରିଷ୍ଠ ଅଭିକର୍ତ୍ତା କୌଶିକ ପଣ୍ଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ବସନ୍ତ କୁମାର ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିରରେ ବସ୍ତ୍ରହରଣ ଲୀଳା ସଂପନ୍ନ

ପୁରୀ,୦୭/୦୯ (ନି.ପ୍ର): ଆଜି ସପ୍ତପୁରୀ ଅମାବାସ୍ୟା ଅବସରରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ଶ୍ରୀମନ୍ଦିରରେ ବସ୍ତ୍ରହରଣ ଲୀଳା ସଂପନ୍ନ ହୋଇଛି। ଶ୍ରୀଜିଉମାନଙ୍କ ଅବକାଶ ନୀତି ସଂପନ୍ନ ହେବା ପରେ ବିଗ୍ରହମାନଙ୍କୁ ବେଶ କରାଯାଇଥିଲା । ବେଶରେ ଗୋପାଳବଲ୍ଲଭ ପୂଜା ଶେଷ ହେବା ପରେ ଭିତରେ ପାଣିପଡି ଟେରାବନ୍ଧା ହୋଇ ସକାଳଧୂପ ସହ ସାତପୁରୀ ଭୋଗ ରୋଷରୁ ଘଣ୍ଟ, ଛତା, କାହାଳୀ ସହ ତଳୁଛ ଓ ପ୍ରଧାନୀ ପଟୁଆରରେ ଛାମୁକୁ ଆସିଥିଲେ । ମୁଦିରସ୍ତ ପ୍ରସାଦ ଲାଗି ଓ ପୂଜାପଣ୍ଡା ଷୋଡଶ ଉପଚାରରେ ଭୋଗ ମଣୋହି କରିଥିଲେ । ଭିତର ଆଳତୀ ଶେଷ ହେବା ପରେ ପୂଜାପଣ୍ଡା, ପତି ଓ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ପାଣିପଡି ଅମାବାସ୍ୟା ନାରାୟଣ ମୂର୍ତ୍ତି ଆଜ୍ଞାମାଳ ପାଇ ସାଗର ବିଜେ କରିଥିଲେ । ସନ୍ଧ୍ୟାଧୂପ ଶେଷ ହେବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ ଓ ଆଜ୍ଞାମାଳ ପାଇ ଉତ୍ତରପାର୍ଶ୍ୱରେ ଥିବା ନାଟପା ମନ୍ଦିର ଖଟ ଉପରେ ବିଜେ ହୋଇଥିଲେ । କାଳୀକାଦେବୀ ସାହିର ଲୋକମାନେ ମଦନମୋହନଙ୍କ ଶ୍ରୀଛାମୁରେ ବସ୍ତ୍ରହରଣ ପ୍ରସ୍ତାବ କରିଥିଲେ । ଶୀତଳ ଭୋଗ ଓ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀ ଘରକୁ ବାହୁଡା ବିଜେ କରିଥିଲେ।

# ୫ଫୁଟ ଲମ୍ବର ଚନ୍ଦ୍ରମଣ୍ଡଳ ବୁଢ଼ା ସାପ ଉଦ୍ଧାର



ନୀଳଗିରି,୦୭/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଜୁରିଆପାଟଣା ଗ୍ରାମର ରଘୁନାଥ ମଲ୍ଲିକଙ୍କ ଘର ବାଡ଼ିରେ ଘେରାଉ କରାଯାଇଥିବା ଜାଲରେ ଏକ ଚନ୍ଦ୍ରମଣ୍ଡଳ ବିଷଧର ବୁଢ଼ା ସାପ ପଡ଼ିଯାଇ ଛଟପଟ ହେଉଥିଲା । ପାଖ ଲୋକେ ଦେଖି କୁଲଡିହା ଅଭୟାରଣ୍ୟ ତଥା ପଞ୍ଚଲିଙ୍ଗେଶ୍ୱର ଟୁରିଷ୍ଟ ଗାଇଡ ତଥା ପକ୍ଷୀ ବିଶେଷଜ୍ଞ ମନୋରଂଜନ ଦାସ ଙ୍କୁ ଡକାଇଥିଲେ । ଶ୍ରୀ ଦାସ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ଘଞ୍ଚ ଜଙ୍ଗଲରେ ଛାଡ଼ି ଦିଆଯାଇଛି ।ସୂଚନା ଥାଉକି ଉକ୍ତଗ୍ରାମଟି ଦେବଗିରି ପାହାଡ଼ ପାଦଦେଶ ତଳେ ଅବସ୍ଥିତ ଥିବାରୁ ଏବଂ ଲଘୁଚାପ ଜନିତ ବର୍ଷା ଯୋଗୁଁ ଏପରି ଭାବେ ବହୁ ବିଷଧର ସାପ ଘରବାଡ଼ିରେ ପଶୁଥିବା ଯୋଗୁଁ ଉକ୍ତ ଅଞ୍ଚଳରେ ଭୟଙ୍କର ବାତାବରଣ ସୃଷ୍ଟି କରିଛି । ଏବଂ ମାୟାଧର ପଣ୍ଡା ଉପସ୍ଥିତ ରହି ସାପ ଧରାରେ ସହଯୋଗ କରିଥିଲେ ।

# ସ୍ୱାଭାବିକ ବୃଷ୍ଟିପାତ ପାଇଁ ବାଥୁଡି ସମ୍ପ୍ରଦାୟର 'ପାଣି ମଗା' ପୂଜା



ବାରିପଦା,୦୭/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ଠିକ ସମୟରେ ବର୍ଷା ନହେବାରୁ ଅନେକ ସ୍ଥାନରେ ଧାନ ବିଲ ସବୁ ଫାଟି ଆଁ କଲାଣି । ତେବେ ଏପରି ସ୍ଥିତିରେ ରରୁଆଁ ବ୍ଲକ ଟିଙ୍ଗିରିଆ ଗ୍ରାମର ବାଥୁଡି ସମ୍ପ୍ରଦାୟର ଲୋକ ମାନେ ବର୍ଷା ପାଇଁ ପାରମ୍ପରିକ 'ପାଣି ମଗା' ପୂଜା କରି ଥିବାର ଦେଖାଯାଇଛି । ଗ୍ରାମର ବଡାମଶାଳରେ କୋଭିଡ କଟକଣା ମଧ୍ୟରେ ନିରାଡମ୍ବର ଭାବରେ ଗ୍ରାମର ଦେହୁରୀ ସୁଶାନ୍ତ ବାଘଯୋଡ଼ିଆ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରି ଥିଲେ । ଗ୍ରାମର ମହିଳା ପୁରୁଷ ମାନେ ଉପସ୍ଥିତ ହୋଇ ପାରମ୍ପରିକ ପୋଷାକରେ ପୂଜାରେ ଭାଗ ନେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଚାଷ ବେଳେ ବର୍ଷାର ଅଭାବ ଦେଖାଦେଲେ ଉପଯୁକ୍ତ ପରିମାଣର ବର୍ଷା ପାଇଁ ବାଥୁଡି ସମ୍ପ୍ରଦାୟର ଲୋକ ମାନେ ଗ୍ରାମର ବଡାମ ଶାଳରେ ପାରମ୍ପାରିକ ରିତିରେ 'ପାଣି ମଗା' ପୂଜା କରିଥାନ୍ତି । ଲୋକମାନେ ଏକତ୍ରିତ ହୋଇ ପୂଜା କରିବା ସହ ବଡାମ ଶାଳରେ ଅଧିଆ ପଡନ୍ତି । ଦେହୁରୀ ପ୍ରଥମେ କାଦୁଅ ମିଶା ପାଣିରେ ଏବଂ ପରେ ପୋଖରୀରୁ ଅଣାଯାଇ ଥିବା ପବିତ୍ର ପାଣି ରେ ବଡାମ୍ ଠାକୁର ଙ୍କୁ ସ୍ନାନ କରାନ୍ତି । ବଡାମ୍ ଠାକୁରଙ୍କୁ ପାଣିରେ ସ୍ନାନ କରାଯାଉ ଥିବାରୁ ଏ ପରମ୍ପରା କୁ ' ଦେବତା ମାଜଣା' ମଧ୍ୟ କୁହାଯାଏ । ପୂଜା ପରେ ଲୋକେ ଚାଙ୍ଗୁ ବାଦ୍ୟର ତାଳେ ତାଳେ ନାଚିବା ସହ ପରସ୍ପର ମଧ୍ୟ ରେ କାଦୁଅ ବୋଳାବଳି ହୋଇ ଥାନ୍ତି । ଲୋକ ପରମ୍ପରା ରେ ବିଶ୍ୱାସ ରହିଛି ଯେ ଏଭଳି କାଦୁଅ ବୋଳି ହେଲେ ବଡାମ ଠାକୁର ପ୍ରସନ୍ନ ହୋଇ ଗ୍ରାମବାସୀ ଙ୍କ ଦେହ ଧୋଇବା ପାଇଁ ମୁଷଳ ଧାରରେ ବର୍ଷା କରାଇ ଥାନ୍ତି ବୋଲି ବିଶ୍ୱାସ ରହିଛି ।

## ରାଜଧାନୀରେ ୨୪ ଘଂଟାରେ ୨୨୬ ପଜିଟିଭ୍

ଭୁବନେଶ୍ୱର,୦୭/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୨୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୭୮ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୪୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ ମାମଲା ମଧ୍ୟରୁ ପଟିଆରୁ ସର୍ବାଧିକ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୩ ଜଣ, ରସୁଲଗଡ ଓ ପୋଖରୀପୁଟରୁ ୯ ଜଣ ଲେଖାଏଁ, ନୟାପଲ୍ଲୀ , ଓଲ୍ଡ ଟାଉନ୍ , ୟୁନିଟ୍ ୮ , ସୁନ୍ଦରପଦା ଓ ସହୀଦନଗରରୁ ୮ ଜଣ ଲେଖାଏଁ , ସାମନ୍ତରାପୁରରୁ ୫ ଜଣ, ଶୈଳଶ୍ରୀବିହାର, ଲକ୍ଷ୍ମୀସାଗର ,ଟଙ୍କପାଣିରୋଡ୍ , ଝାରପଡା, ଭୀମଟାଙ୍ଗୀ , ୟୁନିଟ ୯ ଓ ଜଗନ୍ନାଥନଗର ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୩୧୧ କୁ ବୃଦ୍ଧି ପାଇଛି।

# ଆଧୁନିକ ପ୍ରଣାଳୀରେ କୃଷକ ମାନଙ୍କୁ ଚାଷ କରିବାର କର୍ମଶାଳା




ବସ୍ତା,୦୭/୦୯ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଂଚାୟତ ଲକ୍ଷଣାପଡ଼ା ୧୯ ନମ୍ବର ୱାର୍ଡ ରେ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି କୃଷକ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇ ଅଛି କ୍ଷ ଗ୍ରାମ କୃଷି କର୍ମଚାରୀ ପ୍ରଦୀପ କୁମାର ବେହେରା ଙ୍କ ତତ୍ତ୍ୱାବ ଧାନରେ ଅନୁଷ୍ଠିତ ଶିବିରରେ ବୈଜ୍ଞାନିକ ଡ଼. ଗାୟତ୍ରୀ ସାହୁ,ଯୋଗ ଦେଇ ଅଳ୍ପ ଖର୍ଚ୍ଚରେ କିଭଳି ଭାବେ ଅଧିକ ଅମଳକ୍ଷମ କରିପାରିବେ ଓ ରୋଗ ପୋକ ଦମନ କରିବାସହିତ ଗଛ ଗୁଡିକୁ ନିରୋଗ ପାଇଁ ଔଷଧ ବ୍ୟବହାର କରିବା ପଦ୍ଧତି ବିଷୟରେ ବୁଝାଇଥିଲେ । ସେହିପରି ବୈଜ୍ଞାନିକ ପ୍ରଭାମଞ୍ଜରୀ ଗିରି ଯୋଗଦେଇ ଧାନ ପନିପରିବା ଓ ଡାଲୁଅ ପସଲ ମୁଗ, ବିରି, ସମ୍ବନ୍ଧରେ କିଭଳିଭାବେ ପୋକ ଦାଉରୁ ଫସଲ ରକ୍ଷା ପାଇବତାର ପ୍ରୟୋଗ ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଭୂୟାଁ,ଗକୁଳ ଜେନା, ଅନିରୁଦ୍ଧ ଆଇଚ, ବିଦ୍ୟଧକ୍ଷର ଆଇଚ, ଅର୍ଜୁନ ସିଂହ, ଦାମୋଦର ସିଂ, ବିମଲସିଂ, ସରୋଜ ସିଂ, ଅଭୟସିଂ, ଗୋପାଳ ଜେନା, ମାୟାଧର ବେହେରା, ରବିନ୍ଦ୍ର ବେହେରା, ଅଶ୍ଚୁତାନନ୍ଦ ଦେ, ନରେନ୍ଦ୍ର ପାତ୍ର, ଲକ୍ଷ୍ମୀ ପାତ୍ର, ଦାମ ବେହେରା, ଗୌର ମୋହନ ଭୂୟାଁ, ଗୋପାଳ ବେହେରା, ସସ୍ମିତା ଦାସ, ଜୟନ୍ତୀ ବେହେରା, ବାସନ୍ତୀ ଭୂୟାଁ, ସୁମତୀ ପାତ୍ର, ପୁଷ୍ପରଞ୍ଜନା ଦାସ, ପୁଷ୍ପାଞ୍ଜଳୀ ଦାସ, ପାର୍ବତୀ ପାତ୍ର, ରଞ୍ଜୁ ପାତ୍ର ପ୍ରମୁଖ ମହିଳା ଓ ପୁରୁଷ ୧୦୦ ରୁ ଉର୍ଦ୍ଧ ଚାଷୀ ଉପସ୍ଥିତ ଥିଲେ କୃଷକ ସାଥୀ ସୁଭେନ୍ଦୁ ଦାସ ଧନ୍ୟବାଦ ଯଣାଇଥିଲେ ।

# ଯୋଗ ଆଶ୍ରମ ରେ ଦୁଇ ଯୋଗଗୁରୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ବସ୍ତା,୦୭/୦୯ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଦିବଂଗତ ଦୁଇ ଯୋଗଗୁରୁ ଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଆଶ୍ରମର ପ୍ରତିଷ୍ଠାତା ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ୧୩ ତମ ଓ ଆଧାତ୍ମିକ ଗୁରୁ ସାଧନା-ସିଦ୍ଧ -ସାଧକ ମୁନି ଶିରୋମଣି ଋହ୍ୟାଜୀ ମହାରାଜଙ୍କର ୧୪ ତମ ବାର୍ଷିକ ଶ୍ରଦ୍ଧାଞ୍ଜଳୀ ସଭା ରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ । ଯୋଗୀ ଅନନ୍ତ ପ୍ରଧାନ ଏହି ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ମୁନୀରତ୍ନ ଯୋଗୀ ତ୍ରୀଲୋଚନ ସାହୁ ଓ ମୁଖ୍ୟ ବକ୍ତା ଯୋଗୀ ଚିତ୍ତରଞ୍ଜନ ଭୂୟାଁ ଯୋଗ ଦେଇ ସେମାନଙ୍କ ଜୀବନାଦର୍ଶ ସମ୍ପର୍କ ରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗୀ ମନ୍ମଥ ଆଇଚ, ଯୋଗଶିକ୍ଷୀକା କନକଲତା ଆଇଚ,ଯୋଗୀ ଭୀକାରୀ ଚରଣ ମିସ୍ତ୍ରୀ, ଯୋଗଶିକ୍ଷୀକା କଳ୍ପନା ମିସ୍ତ୍ରୀ, ବ୍ରହ୍ମିତ୍ ଯୋଗୀ ମୋହିମ ମୁନି,ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ପ୍ରମୁଖ ମଂଚାସୀନ ଥିଲେ। ଯୋଗଶିକ୍ଷିକା ମଞ୍ଜୁଲତା ବେହେରା ମୁନି ସଂଗୀତ ଗାନ କରିଥିଲେ । ବରିଷ୍ଠ ଯୋଗସାଧକ ପରମାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ମୁନିରାଙ୍କୀ ବିମଳା ଲେଙ୍କା ,ସୁମତୀ ଦଳାଇ,ବାସନ୍ତୀ ମହାଳୀକ, ଶକୁନ୍ତଳା ପରିଡ଼ା, ମୁନି ଅନାଦୀ ବାରିକ, ମୁନି ରଘୁନାଥ ବେହେରା, ମୁନି ଗୋରହରି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାର୍ଦ୍ଧକ୍ୟ ଜନିତ ଭିନ୍ନକ୍ଷମ ଚିକିତ୍ସା କେନ୍ଦ୍ର ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟିତ



ବାରିପଦା,୦୭/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ତରଫରୁ ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ ଥରପାଇଁ ବାର୍ଦ୍ଧକ୍ୟ ଜନିତ ଭିନ୍ନକ୍ଷମ ଚିକିତ୍ସା କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଦ୍ୱାରା ଆଜି ଉଦଘାଟିତ ହୋଇଯାଇଅଛି । ଜିଲ୍ଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ର ପରିସର ଠାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଆନୁଷ୍ଠାନିକ ବାବରେ ଯୋଗଦେଇ ଉଦଗାଟିତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଚିକିତ୍ସା କେନ୍ଦ୍ର କାର୍ଯ୍ୟକାରୀ ହେବାଦ୍ୱାରା ବିଶେଷ କରି ଜିଲ୍ଲାର ବରିଷ୍ଠ ନାଗରୀକ ମାନଙ୍କ ବାର୍ଦ୍ଧକ୍ୟ ଜନୀତ ସ୍ୱାସ୍ଥ୍ୟଗତ ସମସ୍ୟାର ଚିକିତ୍ସା ସେବା ତଥା ଫିଜିଓ ଥେରାପି ମାଧ୍ୟମରେ ସେବା ମାଗନାରେ ପାଇ ପାରିବେ ବୋଲି ପ୍ରକାଶ କରିଛନ୍ତି । ଏହି ଉଦଘାଟନି ସମାରୋହ ପାଳନ ଅବସରରେ ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କର ସମସ୍ୟା ଲାଘବ କରିବା ନିମନ୍ତେ ଜାତୀୟ ଟୋଲଫ୍ରି ଫୋନ ସେବା ନମ୍ବର ୧୪୫୬୭ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଅଛି । ଜିଲ୍ଲା ସାମାଜିକ ସୁରଖା ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି, କିନ୍ନର ଏସଏଚଜିଙ୍କୁ ଟ ୫୦,୦୦୦/- ଙ୍କାର ଆବର୍ତନ ପାଣ୍ଠି, ଦୁଇ ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଂଗ, ୧୦ ଜଣଙ୍କୁ ଶ୍ରବଣଯନ୍ତ୍ର, ୪ ଜଣଙ୍କୁ ହୁଇଲ ଚେୟାର, ୧୨ଜଣଙ୍କୁ ଟ୍ରାଇ ସାଇକେଲ, ୫ଜଣ ଦୃଷ୍ଟି ବାଧିତ ବ୍ୟକ୍ତିଙ୍କୁ ବ୍ଲାଇଣ୍ଡ ଷ୍ଟିକ, ଏବଂ ଜନୈକା ଦୃଷ୍ଟି ବାଧିତା ଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କରିବା ସହ ହିତାଧିକାରୀ ମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଆଗାମୀ ଦିନରେ ଜିଲ୍ଲାରେ ଥିବା ସମସ୍ତ ଦିବ୍ୟାଙ୍ଗ ଓ ବରଷ୍ଠ ନାଗରିକଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର ଯୋଗଦେଇ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ରୋଗ ର ଚିକିତ୍ସା ଓ ଏହାର ଥେରାପି ମାଧ୍ୟମରେ ନିରାକରଣ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରଡିଏସି ସଂସ୍ଥାର ସମ୍ପାଦକ ବିଜୟ କୁମାର ବେହେରା, ସଂପୃକ୍ତ ବିଭାଗର ସମସ୍ତ କର୍ମଚାରୀ, ତଥା ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତଥିଲେ । ଏହି ବାର୍ଦ୍ଧକ୍ୟ ଜନିତ ଭିନ୍ନକ୍ଷମ ଚିକିତ୍ସା କେନ୍ଦ୍ରର ପରିଚାଳନା ଦାୟିତ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରଡିଏସି, ବାରିପଦାଙ୍କୁ ନ୍ୟାସ୍ତ କରାଯାଇ ଥିବା ବେଳେ, ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଚିକିତ୍ସା କାର୍ଯ୍ୟ ସୁପରିଚାଳନା କରିବାକୁ ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନାରାୟଣ ବେହେରା ପରିଚାଳନା କରିଥିଲେ ।

# ଶିକ୍ଷାବିତ ସୁଦର୍ଶନ ନାୟକଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,୦୭/୦୯ (ନି.ପ୍ର): ସାମାଜିକ ଅନୁଷ୍ଠାନ 'ଚେତନା' ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଦର୍ଶନ ନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏନେଇ ବାଲେଶ୍ୱର ସହରର ଆତିଥ୍ୟ ଭବନ ସଭାଗୃହରେ ଆୟୋଜିତ ସ୍ମୃତିସଭାରେ କବି ପ୍ରଶାନ୍ତ ଦାସ ସଭାପତିତ୍ୱ କରିଥିଲେ । ସଦର ବିଇଓ ମିହିର କୁମାର ପ୍ରଧାନ ଏଥିରେ ଯୋଗଦେଇ ସ୍ୱର୍ଗତ ସୁଦର୍ଶନ ନାୟକଙ୍କ ସହ ବିତାଇ ଥିବା ଅନ୍ତରଙ୍ଗ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ଜଣେ ନିର୍ଭୀକ, ନିଷ୍ଠାବାଦୀ ଓ ଦରଦୀ ସମାଜସେବୀ ଭାବରେ ସୁଦର୍ଶନ ନାୟକ ଯେଉଁ ପରିଚୟ ସୃଷ୍ଟି କରିଯାଇଛନ୍ତି, ତାହା ଆଗାମୀ ପିଢିଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେତନା ପକ୍ଷରୁ ସିଦ୍ଧାନ୍ତ ଶେଖରରାଉଳ, ଉପଦେଷ୍ଟା ମୁରଲୀଧର ନାୟକ, ପୂର୍ଣ୍ଣଚନ୍ଦ୍ରମହାନ୍ତି, ସଂଗଠକ ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଉତ୍ପଳ ମହାନ୍ତି, ବାଞ୍ଛାନିଧି ଦାସ, ତାପସକୁମାର ପ୍ରଧାନ, ଦୀପକକୁମାର ଦାସ, ଅବସରପ୍ରାପ୍ତ ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ସମାଜସେବୀ ସାହିରୁଲହକ୍, ସୁରେନ୍ଦ୍ରନାଥ କର, ଡ. ଶାନ୍ତନୁ କୁମାର ଦାସ, ଚନ୍ଦ୍ରଭାଗା ନିର୍ଦ୍ଦେଶକ କବି ଶ୍ରୀଦେବ, ବିକର୍ତ୍ତନ ନାୟକ, ସରକାରୀ ଓକିଲ ଅଶୋକ କୁମାର ସେନାପତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନ ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida

❒ Editor: Sairindhree Sahoo